ସକାଳ ୯.୩୦ ମିନିଟ୍ – ବିଧାନସଭା ପାର୍ଶ୍ୱ ଗେଟ୍ ନଂ ୧ ସ୍ଥିତ ଶହୀଦ ଲକ୍ଷ୍ମଣ ନାଏକଙ୍କ ପ୍ରତିମୂର୍ତ୍ତିରେ **ଶ୍ରୀମତୀ ସୁରମା ପାଢ଼ୀ**, ବାଚସ୍ପତି, ଓଡ଼ିଶା ବିଧାନସଭା **ଶ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ,** ମନ୍ତ୍ରୀ,ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ଏବଂ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ

ସନ୍ଧ୍ୟା ୬ ଘଟିକା | ସାଧାରଣ ସଭା | ଜୟଦେବ ଭବନ, ଭୁବନେଶ୍ୱର

ମୁଖ୍ୟ ଅତିଥି
**ଶ୍ରୀ ନିତ୍ୟାନନ୍ଦ ଗଣ୍ଡ**
ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ

ସମ୍ମାନନୀୟ ଅତିଥି
ଅବିଭକ୍ତ କୋରାପୁଟ ଜିଲ୍ଲାର ସାଂସଦ ଓ ବିଧାୟକବୃନ୍ଦ

ମୁଖ୍ୟବକ୍ତା
**ଡ. ବାସନ୍ତୀ ମହାନ୍ତି**
ବିଶିଷ୍ଟ ଶିକ୍ଷାବିତ୍ ଏବଂ ସ୍ତମ୍ଭକାର

ଧନ୍ୟବାଦ ଅର୍ପଣ
**ଇଂ ଗୋଦାବରୀଶ ମହାପାତ୍ର**
ଉପ ସଭାପତି, ଶବରୀ ସାଂସ୍କୃତିକ ସଂସଦ, ଭୁବନେଶ୍ୱର

**ବିଶିଷ୍ଟ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ଜନଜାତି ସଂଗୀତ ପରିବେଷଣ**

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଶବରୀ ସାଂସ୍କୃତିକ ସଂସଦ, ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସମାରୋହରେ ଯୋଗଦେବାକୁ ବିନମ୍ର ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR

"ପ୍ରତ୍ୟେକ ଧର୍ମ ମନୁଷ୍ୟ ଜାତିକୁ ସାହାଯ୍ୟ କରିଛି। ପ୍ରତ୍ୟେକ ଧର୍ମ ମଧ୍ୟ କେତେକ ସଂଖ୍ୟକ ଆତ୍ମାଙ୍କୁ ଉଦ୍ଧାର କରିଛନ୍ତି। କିନ୍ତୁ କୌଣସି ଧର୍ମ ଏ ପର୍ଯ୍ୟନ୍ତ ମନୁଷ୍ୟ ଜାତିକୁ ସାମଗ୍ରିକ ଭାବେ ଆଧ୍ୟାତ୍ମିକ ଭାବାପନ୍ନ କରି ପାରିନାହାନ୍ତି। ସେଥିପାଇଁ ପରମ୍ପରା ବା ପ୍ରଥାର ଆବଶ୍ୟକତା ନାହିଁ। ଆଧ୍ୟାତ୍ମିକ-ବିବର୍ତ୍ତନ ପାଇଁ ଏକ ନିରନ୍ତର ଓ ସର୍ବବ୍ୟାପୀ ପ୍ରୟାସର ଆବଶ୍ୟକତା ରହିଛି। -ଶ୍ରୀଅରବିନ୍ଦ



# ଆଇଆର୍‌ଏସ୍‌ରୁ ଏମ୍‌ଏଲ୍‌ଏ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ସୁଜିତ କୁମାର ମାତ୍ର ୫୧ ଦିନରେ ବିହାର ପ୍ରିନ୍ସିପାଲ କମିଶନରରୁ ଯାଇ ବିହାର ରାଜଗୀର ଗୋରା ବାଉରାମର ଭାଜପା ବିଧାୟକ ହୋଇଗଲେ। ସାଧାରଣତଃ ଏପରି ପରିବର୍ତ୍ତନ ପାଇଁ ଅନେକ ମାସ ଧରି କାଗଜପତ୍ର କାମ, ମଞ୍ଜୁରୀ ଏବଂ ରାଜନୈତିକ ବୁଝାମଣା ଜାରି ରହେ। ସେପ୍ଟେମ୍ବର ୧୩ରେ ସିବିଡିଟି ଏକ ପଦୋନ୍ନତି ତାଲିକା ଜାରି କରିଥିଲା ଯେଉଁଥିରେ ୨୦୦୧ ବ୍ୟାଚ୍‌ର ୨୦ ଜଣ ଆଇଆରଏସ୍-ଆଇଟି ଅଧିକାରୀଙ୍କୁ ଅସ୍ୱାଭାବିକ ଭାବରେ ସାମିଲ କରାଯାଇଥିଲା, ଯେଉଁଠି ସେମାନଙ୍କ ସମକକ୍ଷ ଅନେକ ଆଇଏଏସ୍ ଏ ପର୍ଯ୍ୟନ୍ତ ପଦୋନ୍ନତିକୁ ଅପେକ୍ଷାରେ ରହିଛନ୍ତି। କୁମାର ସେମାନଙ୍କ ମଧ୍ୟରେ ଥିଲେ। ୧୦ଦିନ ପରେ ତାଙ୍କୁ ଏବଂ ଅନ୍ୟମାନଙ୍କୁ ପଦୋନ୍ନତି ଭିତରେ ନିଯୁକ୍ତି କରାଯାଇଥିଲା। ସେପ୍ଟେମ୍ବର ୨୫ରେ ସେ ସ୍ୱେଚ୍ଛାକୃତ ଅବସର ପାଇଁ ଆବେଦନ କରିଥିଲେ। ଏଭଳି ଅବସର ପାଇଁ ଯେଉଁଠି ୩ ମାସ ଲାଗିବା କଥା, କିନ୍ତୁ ରାଷ୍ଟ୍ରପତି ଭବନ ମାତ୍ର ୧୫ ଦିନ ମଧ୍ୟରେ ତାହାକୁ ମଞ୍ଜୁର କରିଥିଲା। କୁମାର ଅକ୍ଟୋବର ୧୩ ରେ ଭାଜପାରେ ଯୋଗଦେବାର ୨୪ ଘଣ୍ଟା ମଧ୍ୟରେ ପ୍ରାର୍ଥୀ ଭାବରେ ତାଙ୍କ ନାମ ଘୋଷଣା କରାଯାଇଥିଲା। ପରଦିନ ସେ ନାମାଙ୍କନ ଦାଖଲ କରିଥିଲେ। ନଭେମ୍ବର ୬ରେ ଭୋଟଗ୍ରହଣ କରାଯାଇଥିଲା ଏବଂ ନଭେମ୍ବର ୧୪ରେ ଜିତିଥିଲେ। ପୂର୍ବତନ ଆଇଏଏସ୍ ଅଧିକାରୀ ଆର୍. କେ. ସିଂହ ତଥା ଜଣେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ମୁହଁ ଖୋଲିବା ଯୋଗୁ ନିକଟରେ ତାଙ୍କୁ ଭାଜପାରୁ ବହିଷ୍କାର କରାଯାଇଥିଲା। ଆଶା କରାଯାଉଛି, ସୁଜିତ କୁମାରଙ୍କ ପାଇଁ ଏପରି କୌଣସି ଅସ୍ଥିରତା ଆସିବ ନାହିଁ। ଏହାର ଅର୍ଥ ନୁହେଁ ଯେ କୁମାରଙ୍କ ପାଖରେ ଯୋଗ୍ୟତାର ଅଭାବ ଅଛି। ତାଙ୍କୁ ଉଜ୍ଜ୍ୱଳ, ମହତ୍ତ୍ୱାକାଂକ୍ଷୀ ଏବଂ ରାଜନୈତିକ ସଚେତନଶୀଳ ବ୍ୟକ୍ତି ଭାବେ ବିବେଚନା କରାଯାଏ।

### ବଡ଼ ଅଦଳବଦଳର ସୂଚନା

ବିହାରରେ ବିଜୟ ପରେ ମୋଦି ସରକାର ପ୍ରଶାସନିକ ପୁନର୍ଗଠନର ସଙ୍କେତ ଦେଇଛନ୍ତି। ଉଲ୍ଲେଖନୀୟ ପଦକ୍ଷେପ କ୍ରମେ ରାଜସ୍ଥାନର ନୂତନ ମୁଖ୍ୟ ଶାସନ ସଚିବ ଭାବେ ଭି. ଶ୍ରୀନିବାସଙ୍କୁ ନିଯୁକ୍ତ କରାଯାଇଛି। ୧୯୮୯ ବ୍ୟାଚ୍ ଆଇଏଏସ୍ ଅଧିକାରୀ ଶ୍ରୀନିବାସଙ୍କର କେନ୍ଦ୍ରରେ କାର୍ଯ୍ୟକରିବାର ବ୍ୟାପକ ଅଭିଜ୍ଞତା ଥିଲେ ମଧ ତାଙ୍କୁ କେନ୍ଦ୍ରକୁ ଫେରାଇ ନିଆ ନ ଯାଇ ଏଭଳି ନିଯୁକ୍ତି ଦିଆଗଲା। ପ୍ରଶାସନିକ ସଂସ୍କାର, ପେନ୍‌ସନ ଓ ଅଭିଯୋଗରେ କେନ୍ଦ୍ରୀୟ ସଚିବ ଭାବରେ ତାଙ୍କର ଏକ ଭିନ୍ନ ଦୃଷ୍ଟିକୋଣ ଥିଲା। ଏବେ ସେ ଜୟପୁରର ସଚିବାଳୟରେ ସେହି ଦୃଷ୍ଟିକୋଣ ଆପଣାଇବେ ବୋଲି ଆଶା କରାଯାଉଛି। ଶ୍ରୀନିବାସ ସେପ୍ଟେମ୍ବର ୨୦୨୬ରେ ଅବସର ନେବାକୁ ଯାଉଛନ୍ତି, ଅର୍ଥାତ୍ ସରକାର ସମୟ ବୃଦ୍ଧି ନ କଲେ ତାଙ୍କୁ ଦେଢ଼ବର୍ଷରୁ କମ୍ ସମୟ ମିଳିବ। ଏହି ସମୟରେ ତାଙ୍କ ପୂର୍ବବର୍ତ୍ତୀ ଅଧିକାରୀ ସୁଧାଂଶ ପନ୍ତଙ୍କୁ ଦିଲ୍ଲୀ ଫେରାଇ ନିଆଯାଇଛି। ଆସନ୍ତା ବର୍ଷ ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ସଚିବ ଭାବରେ ସେ ଦାୟିତ୍ୱ ଗ୍ରହଣ କରିବେ, ହେଲେ ତା'ପୂର୍ବରୁ ତାଙ୍କୁ ଅଫିସର୍ସ ଅନ୍ ସ୍ପେଶିଆଲ ଡ୍ୟୁଟି ଭାବରେ କିଛିଦିନ ପାଇଁ ରଖାଯାଇଛି। କିନ୍ତୁ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍, ଭିନ୍ନକ୍ଷମ ସଶକ୍ତୀକରଣ ସମେତ ଅନେକ ମନ୍ତ୍ରଣାଳୟରେ ବହୁ ବରିଷ୍ଠ ପଦବୀ ଖାଲି ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ପଷ୍ଟ ଭାବରେ ରାଜନୈତିକ ପ୍ରାଥମିକତା ଭିତ୍ତିରେ ପ୍ରଶାସନକୁ ପୁନଃ ସନ୍ତୁଳନ କରିବା ପାଇଁ ପ୍ରମୁଖ ପଦବୀଗୁଡ଼ିକରେ ନିଯୁକ୍ତିର ପଥ ଖୋଲା ରଖିଛନ୍ତି। ଏହା ଏକ ପ୍ରସ୍ତାବନା। ଦିଲ୍ଲୀର ଅନେକେ ବିଶ୍ୱାସ କରନ୍ତି , ପ୍ରକୃତ ପଦକ୍ଷେପ ରାଜନୈତିକ ସ୍ତରରେ ନିଆଯିବ। କେନ୍ଦ୍ରରେ ପ୍ରମୁଖ ସଚିବ ପଦବୀଗୁଡ଼ିକ ଖାଲି ପଡ଼ିଛି ଏବଂ ବରିଷ୍ଠ ଅଧିକାରୀଙ୍କୁ ଚୁପ୍‌ଚାପ ପୁନଃ ଅବସ୍ଥାପିତ କରାଯାଉଛି। ଏଥିରୁ ବୁଝାପଡୁଛି , କିଛି ବଡ଼ କାର୍ଯ୍ୟ ପାଇଁ ଭିତ୍ତିଭୂମି ପ୍ରସ୍ତୁତ ହେଉଛି।

### ସିଏପିଏଫ୍‌ରେ ଆଇପିଏସ୍

ଅନେକ ଦଶନ୍ଧି ଧରି ଭାରତର କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀ (ସିଏପିଏଫ୍)ର ଶୀର୍ଷ ଅଧିକାରୀ ପଦବୀ ଆଇପିଏସ୍ ଦଖଲରେ ରହିଆସିଛି। ଏବେ ସୁପ୍ରିମକୋର୍ଟ ଏକ ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ସେହି ଧାରାରୁ ଓହରିଯିବା ପାଇଁ କହିଛନ୍ତି। କେନ୍ଦ୍ରର ସମୀକ୍ଷା ଆବେଦନକୁ କୋର୍ଟ ଖାରଜକରି ମେ ୨୦୨୫ରେ ଆଇପିଏସ୍ ଡେପୁଟେଶନର ପର୍ଯ୍ୟାୟକ୍ରମେ ହ୍ରାସ ପାଇଁ ପୂର୍ବରୁ ଦେଇଥିବା ରାୟ ବଳବତ୍ତର ରଖିଛନ୍ତି। ଏପରିକି ସ୍ଥିତିରେ ପରିବର୍ତ୍ତନ ପାଇଁ ୨ ବର୍ଷ ସମୟ ଦେଇଛନ୍ତି ଏବଂ ଏହାକୁ କୌଣସି ପ୍ରକାରେ ବୃଦ୍ଧି କରାଯିବ ନାହିଁ ବୋଲି କୋର୍ଟ କହିଛନ୍ତି। ସମ୍ପ୍ରତି ସିଏପିଏଫ୍‌ରେ ସମସ୍ତ ଆଇଜି ପଦବୀର ଅଧା ଏବଂ ଡିଆଇଜି ପଦବୀର ଏକପଞ୍ଚମାଂଶ ଆଇପିଏସ୍ ଅଧିକାରୀଙ୍କ ପାଇଁ ସଂରକ୍ଷିତ। ସେହି ଧାରା ଦଶନ୍ଧି ଧରି ପଦାନୁକ୍ରମରେ ରହିଆସିଛି। ଅନେକ ସଂଖ୍ୟକ ସିଏପିଏଫ୍ ଅଧିକାରୀ ଆଇଜି ପଦବୀ ପାଇଁ ୩୦ ବର୍ଷ ଅପେକ୍ଷା କରିଛନ୍ତି। ଏହି ରାୟ ମଧ କୁହାଯାଇଛି, କ୍ୟାଡର ପାଇଁ ସିଏପିଏଫ୍‌ଗୁଡ଼ିକୁ ପୂର୍ଣ୍ଣ ସଂଗଠିତ ଗୋଷ୍ଠୀ ଭାବେ ଦେଖିବା ସହ ତାହାକୁ ସେବା ଭାବରେ ବ୍ୟବହାର କରାଯିବା ଉଚିତ । ସରକାରଙ୍କ ଅନୁଯାୟୀ, ସିଏପିଏଫ୍ ଗ୍ରୁପ୍ 'ଏ' କାର୍ଯ୍ୟନିର୍ବାହୀ କ୍ୟାଡରରେ ମାତ୍ର ୧.୪% ଆଇପିଏସ୍ ଅଧିକାରୀ ଅଛନ୍ତି। କିନ୍ତୁ କାହାକୁ ପଦୋନ୍ନତି ଦିଆଯିବ କାର୍ଯ୍ୟାଳୟର କୋଣରେ ବସିଥିବା ଏହି ବର୍ଗ ହିଁ ନିଷ୍ପତ୍ତି ନିଅନ୍ତି। ଏହା ରାତାରାତି ଆଇପିଏସ୍ ପ୍ରଭାବକୁ ଶେଷ କରିଦେବା ଅସମ୍ଭବ। ଏହି ଯୁଦ୍ଧ ଏବେ କ୍ୟାଡର ସମୀକ୍ଷା କମିଟି, ସେବା ନିୟମ ବିଭ୍ରାଟ ଏବଂ ନର୍ଥ ବ୍ଲକ୍‌ର ଅମଲାତାନ୍ତ୍ରିକ ଖୋଳତାଡ଼ ପର୍ଯ୍ୟନ୍ତ ଗତି କରିବ। ହେଲେ କିଛି ବଡ଼ ପରିବର୍ତ୍ତନ ହୋଇଛି ବୋଲି କୁହାଯାଇପାରେ।

Email: dilipcherian@gmail.com

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 7 | | | | 2 |
| | | | | 5 | | | | 6 |
| 3 | 9 | | | | | 7 | | |
| | 5 | | | | 3 | 8 | | |
| | 4 | | 7 | | | 3 | | |
| 7 | | | 4 | 6 | | | | |
| 2 | | | | 8 | | | | |
| 9 | 7 | | | | | 4 | | |
| | | | | | 9 | 5 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 6 | 9 | 1 | 7 | 8 | 3 | 2 | 4 |
| 2 | 7 | 1 | 6 | 3 | 4 | 8 | 5 | 9 |
| 4 | 8 | 3 | 9 | 2 | 5 | 6 | 1 | 7 |
| 1 | 3 | 7 | 5 | 4 | 2 | 9 | 8 | 6 |
| 9 | 5 | 4 | 8 | 6 | 1 | 7 | 3 | 2 |
| 8 | 2 | 6 | 3 | 9 | 7 | 5 | 4 | 1 |
| 3 | 1 | 2 | 7 | 8 | 9 | 4 | 6 | 5 |
| 7 | 4 | 8 | 2 | 5 | 6 | 1 | 9 | 3 |
| 6 | 9 | 5 | 4 | 1 | 3 | 2 | 7 | 8 |

ଗତକାଲିର ଉତ୍ତର

# ଗୋଟିଏ ନାମ ଦୁଇଟି ଦେଶ



ବୈକୁଣ୍ଠନାଥ ମିଶ୍ର

ଓଡ଼ିଶାର ପଡ଼ୋଶୀ ରାଜ୍ୟ ଛତିଶଗଡ଼ର ରାଜଧାନୀ ରାୟପୁର ସହରରେ ମୋର ଆତ୍ମଜ ଏକ ପ୍ରତିଷ୍ଠିତ ବ୍ୟାଙ୍କର ପରିଚାଳକ ଥିବା ଅବସରରେ ପ୍ରାୟ ପାଞ୍ଚବର୍ଷ ତଳେ ଆମେ ସେଠାକୁ ଭ୍ରମଣରେ ଯାଇଥିଲୁ। ତୁଳସୀ ବୋଲି ଜଣେ ମଧ୍ୟ ବୟସ୍କା ସ୍ତ୍ରୀ ଲୋକ ଘରପାଇଟି କରିବାକୁ ଆସେ। ସେ ଆମ ରାଜ୍ୟର ନୂଆପଡ଼ାର ବାସିନ୍ଦା। ସେ ଓଡ଼ିଆ କମ କହେ କିନ୍ତୁ ହିନ୍ଦୀ ସତେ ଯେମିତି ତା'ର ମାତୃଭାଷା। ମୁଁ ଥରେ ତାକୁ କହିଲି ତୁମେ ତ ଓଡ଼ିଆ। ଓଡ଼ିଆରେ ଆମସହ କଥା ହେଉନ କାହିଁକି ? ତା'ର ଉତ୍ତର ଥିଲା ହଁ ଆଜ୍ଞା ଆମେ ଓଡ଼ିଆ କିନ୍ତୁ ତୁମେମାନେ ତ ଓଡ଼ିଆ ନୁହଁ ନା। ତୁମେ ସବୁ ବଙ୍ଗାଳୀ କିମ୍ବା ମାରୱାଡି। ତୁମ ଭାଷା କିଛି ବୁଝିହେଲେ ମଧ୍ୟ ଆମେ କହିପାରିବୁ ନାହିଁ। ଆମେ ଯେତେ ବୁଝାଇଲେ ମଧ୍ୟ ସେ ବୁଝିଲା ନାହିଁ। ତା'ର ଯୁକ୍ତି ହେଲା ତୁମେ ଯଦି ଓଡ଼ିଆ ହୋଇଥାନ୍ତ ତେବେ ଆମପରି ପର ମୁଲକରେ କାମ କରୁଥାନ୍ତ। ଯେହେତୁ ତୁମେ ଆମ ପରି ମଳିମୁଣ୍ଡିଆ ନୁହଁ, ତେଣୁ ତୁମେ ଓଡ଼ିଆ ନୁହଁ। ତା' କଥାରୁ ବୁଝାପଡ଼ିଲା ଯେ ଯେଉଁମାନେ ପର ରାଜ୍ୟରେ ମୂଲଲାଗି କିମ୍ବା ଦାଦନଖଟି ପେଟ ପୋଷନ୍ତି, ସେମାନେ ସବୁ ଓଡ଼ିଆ ଓ ଅନ୍ୟମାନେ ଅଣଓଡ଼ିଆ। ଆମକୁ ସେମାନେ ଅଣଓଡ଼ିଆ ବୋଲି ବିବେଚନା କରନ୍ତି। ସେ ଆଉ ଯେଉଁ କଥା କହିଲା ତାହା କମ୍ ବିସ୍ମୟକର ନୁହେଁ। ସେ କହିଲା କଟକ ଭୁବନେଶ୍ୱରରେ ଯେଉଁମାନେ ରହନ୍ତି ସେମାନେ ବଡ଼ଲୋକ। ସୁତରାଂ ଓଡ଼ିଆ ନୁହନ୍ତି। ମୋ ମନ ମଧ୍ୟରେ ଏକ ଅସମାହିତ ପ୍ରଶ୍ନ ଉଙ୍କି ମାରିବାକୁ ଲାଗିଲା ଯେ ଓଡ଼ିଶା ଭୌଗୋଳିକ ଦୃଷ୍ଟିରୁ ଏକ ହେଲେ ମଧ୍ୟ ଅର୍ଥନୀତି ଦୃଷ୍ଟିରୁ ଓଡ଼ିଶା ଦୁଇଟି- ଯଥା ଧନୀରାଜ୍ୟ ଓ ଗରିବ ରାଜ୍ୟ।

ଭାରତର ଅବସ୍ଥା ମଧ୍ୟ ଅନୁରୂପ। ଅର୍ଥନୈତିକ ଦୃଷ୍ଟିକୋଣରୁ ଭାରତ ଦୁଇ ଭାଗରେ ବିଭକ୍ତ ଯଥା ଧନିକ ଭାରତ ଓ ଗରିବ ଭାରତ। ଜଣେ ବ୍ୟକ୍ତିର ସ୍ଥିତି (ଷ୍ଟାଟସ୍)କୁ ଦେଖି ସେ ଧନୀ କିମ୍ବା ଗରିବ ତାହା ନିର୍ଦ୍ଧାରଣ କରାଯାଏ। ଧନୀ ଗରିବଙ୍କ ମଝିରେ ମଧ୍ୟବିତ୍ତର ଉପସ୍ଥିତି ଅଛି କିନ୍ତୁ ସ୍ଥିତି ନାହିଁ। କିନ୍ତୁ ଦେଶର ମଧ୍ୟବିତ୍ତ ଗୋଷ୍ଠୀ ଅଧିକ ଟିକସ ଦିଅନ୍ତି, ବଜାରକୁ ସକ୍ରିୟ ଓ ଅର୍ଥନୀତିକୁ ଚଳମାନ କରନ୍ତି। ୨୦୨୫ ମେ ୨୪ରେ ନୀତି ଆୟୋଗ ଦଶମ ଗଭର୍ନିଂ କାଉନ୍‌ସିଲ ବୈଠକ ପରେ ଆୟୋଗର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ବି.ଭି. ଆର୍ ସୁବ୍ରମଣ୍ୟମ୍ ଗଣମାଧ୍ୟମକୁ ସୂଚନା ଦେଇ କହିଲେ ଯେ ଭାରତର ପ୍ରଖର ବିକାଶଧାରା ଯୋଗୁ



ଭାରତ ଜାପାନକୁ ଅତିକ୍ରମ କରି ବିଶ୍ୱର ଚତୁର୍ଥ ଅର୍ଥନୀତିରେ ପରିଣତ ହୋଇଛି। ଆନ୍ତର୍ଜାତିକ ମୁଦ୍ରା ପାଣ୍ଠିର ଆକଳନ ଅନୁଯାୟୀ ସୁବ୍ରମଣ୍ୟମ୍ ଏପରି ତଥ୍ୟ ଦେଲାପରେ ଭାରତୀୟମାନେ ଉତ୍‌ଫୁଲ୍ଲିତ ହୋଇପଡ଼ିଛନ୍ତି। ସୁବ୍ରମଣ୍ୟମ୍‌ଙ୍କ ପ୍ରଦତ୍ତ ତଥ୍ୟ ଅନୁସାରେ ଭାରତର ଜି.ଡି.ପି. ୨୦୨୫ ସୁଦ୍ଧା ୪୧୮୭.୦୩ ବିଲିୟନ ଡଲାରରେ ପହଞ୍ଚିଥିବା ବେଳେ ଜାପାନର ଜି.ଡି.ପି. ୪୧୮୬.୪୩ ବିଲିୟନ ଡଲାର ଅଛି। ଭାରତର ଅର୍ଥନୀତି ଅତ୍ୟନ୍ତ ସୁଦୃଢ଼ ବୋଲି ସରକାର ଡିଣ୍ଡିମ ପିଟୁଛନ୍ତି। କିନ୍ତୁ ଅପର ପକ୍ଷେ ଦେଖିଲେ ସେହି ଅବଧିରେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ୮୧କୋଟି ୩୫ଲକ୍ଷ ଲୋକଙ୍କୁ ମାଗଣା ଖାଦ୍ୟଶସ୍ୟ ବଣ୍ଟନ ଏକ ବିରୋଧାଭାସ ନୁହେଁ କି ? ଅନ୍ୟ ଅର୍ଥରେ କହିଲେ ୧୪୦ କୋଟି ଲୋକଙ୍କ ମଧ୍ୟରେ ୮୧କୋଟି ୩୫ଲକ୍ଷ ଲୋକ ନିଚ୍ଛକ ଗରିବ, ଯେଉଁମାନେ ଉଦର ପୂରଣ ପାଇଁ ସରକାରଙ୍କୁ ହାତ ପାତନ୍ତି।

କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ୍ ଗଡକରୀ ଗତ ଜୁନ୍‌ରେ ନାଗପୁରଠାରେ ଏକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ କହିଛନ୍ତି ଯେ ଗରିବଙ୍କ ସଂଖ୍ୟା ବଢୁଥିଲା ବେଳେ ହାତଗଣତି କିଛି ଲୋକଙ୍କ ପାଖରେ ପ୍ରଚୁର ଧନ ଠୁଳ ହୋଇଛି। ଏଥିରୁ ସୂଚନା ମିଳେ ଯେ ଦେଶର ଜି.ଡି.ପି. ବଢୁଛି ସତ ; କିନ୍ତୁ ସମତାଳରେ ଗରିବଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଉଛି। କରୋନା ମହାମାରୀ ସମୟରେ ଲକ୍ଷ ଲକ୍ଷ ଲୋକ ଜୀବିକା ହରାଇଲେ ଓ ଦୋକାନ ବଜାର ସବୁ ବନ୍ଦ ହୋଇଗଲା। କିନ୍ତୁ ଆଶ୍ଚର୍ଯ୍ୟର କଥା ସେହି ସମୟରେ ବଡବଡ କମ୍ପାନୀଗୁଡ଼ିକ ପ୍ରଚୁର ଲାଭକଲେ। ରିଜର୍ଭ ବ୍ୟାଙ୍କର ତଥ୍ୟ ଅନୁଯାୟୀ କରୋନା ସମୟରେ ବଜାର କାରବାର କମ୍ ହେବା ସତ୍ତ୍ୱେ କମ୍ପାନୀଗୁଡିକର ଲାଭ ୧୧୫.୬ ପ୍ରତିଶତ ବୃଦ୍ଧି ପାଇଲା। ଅର୍ଥନୀତିର ଯେଉଁ ସୁଧାର ଆସିଛି ବୋଲି ଆମେ ଉଲ୍ଲସିତ ହେଉଛୁ, ତା'ର ବାସ୍ତବତା ହେଲା ଧନୀ ଓ କ୍ଷମତାଶାଳୀ ବର୍ଗର ଲୋକେ ଲାଭବାନ ହୋଇଛନ୍ତି। ଅନ୍ୟ ସମସ୍ତଙ୍କ ଭାଗ୍ୟ ନୈରାଶ୍ୟ ମଧ୍ୟକୁ ଠେଲି ହୋଇଯାଇଛି। ସେମାନେ ଉପେକ୍ଷିତ। ଚିନ୍ତାର ବିଷୟ ଏହା ଯେ ମଧ୍ୟବିତ୍ତ ବର୍ଗର ଚାକିରିଆମାନେ କମ୍ପାନୀମାନଙ୍କ ତୁଳନାରେ ଅଧିକ ଟିକସ ଦେଉଥିଲେ ମଧ୍ୟ ସେମାନେ ଅବହେଳିତ।

ବର୍ତ୍ତମାନର ସ୍ଥିତି ଜଟିଳ। ୧୦ଭାଗ ଲୋକଙ୍କ ପାଖରେ ଦେଶର ଅଧାରୁ ଅଧିକ ସମ୍ପତ୍ତି ଥିବାବେଳେ ୯୦ଭାଗ ଲୋକଙ୍କ ପାଖରେ ଅଛି ଅବଶିଷ୍ଟ ସମ୍ପତ୍ତି। ଗରିବର ସଂଗ୍ରାମ ଶେଷ ହେଉନାହିଁ ଯଦିଓ ସରକାର ପରେ ସରକାର ଆସି ଗରିବର ବନ୍ଧୁ ବୋଲି ନିଜକୁ ଅଭିହିତ କରନ୍ତି। ଇନ୍ଦିରା ଗାନ୍ଧୀଙ୍କ ପ୍ରଧାନମନ୍ତ୍ରିତ୍ୱ କାଳରେ ଗରିବୀ ହଟାଓର ସ୍ଲୋଗାନ ଦିଆଯାଇଥିଲେ ମଧ୍ୟ ତାହା ବଢ଼ି ଚାଲିଛି। ସହରରେ ସୁଦୃଶ୍ୟ ପ୍ରାସାଦ ଗଢ଼ିଉଠୁଥିବା ବେଳେ ଗ୍ରାମୀଣ ତଥା କ୍ଷୁଦ୍ର ସହରର ଗରିବ ବାସିନ୍ଦା ଭବିଷ୍ୟତ ଚିନ୍ତାରେ ଉଦ୍‌ବିଗ୍ନ। ଏଥିରୁ ମନେହୁଏ ସତେ ଯେପରି ଦୁଇଟି ସମାନ୍ତରାଳ ଭାରତ ପୃଥକଭାବେ ଗତି କରୁଛନ୍ତି। ଗୋଟିଏ ଧନୀ ଓ ଗୋଟିଏ ଗରିବ ଭାରତ। ଗତମାସରେ ଯେତେବେଳେ କେନ୍ଦ୍ର ସରକାର ଜି.ଏସ.ଟି. ସଂଶୋଧନ କଲେ ସେତେବେଳେ ଆଶା ଜାଗ୍ରତ ହେଲା ଯେ ଦ୍ରବ୍ୟର ମୂଲ୍ୟ ଆନୁପାତିକ ଭିତ୍ତିରେ ହ୍ରାସ ପାଇବ ଓ ଗରିବ ଉପକୃତ ହେବେ। କିନ୍ତୁ ବାସ୍ତବ କ୍ଷେତ୍ରରେ ଆବଶ୍ୟକୀୟ କୌଣସି ଦ୍ରବ୍ୟ ଶସ୍ତା ହୋଇନାହିଁ। ଗରିବଟି ତେଲ, ଲୁଣ, ଔଷଧ ଇତ୍ୟାଦି ଯେଉଁ ଦରରେ କିଣୁଥିଲା ଏବେ ମଧ୍ୟ ତାହା ଅପରିବର୍ତ୍ତିତ ଅଛି। ଗାଡିମୋଟର ଉପରେ ଟିକସ ଶସ୍ତା ହେଲେ ଗରିବର କି ଦୁଃଖ ଯାଏ ? ଭାରତ ସରକାର ସର୍ବନିମ୍ନ ମଜୁରି ଦୈନିକ ୧୭୮ଟଙ୍କା ଧାର୍ଯ୍ୟ କରିଛନ୍ତି। ଯେତେ ବ୍ୟୟ ସଂକୋଚ ନୀତି ଆପଣେଇଲେ ମଧ୍ୟ ଏତିକି ଟଙ୍କାରେ ଗୋଟିଏ ପରିବାର ଚଳିପାରିବ ନାହିଁ।

କୃଷକ ସଦାକାଳେ ଗରିବ। ଆଗକୁ ରହିଥିବ ମଧ୍ୟ। ମୋଟାମୋଟି ଭାବେ କହିବାକୁ ଗଲେ ଆମେ ଦୁଇଟି ପୃଥକ ଭାରତ ଗଠନ କରି ସାରିଛୁ। ଯଦି ମଧ୍ୟବିତ୍ତ ଓ ନିମ୍ନ ମଧ୍ୟବିତ୍ତଙ୍କୁ ଗରିବ ତାଲିକାରେ ଯୋଗ କରାଯାଏ ତେବେ ଏ ବିଶାଳ ଭାରତବର୍ଷ ଏକ ବୃହତ୍ ଗରିବ ଦେଶ ହେବ। ଏବେ ସମୟ ଆସିଛି ଆମେ ଆମ ଆୟ ଓ ବ୍ୟୟର ଉତ୍ସକୁ ନେଇ ନିଜକୁ ଆକଳନ କରିବା ଆମେ କେଉଁ ଭାରତର ଅଧିବାସୀ। ଶ୍ରେଣୀହୀନ ଭାରତ ଗଠନଭଳି ଏକ ସମାଜବାଦୀ ଚିନ୍ତାଧାରାରୁ ବାହାରି ଆସି ଆମେ ଏକ ଶ୍ରେଣୀଯୁକ୍ତ ସମାଜ ଗଠନ କରି ସାରିଲୁଣି। ଧନୀ କଳାଧନର ପାହାଡ ସୃଷ୍ଟି କରି ଚାଲିଥିବା ବେଳେ ଗରିବ ନିଃସ୍ୱ ହେବାରେ ଲାଗିଛି। ଦିବ୍ୟ ଜନନୀ ଶ୍ରୀମାଙ୍କ ବାଣୀ ଏଠାରେ ପ୍ରଣିଧାନ ଯୋଗ୍ୟ। 'ଗୋଟିଏ ସ୍ଥାନରେ ମାଟି ପକାଇ ଉଚ୍ଚ କରିବାର ଅର୍ଥ ଅନ୍ୟ ଗୋଟିଏ ସ୍ଥାନରୁ ମାଟି ଖୋଳି ଖାଲ ସୃଷ୍ଟି କରିବା।' ସୁତରାଂ ଗରିବକୁ ଶୋଷଣ ନ କଲେ ଧନୀର ବିତ୍ତ ସାମ୍ରାଜ୍ୟ ବିସ୍ତାର ଲାଭ କରିପାରିବ ନାହିଁ। ଗରିବ କଲ୍ୟାଣକୁ ପ୍ରାଥମିକତା ଦିଆଯିବା ବାଞ୍ଛନୀୟ।

ସିଦ୍ଧଳ, ଜଗତ୍‌ସିଂହପୁର
ମୋ: ୯୯୩୭୪୫୦୫୪୦

# ବିଶ୍ୱାସ ମୂଳେ ଏ ଜଗତ

ରାଧାଶ୍ୟାମ ରାଉଳ

ଆଜିର ସମୟରେ, ବିଶ୍ୱାସ କରିହେଉନାହିଁ କାହାକୁ। ବିଶ୍ୱାସ ବନ୍ଧାପଡୁଛି, ସ୍ୱାର୍ଥ ପାଖରେ। ପ୍ରେମରେ, ଭକ୍ତିରେ, ସମ୍ପର୍କରେ, ବୃତ୍ତିରେ, ପ୍ରବୃତ୍ତିରେ, ପରିବାରରେ, ସମାଜରେ ପରସ୍ପର ପ୍ରତି ରହୁନାହିଁ ବିଶ୍ୱାସ। ଆଶଙ୍କା ଭିତରେ ଗତିକରିବାକୁ ପଡୁଛି ; କିଏ ଜାଣେ କେତେବେଳେ ବିଶ୍ୱାସରେ ମିଶିଯିବ ବିଷ ! ଜୀବନର ଅନେକ କ୍ଷେତ୍ରରେ ଆମେ ବେଶ୍ ଭଲଭାବେ ପରଖି ପାରୁଛୁ ଯେ, ବିଶ୍ୱସ୍ତ ବୋଲାଉଥିବା ବନ୍ଧୁ ପରବର୍ତ୍ତୀ ସମୟରେ ବିଶ୍ୱାସଘାତକ ହେଉଛନ୍ତି। ସମ୍ପର୍କରେ ସନ୍ଦେହର ସୂତ୍ରପାତ ହେଉଛି ! ଆମଭିତରୁ କେହି କ'ଣ ଦମ୍ଭର ସହ ଛାତିରେ ହାତ ବାଡ଼େଇ କହିପାରିବେ, ଆଜିର ଦିନରେ ବେଶ୍ ସୁରକ୍ଷିତ ବିଶ୍ୱାସର ବଳୟ !

ଦୀର୍ଘବର୍ଷର ବନ୍ଧୁତା ଭିତରେ ଜଣେ ବନ୍ଧୁ ଆଉଜଣେ ବନ୍ଧୁଙ୍କୁ ବିଶ୍ୱାସ କରିପାରୁ ନ ଥିବାବେଳେ କେହି ତୃତୀୟପକ୍ଷର ଚକ୍ରାନ୍ତ ଓ ଷଡ଼ଯନ୍ତ୍ର ହେତୁ ସମ୍ପର୍କରେ ସଙ୍କଟ ଉପୁଜିବା, ବନ୍ଧୁତାରେ ଫାଟ ସୃଷ୍ଟିହେବାର ନଜିର ଅନେକ ମିଳିବ ଆଜିର ସମୟରେ। ଭୁଲ୍ ବୁଝାମଣାରୁ ବନ୍ଧୁ ବନ୍ଧୁଙ୍କୁ ହୃଦୟହୀନ କହିପାରନ୍ତି, କର୍ତ୍ତୃପକ୍ଷ କର୍ମଚାରୀ ଉପରେ ତୋଡ ଦେଖେଇ ନିଜର କର୍ତ୍ତୃତ୍ୱ ଜାହିର କରିପାରନ୍ତି, ନେତା ଜନତାଙ୍କୁ ଆଗାମୀ ନିର୍ବାଚନରେ ପ୍ରତ୍ୟାଖ୍ୟାନ କରିପାରନ୍ତି ଏବଂ ସର୍ବୋପରି ପଡ଼ୋଶୀ ପଡ଼ୋଶୀଙ୍କ ପ୍ରତି ପ୍ରତିହିଂସାପରାୟଣ ହୋଇପାରନ୍ତି ! ତେବେ କଥା ଏତିକିରେ ସରୁନାହିଁ। ଏବେ ପରିସ୍ଥିତି ଏତେମାତ୍ରାରେ ଜଟିଳ ହୋଇଯାଇଛି ଯେ, ଭୁଲ୍ ବୁଝାମଣାଜନିତ ହିଂସା, ଅପରାଧ, ଅସହିଷ୍ଣୁତା ନିକଟରେ ବିଶ୍ୱାସ ବନ୍ଦୀ ହେବାକୁ ବାଧ ଯେମିତି। ଏହା ସତ୍ୟ ଯେ, ନିଜକୁ ବିଶ୍ୱାସୀ ବୋଲାଉଥିବା ବନ୍ଧୁମାନେ ପରବର୍ତ୍ତୀ ସମୟରେ ବିଶ୍ୱାସଘାତକ ସାଜୁଛନ୍ତି। ତେଣୁ ଏବେ ନିଜର କି ଆପଣାର ଲୋକ ବୋଲି କାହାକୁ ଭରସି ହେଉନାହିଁ। କାରଣ ଆପଣାର ଲୋକ ବିପଦ ଆପଦରେ ସାହାଯ୍ୟ କରିବେ କ'ଣ ଓଲଟି ମହରଗରୁ ନେଇ କାନ୍ତାରରେ ପକେଇ ଦେଉଛନ୍ତି। ଏଭଳି ଦୁଃସମୟ ଆସି ପହଞ୍ଚିଛି ଯେ, ଅନ୍ୟ କାହା କଥା କହିବା ଯେ ? ଖୋଦ ନିଜର ରକ୍ତ ପରା ନିଜକୁ ଜାଣୁନାହିଁ, ଚିହ୍ନୁନାହିଁ କି ବୁଝୁନାହିଁ। ଅଣ୍ଟି ଛୁରି ତଣ୍ଟି କାଟୁଛି ; ଏ ଅବ୍ୟକ୍ତକୁ ବ୍ୟକ୍ତକରିବା ହୁଏତ ମହାବିପଦ ନିଜ ପ୍ରତି !

ଏକ କବିତା ପାଠୋତ୍ସବରେ ଜନୈକ ଆଶୁ କବି ତାଙ୍କର ପଠିତ କବିତାରେ କୃତଜ୍ଞ ଓ କୃତଘ୍ନ ବ୍ୟକ୍ତିମାନଙ୍କର ସଂଜ୍ଞା, ସ୍ୱରୂପ ନିରୂପଣ କରୁଥିଲେ। କୃତଜ୍ଞ ହେଉଛନ୍ତି ସେହି ବ୍ୟକ୍ତି ଯିଏ ଉପକାର ସ୍ୱୀକାରକ। ଅର୍ଥାତ୍ ଉପକାର ମନେରଖି ଉପକାରୀ ନିକଟରେ ଯେ ନିଜକୁ ଋଣୀ ବୋଲି ମନେକରେ। ଅପରପକ୍ଷେ କୃତଘ୍ନ ବ୍ୟକ୍ତି କୃତଜ୍ଞ ବ୍ୟକ୍ତିର ଠିକ୍ ବିପରୀତ। ଏଠାରେ ଅବଶ୍ୟ ପ୍ରକାଶ କରିବାରେ ଆଦୌ ଅସୁବିଧା ନାହିଁ ଯେ, ଜନୈକ ଆଶୁ କବି ନିକଟ ଅତୀତରେ ଏକ ସାଙ୍ଗଠନିକ ନିର୍ବାଚନରେ ହାରିଯାଇଥିବାରୁ ଏବେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ଲୋକଚରିତ୍ରକୁ ବେଶ୍ ଭଲଭାବେ ବୁଝୁଛନ୍ତି, ହିସାବ କରି ମଧ ଦେଖୁଛନ୍ତି ; ଗତ ସାଙ୍ଗଠନିକ ନିର୍ବାଚନରେ କିଏ ତାଙ୍କୁ ସହଯୋଗ,ସମର୍ଥନ କରିଛନ୍ତି କିଏ କଥା ଦେଇ କଥା ରଖିନାହାନ୍ତି ! ତେଣୁ ଲୋକମାନଙ୍କର ଚରିତ୍ର ଓ ସଭାରେ ବୀତସ୍ପୃହ ହୋଇ ସେ ଏଭଳି କବିତା ଲେଖିବା ସ୍ୱାଭାବିକ ବୋଲି ସାଧାରଣରେ ରୀତିମତ ଚର୍ଚ୍ଚା ହେଉଛି। ତେବେ ତାଙ୍କ କବିତାରୁ ଗୋଟିଏ ବାର୍ତ୍ତା ସ୍ପଷ୍ଟ ଯେ, ଏବେ ସମାଜରେ କୃତଜ୍ଞଙ୍କ ସଂଖ୍ୟା କ୍ରମଶଃ କମି ଆସୁଥିବା ବେଳେ କୃତଘ୍ନଙ୍କ ସଂଖ୍ୟା ବଢ଼ିଚାଲିଛି !

କେହି କେହି ଆପଣଙ୍କ ପାଖକୁ ଆସି ଆପଣଙ୍କୁ ଉସ୍କେଇ ଓ ଫୁସୁଲେଇ କହିବେ, "ଆଜ୍ଞା, ଆପଣ ଠିକ୍ ଅଛନ୍ତି ଆପଣଙ୍କ ଜାଗାରେ ! ଜମାରୁ ବ୍ୟସ୍ତ ନ ହୋଇ ଆଗକୁ ଆଗେଇଚାଲନ୍ତୁ, ଆପଣଙ୍କ ବାଟରେ। ଆମେ ପା' ଅଛୁ, ଆପଣଙ୍କ ସାଥିରେ। ଆମେ ଏକଜୁଟ ହୋଇ ଲଢ଼ିବା ଦୁର୍ନୀତି, ଭ୍ରଷ୍ଟାଚାର, ଛଳନା, ପ୍ରତାରଣା, ଅନ୍ୟାୟ, ଅତ୍ୟାଚାର ବିରୁଦ୍ଧରେ।"

ସେଇଠୁ ଆପଣ ସେମାନଙ୍କ କଥାରେ ଭଳିଯାଇ ସେମାନଙ୍କୁ ବିଶ୍ୱାସ କରି ଭାବିବେ'ଯାହାହେଉ, ସତ୍ୟର ପୂଜାରୀ, ବିଶ୍ୱାସୀ, ନିର୍ଭୀକ ଓ ସଚ୍ଚାମଣିଷ ଏବେ ବି ଅଛନ୍ତି ଆମ ସମାଜରେ !' ହେଲେ ଆଜ୍ଞା,ଏସବୁ ଭାବନା, ଧାରଣା ସଫେଦ ପ୍ରହେଳିକା। ଠିକଣାବେଳରେ କେହି ଜଣେ ବି ପାଖରେ ନ ଥିବେ। ଆପଣ ବିଚରା ଏକା ଧରାପଡ଼ିଯିବେ ଯାହି। ବଡ଼ ବିଚିତ୍ର ଆଜ୍ଞା ଆମ ଲୋକଚରିତ୍ର। ବିଶ୍ୱସ୍ତ ବୋଲାଇ ଆପଣଙ୍କୁ ଭାଲୁ ଲାଙ୍ଗୁଡ଼ ଧରେଇଦେବେ, ଗଛକୁ ଚଢ଼େଇ ଦେଇ ଗଛ ମୂଳ ହାଣିଦେବେ। ସାମ୍ନାରେ ପ୍ରଶଂସା କରି ପଛରେ ଅପଦସ୍ଥ, ବଦନାମ କରିବାର ମସୁଧା କରୁଥିବେ। ସବୁ ଚାଲିଥିବ, ସ୍ୱାଭାବିକ ଢଙ୍ଗରେ, କିନ୍ତୁ କେତେବେଳେ ଯେ ଜଣେ ବିଶ୍ୱାସଘାତକତାର ଶିକାର ହୋଇଯିବେ ଅତି ଆକସ୍ମିକ ଭାବରେ ; ଆଗତୁରା ଜାଣିବା ଆଦୌ ସମ୍ଭବପର ନୁହେଁ, ସେ ସମ୍ପର୍କରେ। କାରଣ ବିଶ୍ୱାସଘାତକମାନେ ଆମରି ଲୋକ। ଆମରି ପାଖେପାଖେ ଥାଆନ୍ତି, ମଧୁର ବିନୟ ବଚନ କହି ମନ ତୋଷନ୍ତି। କିନ୍ତୁ ହଠାତ୍ ବଦଳିଯାଆନ୍ତି, ପଟ୍ଟ ପରିବର୍ତ୍ତନ କରିଦିଅନ୍ତି। ଦୀର୍ଘଦିନର ସମ୍ପର୍କକୁ ଉପେକ୍ଷା କରି ତତ୍କାଳ ଭେଳିକିରେ ଭଳିଯାଆନ୍ତି।

ବିଶ୍ୱାସର ବଳୟ ସଦାବେଳେ ଆଘାତପ୍ରବଣ। ପୁରାଣ ହେଉ କି ଇତିହାସ, ବେଦ ହେଉ କି ଉପନିଷଦ ; ଏହା ହିଁ ନିରାଟ ସତ୍ୟ ଓ ସର୍ବଜନବିଦିତ ; ଏ ସବୁଥିରେ ବିଶ୍ୱାସଘାତକତାର ପ୍ରମାଣ ବହୁତ ! ନାୟକମାନେ ବିଶ୍ୱାସଘାତକତାର ବଶବର୍ତ୍ତୀ ହୋଇ ପରାଜୟ ବରଣ କରିଛନ୍ତି, କେଉଁଠି କେଉଁଠି ମଧ ମୃତ୍ୟୁ ଲଭିଛନ୍ତି। ଖଳନାୟକମାନେ କ୍ଷମତାଧାରୀ ହୋଇ ସାମ୍ରାଜ୍ୟ, ସଭ୍ୟତା, ସଂସ୍କୃତି, ସାହିତ୍ୟ, ରାଜନୀତି, ସାମାଜିକ ବ୍ୟବସ୍ଥା ଇତ୍ୟାଦିରେ ମୋଡ଼ ବଦଳେଇ ଭାଗ୍ୟବିଧାତା ସାଜିଛନ୍ତି। ଏବେକାର ସମୟରେ ମଧ ଆମେ ପ୍ରାୟ ସଭିଏ ସେମନ୍ତ ଭେଳିକି ଓ ହାୱାରେ ମାତିଛନ୍ତି।

ବୀମାବିହାର, ମର୍କତନଗର, କଟକ
ମୋ:୯୪୩୭୦୯୦୯୮୫

## ଏଇ ଭାରତରେ

ରାଜସ୍ଥାନର ମରୁଭୂମି ଜିଲା ଭାବେ ବାର୍‌ମର ବେଶ୍ ଜଣାଶୁଣା। ଏହି ଅଞ୍ଚଳରେ ବର୍ଷର ସବୁ ସମୟରେ ପିଇବା ପାଣି ପାଇବା କଷ୍ଟକର। ଘରେ ରୋଷେଇ ଓ ଅନ୍ୟାନ୍ୟ କାମ ପାଇଁ ଆବଶ୍ୟକ ପାଣି ମହିଳାମାନେ ଯୋଗାଡ଼ କରି ରଖୁଥିବାରୁ ବହୁ ସମୟରେ ଏହି ଅଭାବ ସେମାନଙ୍କୁ ଚାପଗ୍ରସ୍ତ କରି ରଖେ। ଅନେକ ସମୟରେ ଜିଲାର ବିଭିନ୍ନ ଅଞ୍ଚଳରେ ଥିବା ବଡ଼ ବାମ୍ପିରୁ ପାଣି କାଢିବା ସମୟରେ ସେଥିରେ ପଡ଼ି ବହୁ ମହିଳାଙ୍କ ଜୀବନ ଚାଲିଯାଇଛି। ଏଭଳି ସମସ୍ୟାକୁ ଅନୁଭବ କରି ଜିଲାପାଳ ଟିନା ଦାବି ତାହାକୁ ଦୂର କରିବାରେ ଅନେକାଂଶରେ ସଫଳ ହୋଇପାରିଛନ୍ତି। ସେ ବର୍ଷାଜଳ ସଂରକ୍ଷଣ କରି ରଖିବା ପାଇଁ ଜିଲାର ବିଭିନ୍ନ ଗାଁରେ ଟାଙ୍କି ନିର୍ମାଣ କରିଛନ୍ତି। ଜିଲାରେ ମୋଟ ୮୭,୦୦୦ ଟାଙ୍କି ନିର୍ମାଣ କରିସାରିଲେଣି। 'କ୍ୟାଚ ଦି ରେନ' ଅଭିଯାନରେ ତାଙ୍କୁ ଏହି ସଫଳତା ମିଳିପାରିଛି। ଟାଙ୍କିଗୁଡ଼ିକର ମୁହଁ ବନ୍ଦ କରି ସେଥିରେ ପମ୍ପ ଲଗାଯାଇଛି। ଏହି ଟାଙ୍କିଗୁଡ଼ିକର ପାଣିକୁ ବିଶୁଦ୍ଧ କରାଯାଉଛି ଏବଂ ୩ରୁ ୪ ମାସ ପିଇବା ପାଇଁ ବ୍ୟବହାର ହେଉଛି। ବାର୍‌ମର ଏବେ ଦେଶରେ ବର୍ଷାଜଳ ସଂରକ୍ଷଣ କ୍ଷେତ୍ରରେ ଏକ ମଡେଲ ଜିଲା ହୋଇପାରିଛି। ଟିନା ଦାବି ରାଷ୍ଟ୍ରପତିଙ୍କ ଦ୍ୱାରା ପୁରସ୍କୃତ ହେବା ସହ ଜିଲା ପାଇଁ ୨ କୋଟି ଟଙ୍କାର ରାଶି ଗ୍ରହଣ କରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୨ ନଭେମ୍ବର ୧୯୭୬

- କେନ୍ଦ୍ର ସରକାର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ସ୍ୱାଧୀନତା ସଂଗ୍ରାମୀଙ୍କ ପେନ୍‌ସନ ବୃଦ୍ଧି କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି।
- ସାଇପ୍ରସସ୍ଥିତ ଜାତିସଂଘ ଶାନ୍ତି ବାହିନୀର ସେନାପତି ଭାରତର ଦେୱାନ ପ୍ରେମଚାନ୍ଦ ବ୍ୟକ୍ତିଗତ କାରଣରୁ ଇସ୍ତଫା ଦେଇଛନ୍ତି।

## ଚିରନ୍ତନୀ

ନିଭିଲା ଦୂର ଶଇଳ-ଚୂଡ଼ା
କାନନ ଗଲା ଭାସି
ଅରୂପ ହେଲା ଧରାର ରୂପରାଶି ।
ସକଳ ଦୂର ନିକଟ ହେଲା
ନିବିଡ଼େ ଗଲା ଛୁଇଁ
ସବୁଜ ଗିରି କାନନ ନଦୀ ଭୂଇଁ ।
-(ସନ୍ଧ୍ୟା ପଥେ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ରଳୟ ଆସୁଛି

ମହାଶୟ,

ପ୍ରଳୟ ନା ଶୁଣି ଆମ ମନରେ ଭୂମିକମ୍ପ, ବନ୍ୟା, ସୁନାମି ଆଉ ବାତ୍ୟାର ଭାବନା ଏବଂ ଦୃଶ୍ୟ ଅସିଥାଏ। କିନ୍ତୁ ଏବେ ନିକଟ ଭବିଷ୍ୟତରେ ଯେଉଁ ପ୍ରଳୟ ଆସିବାକୁ ଯାଉଛି ସେଥିରେ ଏ ଭିତରୁ କିଛି ବି ହେବ ନାହିଁ । ତାହା ହେବ ପରିବେଶଗତ ପ୍ରଳୟ। ଏ ପ୍ରଳୟକୁ ଅଟକେଇବା ପାଇଁ ମଣିଷ ପାଖରେ କମ ସମୟ ଅଛି । ଭାରତର ଆକାଶ ଆଜି ଅଦୃଶ୍ୟ ଧୂଆଁର ଚାଦରେ ଘୋଡାଇ ରହିଛି। ଦିଲ୍ଲୀ, କଟକ, ଭୁବନେଶ୍ୱର, ପାଟନା, ଲକ୍ଷ୍ନୌ କୌଣସି ସହରର ଏକ୍ୟୁଆଇ ମାପଦଣ୍ଡ ଦିନକୁ ଦିନ 'ଅସୁସ୍ଥ' ଓ 'ଅତ୍ୟନ୍ତ ଅସୁସ୍ଥ' ଶ୍ରେଣୀର ସୀମା ଛୁଇଁଯାଉଛି। ମଣିଷ ଶ୍ୱାସ ନେଇ ପାରୁନାହାନ୍ତି, ଶ୍ୱାସ ପାଇଁ ଯୁଦ୍ଧ କରୁଛନ୍ତି। ଦେଶର ରାଜଧାନୀ ଏକ୍ୟୁଆଇର ମାତ୍ରା ୫୦୦ ପରେ ରହୁଛି। ଏହି ପ୍ରଦୂଷଣର ନୀରବ ଆକ୍ରମଣ ସର୍ବାଧିକ ପ୍ରଭାବ ପକାଉଛି ଶ୍ୱାସକୋଷରେ। ଫଳରେ ଆସ୍ଥମା, ବ୍ରୋଙ୍କାଇଟିସ, ହୃଦରୋଗ, ଷ୍ଟ୍ରୋକ ବଢୁଛି। ଭୟଙ୍କର କଥା ହେଲା ଶିଶୁମାନେ ଏହିସବୁ ସମସ୍ୟାରେ ସର୍ବାଧିକ ଶିକାର ହେଉଛନ୍ତି। ଏହାର ପ୍ରଭାବ ସମାଜର ଅନ୍ୟ ସ୍ଥାନରେ ପଡୁଛି। ଚିକିତ୍ସା ଖର୍ଚ୍ଚ ବଢ଼ିବା, କାମ କରିବାର କ୍ଷମତା କମିବା, ଫସଲ ନଷ୍ଟ ହେବା ସବୁକିଛି ଏହି ଅଦୃଶ୍ୟ ବିଷର ଫଳ। ଅର୍ଥନୀତି ମଧ ଚାପ ଅନୁଭବ କରୁଛି। ଯଦି ଏହି ଗତିରେ ପ୍ରଦୂଷଣ ଚାଲିଲା, ୨୦ ବର୍ଷ ପରେ ଭାରତର ସହର କେମିତି ଦେଖାଯିବ ? ତଥାପି ପଥ ଅଛି। ସରକାର, ସମାଜ ଓ ନାଗରିକମାନେ ଏକତାର ସାଥିରେ ପଦକ୍ଷେପ ନେଲେ ଏହି ବିପଦକୁ ରୋକାଯାଇପାରିବ। ପବନ ହେଉଛି ପ୍ରକୃତିର ବଡ଼ ଉପହାର। ପବନ ସୁସ୍ଥ ହେଲେ ଦେଶ ସୁସ୍ଥ ହେବ।

– ପ୍ରଭାତ କୁମାର ପଟ୍ଟନାୟକ, ଗଞ୍ଜାପୁର, ଗଞ୍ଜାମ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଭାଜପାରେ ଯୋଗଦେଲେ ବିଜେଡି କର୍ମୀ



ଭାଜପାରେ ଯୋଗଦେଇଥିବା କର୍ମୀଙ୍କୁ ସ୍ୱାଗତ କରାଯାଉଛି।

**ଦଶରଥପୁର,୨୧।୧୧(ସୁଶାନ୍ତ ବେହୁରିଆ)**

ଯାଜପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଦଶରଥପୁର ବ୍ଲକ ଜୟନ୍ତରା ଓ ଡାହାଣହତା ପଞ୍ଚାୟତର ବହୁ ବିଜେଡି କର୍ମୀ ଶୁକ୍ରବାର ଦଳ ଛାଡ଼ି ଭାଜପାରେ ଯୋଗ ଦେଇଛନ୍ତି। ଭାଜପାର ପୂର୍ବତନ ଜିଲା ସଭାପତି ଗୌତମ ରାୟଙ୍କ ନେତୃତ୍ୱକୁ ଭରସା କରି ସେମାନେ ଦଳରେ ସାମିଲ ହୋଇଛନ୍ତି। ଶୁଣୁଆସ୍ଥିତ ଗୌତମଙ୍କ ବାସଭବନରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଜୟନ୍ତରା ବିଜେଡି ଯୁବନେତା ସୁଜିତ ସାମଲ, ଚନ୍ଦନ ସାମଲ, ସଂଗ୍ରାମ ରାଉତ, ନିର୍ମାଲ୍ୟ ଜେନା, ତପନ ବେହୁରିଆ ଓ ଡାହାଣହତା ପଞ୍ଚାୟତ ବିଜେଡି ସମର୍ଥକ ସୟଦ ଶିରାଜ ଅହମ୍ମଦ, ସୟଦ ଓଜେଫା, ସୟଦ ରଜ୍ଜୁଆନ, ସୟଦ ଅର୍ଶଦ ଅଲି ପ୍ରମୁଖଙ୍କୁ ଗୌତମ ଦଳୀୟ ଟୋପି ଓ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ। ଏମାନଙ୍କ ମିଶ୍ରଣ ଫଳରେ ଦଳ ଅଧିକ ମଜଭୁତ ହବବୋଲି ଗୌତମ ତାଙ୍କ ବକ୍ତବ୍ୟରେ କହିଥିଲେ। ଏହି ମିଶ୍ରଣ ପର୍ବରେ ଭାଜପାର ବରିଷ୍ଠ ନେତା ସୁବାସ ମହାନ୍ତି, ଦଶରଥପୁର ମଣ୍ଡଳ ସଭାପତି ସୁନୀଲ ରାଉତ, ମଙ୍ଗଳପୁର ମଣ୍ଡଳ ସଭାପତି ପତିତପାବନ ମହାନ୍ତି, ଭାଜପା ନେତା ରଞ୍ଜନ ପଣ୍ଡା, ପ୍ରମୋଦ ପଣ୍ଡା, ଶ୍ରୀନିବାସ ପରିଡ଼ା, ତାପସ ଜେନା, ସବ୍ୟସାଚୀ ଦାସ, ରୁଦ୍ରନାରାୟଣ ଜେନା, ତପନ ରାଉତ, ରାକେଶ ଦାସ, ସେକ ଶନି ଓ ଜୟନ୍ତରା ପଞ୍ଚାୟତ ସଭାପତି ନିରାକାର ମାହୁନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ୟାସନଗରରେ ଏକତା ପଦଯାତ୍ରା



ଏକତା ପଦଯାତ୍ରା ଅବସରରେ ଯୋଗଦେଇଥିବା ଅତିଥି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।



ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

**ଯାଜପୁରରୋଡ଼,୨୧।୧୧(ପବିତ୍ର ରଞ୍ଜନ ମହାନ୍ତି)**

ଭାରତର ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ ପରିପ୍ରେକ୍ଷୀରେ ବ୍ୟାସନଗରଠାରେ ଶୁକ୍ରବାର ଏକତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏକତା ଏବଂ ଦେଶପ୍ରେମର ବାର୍ତ୍ତା ବାଣ୍ଟିବାକୁ ଆୟୋଜିତ ଏହି ପଦଯାତ୍ରା କାଳୀମେଳଣ ପଡ଼ିଆରୁ ଆରମ୍ଭ ହୋଇ ଟାଉନ ହଲଠାରେ ଶେଷ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା, ସମ୍ମାନିତ ଅତିଥିଭାବେ କୋରେଇ ବିଧାୟକ ଆକାଶ ଦାସନାୟକ ଯୋଗଦେଇ ଜୀବନରେ ସଫଳ ହେବା ପାଇଁ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ରଖିବା ସହ କଠିନ ପରିଶ୍ରମ କରିବାକୁ ପରାମର୍ଶ ଦେଇଥିଲେ। ପଦଯାତ୍ରାରେ ଜିଲାପାଳ ଅମ୍ବର କୁମାର କର, କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସପନ ନନ୍ଦ, ବ୍ୟାସନଗର ପୌରାଧ୍ୟକ୍ଷ ସୁବାସ ଚନ୍ଦ୍ର ବଳ, ବ୍ୟାସନଗର ତହସିଲଦାର ପ୍ରଶାନ୍ତ ପଣ୍ଡା, ଅତିରିକ୍ତ ତହସିଲଦାର ପ୍ରଶାନ୍ତ ପୁହାଣ, କୋରେଇ ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଦଳାଇ, ବିଡିଓ ଅବନୀକାନ୍ତ ସାହୁଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀ, ବୁଦ୍ଧିଜୀବୀ, ସ୍ୱୟଂସହାୟିକା ଗୋଷ୍ଠୀର ସଦସ୍ୟା, ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ। ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ସାଂସ୍କୃତିକ ଦଳଗୁଡ଼ିକ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଭିନ୍ନ ଷ୍ଟଲର ମଧ୍ୟ ଆୟୋଜନ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

# ବିଜେଡିର ଜନସମ୍ପର୍କ ପଦଯାତ୍ରା

**ଯାଜପୁର ସଦର,୨୧।୧୧(ସମର ବିଜୟ ଶରଣ)**




ସଭାରେ ଯୋଗଦେଇଥିବା ବିଜେଡି ନେତା ଓ କର୍ମୀ।

ଯାଜପୁର ବ୍ଲକ ଅନ୍ତର୍ଗତ ଯମଧର ପଞ୍ଚାୟତରେ ଶୁକ୍ରବାର ଅପରାହ୍ଣରେ ବିଜେଡିର ଏକ ଜନସମ୍ପର୍କ ପଦଯାତ୍ରା ଓ ସଭା ଅନୁଷ୍ଠିତ ହୋଇଯାଇଛି। ଦଳର ଯାଜପୁର ବ୍ଲକ୍ ସଭାପତି ପରେଶ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ସଭା ଆୟୋଜନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଯାଜପୁରର ପୂର୍ବତନ ପୌରାଧ୍ୟକ୍ଷ ଭବ ପ୍ରସାଦ ଦାସ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଯାଜପୁର ବିଧାୟିକାଙ୍କ ପ୍ରତିନିଧି ପ୍ରକାଶ ତ୍ରିପାଠୀ ଯୋଗଦେଇ ଭାଜପା ସରକାରଙ୍କ ବିଫଳତା ସମ୍ପର୍କରେ ଆଲୋକପାତ କରିଥିଲେ। ଆଗାମୀ ଦିନରେ ବିଜେଡିକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚ ବାଦଲ ଖୁଣ୍ଟିଆ, ମହେଶ୍ୱରପୁର ସରପଞ୍ଚ ସୁଜିତ ରାୟ, ଯାଜପୁରର ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ପ୍ରଦୀପ ନାୟକ, ସମିତିସଭ୍ୟ ସେକ ମୋଜାହିଦ, ଯୁବନେତା ପ୍ରଦୀପ ନାୟକ, ବରୁଆଁର ବିଜେଡି ନେତା ସେକ୍ ଗୋଲମ ଅଲ୍ଲି, ପୂର୍ବତନ ସରପଞ୍ଚ ସୁମତି ମାଝି, ଝରଣା ସେଠୀ, ମହିଳା ନେତ୍ରୀ ପ୍ରମିଳା ରାଉତଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ। ଅଭିମନ୍ୟୁ ରଣା ଧନ୍ୟବାଦ ଦେଇଥିଲେ।

# ଆୟୁଷ ଡାକ୍ତରଖାନାକୁ ୫୦ ଶଯ୍ୟା ପ୍ରଦାନ ଦାବି

## କେନ୍ଦ୍ର ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀଙ୍କୁ ଚିଠି ଲେଖିଲେ ଏମ୍‌ପି

ପାଣିକୋଇଲି,୨୧।୧୧(ବିକାଶ ମଲ୍ଲିକ): ୧୬ ଓ ୨୦ ନମ୍ବର ଜାତୀୟ ରାଜପଥର ମିଶ୍ରଣସ୍ଥଳ ଯାଜପୁର ଜିଲାର ପାଣିକୋଇଲିଠାରେ ଥିବା ଇଣ୍ଟିଗ୍ରେଟେଡ୍ ଆୟୁଷ ଡାକ୍ତରଖାନାକୁ ୫୦ ଶଯ୍ୟା ପ୍ରଦାନ ଲାଗି କେନ୍ଦ୍ର ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ଯାଧବ ପ୍ରତାପରାଓ ଗଣପତିରାଓଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା। ଉକ୍ତ ଡାକ୍ତରଖାନାରେ ଆୟୁର୍ବେଦ ଓ ହୋମିଓପାଥି ସେବା ଯୋଗାଯାଉଛି। ମାତ୍ର ଶଯ୍ୟା ଅଭାବରୁ ବହୁ ରୋଗୀ ଉପଯୁକ୍ତ ଚିକିତ୍ସା ପାଇପାରୁନାହାନ୍ତି ବୋଲି ଏମ୍‌ପି ଲେଖିଥିବା ଚିଠିରେ ଉଲ୍ଲେଖ କରିଛନ୍ତି।


**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ.eT-M-WT-PURI-41-2025

**କାର୍ଯ୍ୟର ନାମ :** ତିନି ବର୍ଷ ଅବଧି ନିମନ୍ତେ କୋଚିଙ୍ଗ୍ ଡିପୋ, ପୁରୀ ଠାରୁ ରେଳଦ୍ୱବା ମରାମତି କାରଖାନା, ମଞ୍ଚେଶ୍ୱର ପର୍ଯ୍ୟନ୍ତ ଏବଂ ବିପରୀତ ଦିଗରେ ପୁରୀକୁ ଫେରିବା ତଥା ଯେକୌଣସି ସ୍ଥାନରୁ ଅନ୍ୟ ଯେକୌଣସି ସ୍ଥାନକୁ ଅନ୍ୟ ରେଳବାଇ ସାମଗ୍ରୀଗୁଡ଼ିକ ପାଇଁ ହ୍ୱିଲ ସେଟଗୁଡ଼ିକର ପରିବହନ।

**ବିଜ୍ଞାପିତ ମୂଲ୍ୟ(ଟଙ୍କାରେ):** 1,22,85,991.74, EMD (ଟଙ୍କାରେ): 2,11,400/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 5,900/-, ଶେଷ ହେବା ଅବଧି : 36 ମାସ।

ବିଡ଼୍ ଆରମ୍ଭ ହେବା ତାରିଖ : ତା.20.11.2025 ରିଖ, **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.04.12.2025ରିଖ 1300 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ www.ireps.gov.in ରେ ଉପଲବ୍ଧ।

କୋଚିଙ୍ଗ୍ ଡିପୋ ଅଧିକାରୀ, ପୁରୀ

PR-805/Q/25-26



**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.47-SBP-TRD-OT-2025-26, ତା.11.11.2025ରିଖ

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳରେ ସମ୍ବଲପୁର-ଅନୁଗୁଳ ସେକ୍ସନରେ ବର୍ତ୍ତମାନ ଥିବା ପର୍ଯ୍ୟବେକ୍ଷଣ ନିୟନ୍ତ୍ରଣ ଏବଂ ଡାଟା ଅର୍ଜନ ପ୍ରଣାଳୀ (SCADA)ରେ ସାଇବର ସୁରକ୍ଷା କାର୍ଯ୍ୟାନ୍ୱୟନର ବ୍ୟବସ୍ଥା।

**ଆନୁମାନିକ ମୂଲ୍ୟ (ଟଙ୍କାରେ) :** 1,45,03,110/-, EMD (ଟଙ୍କାରେ) : 2,22,500/-, ଶେଷ ହେବା ଅବଧି : 08 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.03.12.2025 ରିଖ 1530 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ। ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର

PR-803/Q/25-26



See Career Appointment on every Wednesday & Saturday



**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.51/ET/SBP/ENGG/2025-26, ତା.17.11.2025ରିଖ

ଇ-ଟେଣ୍ଡର ସଂ.56-eT-DENC-SBP-25

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ସମ୍ବଲପୁର (In)-ଦେଓଗାଁ ରୋଡ଼୍(In)ସେକ୍ସନରେ ଏକ ଅତିରିକ୍ତ ଲେୟାର ବ୍ୟବସ୍ଥା ଦ୍ୱାରା ସୁରକ୍ଷା ସୁବିଧାସୁଯୋଗ ନିମନ୍ତେ 11 ଗୋଟି ନନ୍-ଇଣ୍ଟରଲକ୍ଡ ଲେଭେଲ କ୍ରସିଙ୍ଗ (ଅର୍ଥାତ୍ JT-27, JT-34, JT-41, JT-42, JT-43, JT-44, JT-45, JT-77, JT-85, JT-87 ଏବଂ JT-96)ଗୁଡ଼ିକର ରକ୍ଷଣାବେକ୍ଷଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 42,13,733.26, ବିଡ୍ ସିକ୍ୟୁରିଟି (ଟଙ୍କାରେ): 84,300/-, କାର୍ଯ୍ୟ ଶେଷ ହେବା ଅବଧି : 06 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.05.12.2025ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ଇଞ୍ଜିନିୟରିଙ୍ଗ), ସମ୍ବଲପୁର

PR-812/Q/25-26



**FORM No. 13**
**BEFORE THE DEBTS RECOVERY TRIBUNAL CUTTACK, ORISSA**
**C-71, SECTOR-7, CDA, CUTTACK, ODISHA**
**O.A NO. 197 / 2023**

**INDIAN BANK** ....APPLICANT

Vs

**Gurvind Singh Bedi & another** ...DEFENDANTS

To,

**(Defendant No.1) Gurvind Singh Bedi,** S/o.: Jasbeer Singh Bedi, At: Farm Road, Near FCI Building, Khetrajpur, Sambalpur - 768003

**(Defendant No.2) Puspinder Singh Bedi,** S/o.: Avtar Singh Bedi, At: Farm Road, Near FCI Building, Khetrajpur, Sambalpur - 768003

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED FOR SHOULD NOT BE GRANTED**

Take notice that the applicant has instituted an **O.A. No.: 197 of 2023** in the court of the Debts of Recovery Tribunal, Cuttack for recovery of **Rs.61,38,145.00** only together with current and future interest, costs and other reliefs. The above mentioned defendants are therefore directed to appear before this Tribunal in person or through an Advocate or duly authorised agent, in support of their defence to show cause within **30 days** from the publication or on **19.12.2025 at 10:30 a.m.** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand & seal of this Tribunal on this 18th day of **October, 2025.**

**Sd/- Nikhila Ranjan Pati**
**Registrar**



**CAREER APPOINTMENT** ON EVERY WEDNESDAY & SATURDAY

B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com



**WANTED**
**WANTED PROPERTY MANAGER**
**Location:** Bhubaneswar,
**Qualification:** Atleast Graduation having prior experience in managing commercial property, with experience on account entries.
**Contact No. - For more details:**
**Call: 9730920202**



A Fast Growing Pharma Company
SHATAYUSHI HEALTHCARE PVT LTD
of Maharashtra having **1200+ Allopathy product basket.** REQUIRES
**BUSINESS DEVELOPMENT EXECUTIVE**
(For BHUBANESWAR/ CUTTACK)
send resume on whatsapp only
**Neeraj Pathak** 7385495717 | **Subhash Kelkar** 9923000311



**ଭାରତ ପ୍ରେଟ୍ରୋଲିୟମ କର୍ପୋରେସନ ଲିମିଟେଡ**
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)

Bharat Petroleum | Shaping The Future

**ବରଗଡ଼ରେ ଲିଜ ସୂତ୍ରରେ ଆବାସିକ ଫ୍ଲାଟ ଆବଶ୍ୟକ**

ଭାରତ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ ଏକ ପବ୍ଲିକ ସେକ୍ଟର ଉଦ୍ୟୋଗ ଓଡ଼ିଶାର ବରଗଡ଼ର ପୌରନିଗମ ସୀମା ମଧ୍ୟରେ 5 ବର୍ଷ ଅବଧି ପାଇଁ ଓଡ଼ିଶାର ବରଗଡ଼ରେ ଲିଜ ସୂତ୍ରରେ 14ଟି ଆବାସିକ ଫ୍ଲାଟ (ଦଶଟି 2BHK ଓ ଚାରିଟି 3BHK) ଆବଶ୍ୟକ କରୁଛନ୍ତି। ଟେଣ୍ଡର ଅନୁସନ୍ଧାନ ନଥିପତ୍ର ବିପିସିଏଲର ୱେବସାଇଟ www.bharatpetroleum.in ରେ 22.11.2025 ଠାରୁ ଉପଲବ୍ଧ ହେବ। ଇଚ୍ଛୁକ ପକ୍ଷମାନେ ସେମାନଙ୍କ ପ୍ରସ୍ତାବ/ନିଲାମକୁ ନିମ୍ନ ଲିଖିତ ଠିକଣାରେ ଅବସ୍ଥିତ ଭାରତ ପ୍ରେଟ୍ରୋଲିୟମ କର୍ପୋରେସନ ଲିଃର କାର୍ଯ୍ୟାଳୟରେ ତା 12.12.2025 ରିଖ, 1500 ଘଟିକାରେ ଦାଖଲ କରିପାରିବେ।

ଡେପୁଟି ଜେନେରାଲ ମ୍ୟାନେଜର ଆଡମିନ (ଏଚଆରଏସ), ଇଷ୍ଟ,
ଭାରତ ପ୍ରେଟ୍ରୋଲିୟମ କର୍ପୋରେସନ ଲିଃ, ବାୟୋ ଇଥାନଲ ପ୍ଲାଂଟ,
ଗ୍ରାମ-ବଉଳସିଂଘା, ତହସିଲ-ଭଟଲି, ବରଗଡ଼ ଜିଲ୍ଲା, ଓଡ଼ିଶା-768030

ଉପରୋକ୍ତ ବିଷୟ ଉପରେ ପରବର୍ତ୍ତି ଭ୍ରମ ସଂଶୋଧନ ଯଦି ଥାଏ ତାହା ଆମର ୱେବସାଇଟ www.bharatpetroleum.inରେ ପ୍ରକାଶ ପାଇବ ଓ ପ୍ରେସରେ ଦିଆଯିବ ନାହିଁ।

ବି.ଦ୍ର: ବିପିସିଏଲ କୌଣସି କାରଣ ନଦର୍ଶାଇ ଯେକୌଣସି ବା ସମସ୍ତ ପ୍ରସ୍ତାବକୁ ଗ୍ରହଣ ବା ଖାରଜ କରିବା ଅଧିକାର ବଜାୟ ରଖିଛି।

Bharatgas | MAK LUBRICANTS | Bharat Petroleum Aviation Service

ଜୀବନକୁ ଶକ୍ତି ଯୋଗାଉଛି, ନୂଆ ଭାରତକୁ ସଶକ୍ତ କରୁଛି



**वरीय पुलिस अधीक्षक का कार्यालय,राँची**

**सर्वसाधारण के लिए सूचना**



नाम–हरि सहनी उम्र करीब–69 वर्ष, रंग–सॉवला, ऊँचाई–05 फीट, 6 फीट पहनावा–कुर्ता एवं सफेद धोती पहने हुए है।

उपरोक्त लापता व्यक्ति हरि सहनी उम्र करीब–69 वर्ष, पिता–स्व0 जदू सहनी, गाम–सिलौत, थाना–समस्तीपुर जिला–समस्तीपुर, (बिहार) जो दिनांक–15.09.2025 को CIP, कॉंके, राँची से बगैर बताए कहीं चले गए जो आजतक अपने घर वापस नहीं आए है। जिनकी मानसिक स्थिति ठिक नहीं है। जिसके संबंध में कॉंके थाना सनहा संख्या–31/2025, दिनांक–15.09.2025 दर्ज कर खोजबीन की जा रही है। उपरोक्त सूचना को सार्वजनिक किया जाना आवश्यक है।

अतः सभी जनसाधारण से अनुरोध है कि यदि उपरोक्त लापता व्यक्ति कहीं मिलती/दिखती है तो इसके संबंध में वरीय पुलिस अधीक्षक के कार्यालय में या निम्नांकित फोन नम्बर पर संपर्क कर इसकी सूचना दें।

**Email ID(rnc-dcb@jhpolice.gov.in)**

पुलिस उपाधीक्षक, मु0, प्रथम, राँची। –9431706141
थाना प्रभारी कॉंके, राँची। –9431706185

वरीय पुलिस अधीक्षक, राँची

PR 366734 Police(25-26).D



**ଇ-ନିଲାମ ବିଜ୍ଞପ୍ତି**

**ଖଡ଼ଗପୁର ମଣ୍ଡଳରେ ବିବିଧ ଷ୍ଟାଟିକ୍ ସେବା, ପେ' ଆଣ୍ଡ ୟୁଜ୍ ଟଏଲେଟ୍ ଏବଂ ପାର୍କିଂ ଠିକା**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଖଡ଼ଗପୁର ମଣ୍ଡଳ, ଦକ୍ଷିଣ ପୂର୍ବ ରେଳପଥ ନିମ୍ନଲିଖିତ ପାଇଁ ଇ-ନିଲାମ ଆହ୍ୱାନ କରୁଛନ୍ତି: ଇ-ନିଲାମ ବିଜ୍ଞପ୍ତି ନଂ.: କେଜିପି/ପିଏନ୍‌ୟୁ-ଏମ୍‌ଏସ୍‌ଏସ୍/୨୦୨୫/୧୫, ତାରିଖ: ୨୦।୧୧।୨୦୨୫ । ୫ (ପାଞ୍ଚ) ବର୍ଷ ଅବଧି ପାଇଁ ଶାଲିମାର ରେଳ ଷ୍ଟେଶନରେ ୪ ଗୋଟି ପାର୍ସଲ ସ୍କାନର୍ ସ୍ଥାପନ କରିବା । **ନିଲାମ କାଟାଲଗ୍ ନଂ.:** ଏମ୍‌ଏସ୍‌ଏସ୍-କେଜିପି-ପିଏସ୍-୨୫-୩, **ନିଲାମ ତାରିଖ:** ୦୫।୧୨।୨୦୨୫, **ନିଲାମ ଆରମ୍ଭ/ବନ୍ଦ ହେବା ସମୟ:** ଯଥାକ୍ରମେ ୧୧.୦୦ ଓ ୧୧.୩୦ ଘଟିକା ।

୩ (ତିନି) ବର୍ଷ ଅବଧି ପାଇଁ ଖଡ଼ଗପୁରସ୍ଥିତ ଦକ୍ଷିଣ ପାର୍ଶ୍ୱ ବୁକିଂ ଅଫିସ୍, ବାରିପଦାସ୍ଥିତ ନୂଆ ଷ୍ଟେଶନ ବିଲ୍ଡିଂ, ଖଡ଼ଗପୁରଠାରେ ପ୍ଲାଟ୍‌ଫର୍ମ ୫/୬, ଘାଟଶିଳାର ପ୍ଲାଟ୍‌ଫର୍ମ ନଂ. ୦୧ (ଟାଟାନଗର ପାର୍ଶ୍ୱ) ନିକଟରେ, ସାନ୍ତ୍ରାଗାଛିଠାରେ ପେ' ଆଣ୍ଡ ୟୁଜ୍ ଟଏଲେଟ୍ ବ୍ଲକ୍-I (ଓଏଚ୍‌ଇ ମାଷ୍ଟ ନଂ. ୭/୩୮ଏ ନିକଟରେ) ଏବଂ ବ୍ଲକ୍-II (ଓଏଚ୍‌ଇ ମାଷ୍ଟ ନଂ. ୭/୩୪ବି ନିକଟରେ), ପ୍ଲାଟ୍‌ଫର୍ମ ୬/୭ରେ ଏବଂ ସାନ୍ତ୍ରାଗାଛି ରେଳ ଷ୍ଟେଶନଠାରେ ଉତ୍ତର ପାର୍ଶ୍ୱ ପୁରୁଣା ବୁକିଂ ଅଫିସ୍ ନିକଟରେ ତଥା ଉତ୍ତର ପାର୍ଶ୍ୱ ପାର୍କିଂ ନିକଟରେ ସାଧାରଣ ପେ' ଆଣ୍ଡ ୟୁଜ୍ ଟଏଲେଟ୍ ୟୁନିଟ୍‌ର ପରିଚାଳନା ଏବଂ ରକ୍ଷଣାବେକ୍ଷଣ ଠିକା । **ନିଲାମ କାଟାଲଗ୍ ନଂ.:** ପିଏନ୍‌ୟୁଟିଓଆଇ-କେଜିପି୨୫-୧୫, **ନିଲାମ ତାରିଖ:** ୦୯।୧୨।୨୦୨୫, **ନିଲାମ ଆରମ୍ଭ/ବନ୍ଦ ହେବା ସମୟ:** ଯଥାକ୍ରମେ ୧୧.୦୦ ଓ ୧୨.୨୦ ଘଟିକା ।

ଇ-ନିଲାମ ବିଜ୍ଞପ୍ତି ନଂ.: ସିଓଏମ୍/ଜି-୩୦/୨/ପାର୍କିଂ/ସିପିଆର୍‌ଓ/୨୫/୧୬, ତାରିଖ: ୨୦।୧୧।୨୦୨୫ । ଖଡ଼ଗପୁର (ଦକ୍ଷିଣ)ଠାରେ ଚାରିଚକିଆ ପାଇଁ ପାର୍କିଂ ଲଟ୍, ଧଳଭୂମଗଡ଼, ବଡ଼ଗାଛିଆଠାରେ ଦୁଇଚକିଆ ପାର୍କିଂ ଏବଂ କଲାଇକୁଣ୍ଡାଠାରେ ମିଶ୍ରିତ ପାର୍କିଂ । **ନିଲାମ କାଟାଲଗ୍ ନଂ.:** ପାର୍କିଂ କେଜିପି୨୫-୧୬, **ନିଲାମ ତାରିଖ:** ୦୪।୧୨।୨୦୨୫, **ନିଲାମ ଆରମ୍ଭ ସମୟ:** ୧୦.୦୦ ଘଟିକା ଏବଂ **ବନ୍ଦ ହେବା ସମୟ:** ୧୧.୦୦ ଘଟିକା, ଯାହା https://www.ireps.gov.in/ ୱେବ୍‌ସାଇଟ୍‌ରେ ଅଧିସୂଚିତ ହୋଇଛି (ଉଭୟ ଇ-ନିଲାମ ପାଇଁ) । ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏହାକୁ ଧ୍ୟାନରେ ରଖିବା ଏବଂ ଇ-ନିଲାମ ବିଜ୍ଞପ୍ତି ସମ୍ପର୍କରେ ବିବରଣୀ ଏବଂ ସମ୍ବନ୍ଧିତ ସୂଚନା ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ପରିଦର୍ଶନ କରିବା ଆବଶ୍ୟକ । କୌଣସି ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ ଦୟାକରି ନିମ୍ନସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

(PR-866) **ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଖଡ଼ଗପୁର**

**ଦକ୍ଷିଣ ପୂର୍ବ ରେଳପଥ**
ହର୍ଷର ସହିତ ଆମେ ସେବାରତ



**Directorate of Tourism, Government of Jharkhand**
MDI Building, 2nd floor, HEC Campus, Dhurwa, Ranchi-04Tele Fax : 0651-2331828
Email: dirjhakhandtourism@gmail.com/ jtdcltd@gmail.com

Ref. No.:- 1152/2025 Date :21/11/2025

**SHORT TENDER NOTICE**

**RFP for Selection of Agency for RFP For Selection of Agency for Netarhat Mahotsav (fair) fair at Netarhat, Latehar, Jharkhand(2nd Call)**

The Jharkhand Tourism Development Corporation Limited (JTDCL), Government of Jharkhand (GoJ) undertaking intends to publish RFP for **Selection of Agency for RFP For Selection of Agency for Netarhat Mahotsav (fair) fair at Netarhat, Latehar, Jharkhand(2nd Call)**

The detailed RFP document can be downloaded from the below mentioned website :

**https://jtdcl.jharkhand.gov.in**, and submit their offline Applications.

The applications Submission Due date is on or before **06/12/2025 at 1700 hours** and the date of opening of the tender on **08/12/2025 at 1.30 Pm**. All subsequent notifications, changes and amendments will be posted only on the above website.

Sd/-
**Deputy Director**

PR 366784 Tourism, Art Culture Sports And Youth Affairs (25-26)D



**कानारा ब्यांक Canara Bank** | ସିଣ୍ଡିକେଟ Syndicate

କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ
ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ, ୟୁନିଟ୍ ନଂ.: ୧୭
ମାଛୁଆ ବଜାର, ପାଣ୍ଡାଲୁନ୍ସ ପଛପାର୍ଶ୍ୱ, କଟକ-୭୫୩୦୦୧

**ବନ୍ଧକ ସୁନା ଅଳଙ୍କାରଗୁଡିକର ଇ-ନିଲାମ ବିଜ୍ଞପ୍ତି**

କାନାରା ବ୍ୟାଙ୍କର ନିମ୍ନଦର୍ଶିତ ଶାଖାର ଶାଖା ମୁଖ୍ୟମାନଙ୍କ ଦ୍ୱାରା ସୁନା ଋଣ ବାବଦ ବ୍ୟାଙ୍କର ବକେୟା ଦେୟ ପରିଶୋଧ କରିବା ପାଇଁ ସୁନା ଋଣଗ୍ରହୀତାମାନଙ୍କୁ ନୋଟିସ୍ ଜାରି କରାଯାଇଥିଲା। ଋଣଗ୍ରହୀତାମାନେ ଦେୟ ପରିଶୋଧ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନସ୍ୱାକ୍ଷରକାରୀଙ୍କ ଦ୍ୱାରା ସୁନା ଅଳଙ୍କାରଗୁଡ଼ିକୁ "ଯାହା ଯେପରି ଅଛି", "ସେଠାରେ ଯାହା ଅଛି" ଏବଂ "ବିନା ଆଇନଗତ ସହାୟତା" ଭିତ୍ତିରେ ଅନ୍‌ଲାଇନ୍ ନିଲାମ କରାଯିବ। ଅନ୍‌ଲାଇନ୍ ନିଲାମ https://www.bankeauctions.com ମାଧ୍ୟମରେ ଅନୁଷ୍ଠିତ ହେବ।

ଇ-ନିଲାମ ତାରିଖ ଏବଂ ସମୟ: ତା.୧୦.୧୨.୨୦୨୫ ପୂର୍ବାହ୍ନ ୧୧.୦୦ ଘଟିକାରୁ ମଧ୍ୟାହ୍ନ ୧୨.୦୦ ଘଟିକା
ଅମାନତ ଜମା ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ: ତା.୦୯.୧୨.୨୦୨୫ ରାତ୍ର ୧୧.୦୦ ଘଟିକା ପର୍ଯ୍ୟନ୍ତ
ଯାଞ୍ଚ କରିବାର ତାରିଖ ଏବଂ ସମୟ: ତା.୦୯.୧୨.୨୦୨୫ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ

| କ୍ର. ନଂ. | ଋଣଗ୍ରହୀତାଙ୍କ ନାମ ଓ ଠିକଣା / ଆକାଉଣ୍ଟ ନଂ. | ବକେୟା ପରିମାଣ | ସଂରକ୍ଷିତ ମୂଲ୍ୟ | ମୋଟ ଓଜନ ଏବଂ ନେଟ୍ ଓଜନ (ଗ୍ରାମ୍‌ରେ) |
|---|---|---|---|---|
| **କଟକ ଚୌଧୁରୀ ବଜାର ଶାଖା (୦୩୨୮), ମୋ.: ୯୦୯୦୯୦୯୮୯୧, IFSC CODE-CNRB0000328** | | | | |
| ୧. | ଫିରୋଜ ଖାନ, ପିତା: ୟୁସୁଫ ଖାନ, ସା: ୨୨୪ ବାଙ୍କ ବଜାର, ଚାନ୍ଦିନୀ ଚୌକ, କଟକ, ଓଡ଼ିଶା, ପିନ୍-୭୫୩୦୦୧ / ୧୮୦୧୦୮୯୫୦୫୮୯ | ଟ.୪୦,୨୨୮/- + ନିଲାମ ତାରିଖ ପର୍ଯ୍ୟନ୍ତ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ଟ.୭୩,୧୬୪/- | ୮.୮ ଏବଂ ୬.୫ |
| **ଦାଣ୍ଡିସାହି ଶାଖା (୧୮୦୩୩), ମୋ.: ୯୪୩୭୫୬୯୫୭୨, IFSC CODE-CNRB0018033** | | | | |
| ୧. | ପ୍ରିୟଙ୍କା ମଳିକ, ପିତା: ଅକ୍ଷୟ କୁମାର ମଳିକ, ସା: ନହିଆଡିଆ, ପୋ: ଦାଣ୍ଡିସାହି, କେନ୍ଦ୍ରାପଡ଼ା, ଓଡ଼ିଶା, ପିନ୍-୭୫୪୨୪୦ / ୧୮୦୧୦୪୩୪୯୬୧୦ | ଟ.୬୫,୫୧୬.୦୦ + ନିଲାମ ତାରିଖ ପର୍ଯ୍ୟନ୍ତ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ଟ.୧,୦୧,୩୦୩/- | ୧୦.୩୩ ଏବଂ ୯ |
| ୨. | ସମ୍ଭୁନାଥ ମଳିକ, ସା: କୁଳସାହି, ପୋ: ପେଣ୍ଠପାଳ, ଜିଲ୍ଲା: କେନ୍ଦ୍ରାପଡ଼ା, ଓଡ଼ିଶା, ପିନ୍-୭୫୪୨୪୦ / ୧୮୦୧୫୨୨୫୬୦୭୭ | ଟ.୮୮,୬୩୮.୨୨ + ନିଲାମ ତାରିଖ ପର୍ଯ୍ୟନ୍ତ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ଟ.୪୭,୨୭୫/- | ୫.୬ ଏବଂ ୪.୨ |

ଅମାନତ ଜମା ବିବରଣୀ: ଆକାଉଣ୍ଟ ନଂ.: ୨୦୯୨୭୨୪୩୪, ଆକାଉଣ୍ଟର ନାମ: CANARA BANK, IFSC Code: ସମ୍ପୃକ୍ତ ଶାଖାର IFSC Code, ଅମାନତ ଜମା ରାଶି: ଟ.୨୫,୦୦୦/-

ଯାଞ୍ଚ ଓ ଅନ୍ୟ କୌଣସି ଅନୁସନ୍ଧାନ ପାଇଁ ଦୟାକରି ସମ୍ପୃକ୍ତ ଶାଖାର ଶାଖା ମୁଖ୍ୟଙ୍କ ସହ ଯୋଗାଯୋଗ କରନ୍ତୁ। ନିଲାମଧାରୀମାନେ ଅମାନତ ଜମା ଦାଖଲ ତାରିଖ ସୁଦ୍ଧା କେୱାଇସି କାଗଜାତ୍ ଏବଂ ପ୍ରତି ଶାଖା ପିଛା ଅମାନତ ରାଶି ଜମା କରିବେ। ଅଧିକ ସୂଚନା ପାଇଁ ଦୟାକରି M/S C1 INDIA PVT. LTD., ମୋ: 7291981126 / 7291981125 / 7291981124ରେ ଯୋଗାଯୋଗ କରନ୍ତୁ। ନିୟମ ଓ ସର୍ତ୍ତାବଳୀର ସବିଶେଷ ବିବରଣୀ ନିମନ୍ତେ ଦୟାକରି https://www.bankeauctions.com ଦେଖନ୍ତୁ।

ସ୍ଥାନ : କଟକ
ତାରିଖ : ୨୧.୧୧.୨୦୨୫

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
କାନାରା ବ୍ୟାଙ୍କ



**झारखण्ड सरकार**
**कार्यपालक अभियंता का कार्यालय**
**ग्रामीण विकास विशेष प्रमण्डल, हजारीबाग**

**ई– अल्पकालीन निविदा आमंत्रण सूचना**
ई–निविदा सं0 :– **RDSPL/SD/HZB/26/2025-26**

1.कार्य की विस्तृत विवरणीः

| ग्रुप सं0 | आईडेन्टीफिकेशन संख्या/पैकेज संख्या | प्रखण्ड | योजना का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|---|---|
| 1. | RDSPL/SD/HZB/26/2025-26 | सदर | जगदीषपुर बीटी रोड से सिवाने नदी होते हुए ईचाक बीटी रोड को जोड़ने हेतु पीसीसी पथ निर्माण। | 21920700.00 | 438500.00 | 10000.00 | 09 माह |

2.वेबसाइट में निविदा प्रकाशन की तिथि – 28.11.2025
3.ई–निविदा प्राप्ति की तिथि एवं समय – दिनांक 28.11.2025 से दिनांक 05.12.2025 को अपराह्न 5:00 बजे तक
4.ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, हजारीबाग
5.ई–निविदा खोलने की तिथि एवं समय –06.12.2025 अपराह्न 5:00 बजे
6.ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, हजारीबाग
7.ई–निविदा प्रकोष्ठ का दूरभाष सं० – 9430154806
8.परिमाण विपत्र की राशि घट–बढ़ सकती है तद्नुसार अग्रधन की राशि देय होगी।
9.निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10.निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल, हजारीबाग

PR 366702 (Rural Development)25-26*D



No. A-933

**ଓଡ଼ିଶା ସରକାର**
**ଜଳ ସମ୍ପଦ ବିଭାଗ**
**ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, କ୍ଷୁଦ୍ର ଜଳସେଚନ ବିଭାଜନ, ନବରଙ୍ଗପୁର**
**ବୈଦ୍ୟୁତିକ ସଂଗ୍ରହଣ ବିଜ୍ଞପ୍ତି**

ପତ୍ର ସଂଖ୍ୟା: ୧୪୬୮ ତାରିଖ: ୧୮।୧୧।୨୫

ନିଲାମ ଡାକର ସଂଖ୍ୟା ଅନଲାଇନ – ୦୩/କ୍ଷୁ.ଜ.ବି. ନବରଙ୍ଗପୁର/୨୦୨୫–୨୬
Bid Identification No. SEMIDNGPUR - 03/2025-26
ଇ–ମେଲ୍: mingpur@yahoo.in, ଟେଲିଫୋନ ନମ୍ବର: ୦୬୮୫୮–୨୨୨୧୩୦

| | | |
|---|---|---|
| ୧. | କାର୍ଯ୍ୟର ନାମ | ବିଭିନ୍ନ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ରାସ୍ତା ଗୁଡ଼ିକର ଉନ୍ନତିକରଣ ୨୦୨୫–୨୬ ବର୍ଷ ପାଇଁ। |
| ୨. | ସର୍ବମୋଟ କାମର ସଂଖ୍ୟା | ୦୩ (ତିନି) ମାତ୍ର |
| ୩. | ଅଟକଳ ମୂଲ୍ୟ | ଆନୁମାନିକ ୬୦.୫୩ରୁ ୮୯.୩୩ ଲକ୍ଷ |
| ୪. | ଠିକାଦାରଙ୍କ ଶ୍ରେଣୀ | "ଖ" ଶ୍ରେଣୀ |
| ୫. | ଟେଣ୍ଡର କାଗଜ ମୂଲ୍ୟ (Online) | ଟଙ୍କା ୧୦,୦୦୦.୦୦ |
| ୬. | ନିଲାମ ସୁରକ୍ଷା (Online) | ଡି.ଟି.ସି.ଏନ୍.ରେ ଉପଲବ୍ଧ |
| ୭. | କାର୍ଯ୍ୟ ସମାପ୍ତି ସମୟ | ୦୪ (ଚାରି) ମାସ |
| ୮. | ନିଲାମ ଉପଲବ୍ଧତା ତାରିଖ ଓ ସମୟ | ତା୨୪।୧୧।୨୦୨୫ରିଖ ଦିବା ୧୦.୦୦ଘଟିକାଠାରୁ ତା୨୯।୧୧।୨୦୨୫ରିଖ ସନ୍ଧ୍ୟା ୫.୦୦ ଘଟିକା ପର୍ଯ୍ୟନ୍ତ ୱେବସାଇଟ୍ (www.tendersorissa.gov.in)ରେ ଉପଲବ୍ଧ |
| ୯. | ନିଲାମ ପ୍ରାପ୍ତିର ଶେଷ ତାରିଖ ଓ ସମୟ | ତା୨୪।୧୧।୨୦୨୫ରିଖ ଦିବା ୧୦.୦୦ ଘଟିକାଠାରୁ ତା୨୯।୧୧।୨୦୨୫ରିଖ ସନ୍ଧ୍ୟା ୫.୦୦ ଘଟିକା ପର୍ଯ୍ୟନ୍ତ ଅନଲାଇନ ୱେବସାଇଟ୍ ମାଧ୍ୟମରେ |
| ୧୦. | ବୈଷୟିକ ନିଲାମ ଖୋଲିବା ତାରିଖ ଓ ସମୟ | ତା୦୧।୧୨।୨୦୨୫ ଦିବା ୧୧.୦୦ ଘଟିକା ଅଧୀକ୍ଷଣ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଜନ, ନବରଙ୍ଗପୁରଙ୍କ କାର୍ଯ୍ୟାଳୟରେ |
| ୧୧. | ଆର୍ଥିକ ବିଡ୍ ଖୋଲିବାର ତାରିଖ/ସମୟ | ବୈଷୟିକ ବିଡ୍ ମୂଲ୍ୟାଙ୍କନ ପରେ ୱେବସାଇଟ୍ ମାଧ୍ୟମରେ ସୂଚିତ କରାଯିବ |
| ୧୨. | ସ୍ୱଚ୍ଛ ଲଟେରୀ ତାରିଖ (ଆବଶ୍ୟକ ସ୍ଥଳେ) | ଆର୍ଥିକ ବିଡ୍ ମୂଲ୍ୟାଙ୍କନ ପରେ ୱେବସାଇଟ୍ ମାଧ୍ୟମରେ ସୂଚିତ କରାଯିବ |
| ୧୩. | ନିଲାମ ଆମନ୍ତ୍ରଣ ଅଧିକାରୀଙ୍କ ନାମ ଓ ଠିକଣା | ଅଧୀକ୍ଷଣ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଜନ, ନବରଙ୍ଗପୁର, ସ୍ଥାନ/ପୋଷ୍ଟ: ନବରଙ୍ଗପୁର, ଜିଲ୍ଲା: ନବରଙ୍ଗପୁର, ପିନ୍ କୋଡ୍–୭୬୪୦୫୯ |
| ୧୪. | ଓଡ଼ିଶା ସରକାରଙ୍କ ୱେବସାଇଟ୍‌ରେ ଅଧିକ ବିବରଣୀ ଉପଲବ୍ଧ ହେବ | www.tendersorissa.gov.in |

ସ୍ୱା./– ଅଧୀକ୍ଷଣ ଯନ୍ତ୍ରୀ
କ୍ଷୁଦ୍ର ଜଳସେଚନ ବିଭାଜନ, ନବରଙ୍ଗପୁର

OIPR-

# ଗାନ୍ଧୀ ପ୍ରତିମୂର୍ତ୍ତି ତଳେ ସରପଞ୍ଚ, ସଭ୍ୟଙ୍କ ଧାରଣା



ଗାନ୍ଧୀ ମୂର୍ତ୍ତି ତଳେ ଦିଆଯାଇଥିବା ଧାରଣା ।

## ମାର୍ଶାଘାଇ ପଞ୍ଚାୟତ ସମିତିର ସାଧାରଣ ଅଧିବେଶନ

### ପୂର୍ବ ଅଧିବେଶନର ପ୍ରସ୍ତାବ ସ୍ଥାନିତ ନ ହେବାରୁ ଅସନ୍ତୋଷ

ମାର୍ଶାଘାଇ, ୨୧।୧୧(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ପଞ୍ଚାୟତ ସମିତିର ୬ଷ୍ଠ ସାଧାରଣ ଅଧିବେଶନ ଶୁକ୍ରବାର ଯୁକ୍ତିତର୍କ ବାଦାନୁବାଦ ମଧ୍ୟରେ ଶେଷ ହୋଇଛି। ଏପରିକି ଜନପ୍ରତିନିଧିମାନେ ଗୃହ ପରିତ୍ୟାଗ କରି ଗାନ୍ଧୀ ପ୍ରତିମୂର୍ତ୍ତି ତଳେ ଧାରଣା ଦେବା ଦୃଶ୍ୟ ଦେଖିବାକୁ ମିଳିଥିଲା। ବିକଶିତ ଗାଁ ବିକଶିତ ଓଡିଶାରେ ଆସୁଥିବା ପାଣ୍ଠି ବଣ୍ଟନରେ ସେମାନେ ଦେଇଥିବା ପ୍ରୋଜେକ୍ଟକୁ ଅଣଦେଖା କରାଯିବା ପଞ୍ଚାୟତ ଉନ୍ନୟନ କାର୍ଯ୍ୟରେ ପ୍ରଶାସନିକ ଉଦାସୀନତା ସଭାରେ ପୂର୍ବ ଅଧିବେଶନରେ ସେମାନେ ଦେଇଥିବା ପ୍ରସ୍ତାବ ବିବରଣୀରେ ସ୍ଥାନିତ ନ ହେବା ନେଇ ହଟ୍ଟଗୋଳ ହୋଇଥିଲା। ପରେ ବୈଠକରେ ଉପସ୍ଥିତ ଅଧିକାଂଶ ସରପଞ୍ଚ ଓ ସମିତି ସଭ୍ୟମାନେ ଗୃହ ତ୍ୟାଗକରି ବ୍ଲକ ପରିସରରେ ଥିବା ଗାନ୍ଧୀ ପ୍ରତିମୂର୍ତ୍ତି ତଳେ ଧାରଣାରେ ବସିଥିଲେ। ସରପଞ୍ଚ ସଞ୍ଜୟ ସେଠୀ, ବାବାଜୀ ସ୍ୱାଇଁ, ଅଶାନ୍ତି ସ୍ୱାଇଁ, କାଦମ୍ବିନୀ ଦାସ, ସୁଜାତା ମଲ୍ଲିକ, ମିନତି ଚଉଁରି, ଦୀପିକା ବେଉରା, ସୁକାନ୍ତି ଦାସ, ପ୍ରଭାତ ଦାସ, ମନୋଜ ସ୍ୱାଇଁ, ବିକ୍ରମ କେଶରୀ ଦାଶ, ମନୋରଞ୍ଜନ ପଣ୍ଡା, ମଙ୍ଗରାଜ ବେହେରା, ସମିତି ସଭ୍ୟ ଶରତ ପ୍ରଧାନ, ସଞ୍ଜୟ ପାତ୍ର, ବିପିନ ବିହାରୀ ସ୍ୱାଇଁ, ଅଜୟ ଜେନା, ସୋନାଲି ମଲ୍ଲିକ, ଭାରତୀ କାନୁନଗୋ, ଖୁନୀଲତା ବେହେରା, ନମିତା ପ୍ରଧାନ, ତୁଳସୀ ମଲ୍ଲିକ, ଗୌରୀ ମହାନ୍ତି, ରମେଶ ଭୋଇ, ସୁପ୍ରଭା ଜେନା ଓ ରମାକାନ୍ତ ମହାନ୍ତି ଧାରଣାରେ ବସିଥିବା ବେଳେ ସଭ୍ୟା ସୁନତୀ ଦାସ ଓ ଅଭିଷେକ ବେହେରା କକ୍ଷତ୍ୟାଗ କରିଥିଲେ। ପରେ ଅଧ୍ୟକ୍ଷ ମଧୁସ୍ମିତା ସାମଲ ବିଡ଼ିଓ ପଞ୍ଚାନନ ମଲ୍ଲିକ, ମହାକାଳପଡ଼ା ବିଧାୟକଙ୍କ ପ୍ରତିନିଧି ନିଗମ ରଥ, ପାଟକୁରା ବିଧାୟକଙ୍କ ପ୍ରତିନିଧି ସୁଧାଂଶୁ ଶେଖର ରାୟ, ଏମ୍‌ପି ପ୍ରତିନିଧି ପ୍ରକାଶ ନାୟକ, ଜିଲ୍ଲା ପରିଷଦ ସଭ୍ୟ ପ୍ରତାପ ମଲ୍ଲିକ, ଦୁର୍ଗାବତୀ ପ୍ରଧାନ, ସଭ୍ୟ ରଞ୍ଜିତ ପ୍ରଧାନ ଧାରଣାସ୍ଥଳକୁ ଯାଇ ସେମାନଙ୍କୁ ବୁଝାସୁଝା କରି ଗୃହ କୁ ଫେରାଇ ଆଣିଥିଲେ। ସରପଞ୍ଚଙ୍କ ମଧ୍ୟରୁ ୪ ଜଣ, ସଭ୍ୟଙ୍କ ମଧ୍ୟରୁ ଚାରିଜଣ ଅଧ୍ୟକ୍ଷ, ଏମ୍‌ପି ଓ ବିଧାୟକଙ୍କ ପ୍ରତିନିଧିଙ୍କୁ ନେଇ ଏକ କମିଟି ଗଠନ କରାଯାଇ ସେମାନଙ୍କ ସମସ୍ୟା ସମାଧାନ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଜିଡିଓ ସୋନାଲି ବେଉରା ପୂର୍ବ ବିବରଣୀ ପାଠ କରିଥିଲେ। ଉପାଧ୍ୟକ୍ଷା ଉର୍ମିଳା ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟ ପ୍ରମୋଦ ରଥ, ସହକାରୀ ତହସିଲଦାର ଶ୍ରୀକାନ୍ତ ପରିଜା ଓ ସହକାରୀ ଯନ୍ତ୍ରୀ ଶ୍ରେୟାଂଶୁ କର ପ୍ରମୁଖ ଉପସ୍ଥିତ ଥିଲେ।

# ପଟ୍ଟାମୁଣ୍ଡାଇ ବାଇପାସ୍ ରାସ୍ତା ନିର୍ମାଣରେ ବିଳମ୍ବ

## ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ



ପଟ୍ଟାମୁଣ୍ଡାଇ,୨୧।୧୧ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବାଇପାସ୍ ରାସ୍ତା ନିର୍ମାଣ କାର୍ଯ୍ୟରେ ଅହେତୁକ ବିଳମ୍ବ ହେଉଥିବା ଅଭିଯୋଗ ହେଉଛି। ରାସ୍ତା ନବୀକରଣ ପ୍ରଶସ୍ତୀକରଣ ପାଇଁ ପ୍ରାୟ ୨ ବର୍ଷ ପୂର୍ବରୁ ପୂର୍ତ୍ତ ବିଭାଗ ଦ୍ୱାରା କାର୍ଯ୍ୟ ଆରମ୍ଭ ହୋଇଥିଲା। ମାତ୍ର ଆଜିଯାଏ କାମ ଶେଷ ହୋଇ ପାରୁ ନ ଥିବା ଯୋଗୁ ସହରବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। କ୍ରମବର୍ଦ୍ଧିଷ୍ଣୁ ପଟ୍ଟାମୁଣ୍ଡାଇର ଉନ୍ନତ ଟ୍ରାଫିକ୍ ସମସ୍ୟା ଦୂର ପାଇଁ ରାଜ୍ୟ ସରକାର ୨୦୨୩ ଏପ୍ରିଲରେ ୧୯ କୋଟି ଟଙ୍କା ବ୍ୟୟରେ ଆୟେଷ୍ଟରର ଛକ ନିକଟରୁ କଖାରୁଣୀ ପୋଲ ନିକଟକୁ ୪ କି.ମି. ନୂତନ ବାଇପାସ ରାସ୍ତାର ନିର୍ମାଣ ପାଇଁ ଠିକାଦାର ନିଯୁକ୍ତ କରିଥିଲେ। ଠିକାସଂସ୍ଥା ପ୍ରଥମ ପର୍ଯ୍ୟାୟରେ ରାସ୍ତା ପ୍ରଶସ୍ତୀକରଣ ପାଇଁ ରାସ୍ତାର ଦୁଇପାର୍ଶ୍ୱ ଖୋଳି ଦେଇଥିଲେ। କେନାଲ ପାର୍ଶ୍ୱରେ ଗାର୍ଡ ୱାଲ ତିଆରି ପାଇଁ ପ୍ରାୟ ଦେଢ଼ବର୍ଷରୁ ଅଧିକ ସମୟ ଲାଗିଥିଲେ ମଧ୍ୟ ଅଦ୍ୟାବଧି ୬୦ ଭାଗ କାର୍ଯ୍ୟ ହୋଇନାହିଁ। ମାତ୍ର ବର୍ଷେ ଭିତରେ ଶେଷ ହେବାକୁ ଥିବା ଏହି ପ୍ରକଳ୍ପ ଆଜିଯାଏ ଅଢ଼େଇ ବର୍ଷରୁ ଅଧିକ ସମୟ ହୋଇଥିଲେ ମଧ୍ୟ ତାହା ସମ୍ପୂର୍ଣ୍ଣ କରାଯାଇପାରିନାହିଁ। କେବଳ ରାସ୍ତାରେ ପିଚୁ ପଡ଼ିବ ଏ ନେଇ ଅନିଶ୍ଚିତତା ଦେଖାଦେଇଛି। ପଟ୍ଟାମୁଣ୍ଡାଇ ମୁଖ୍ୟ କେନାଲ ପାର୍ଶ୍ୱରେ ଦେଇ ରାସ୍ତାଟି ଯାଇଥିବାରୁ ଉକ୍ତ କେନାଲରୁ ମାଟି ଖୋଳି ରାସ୍ତାରେ ବ୍ୟବହାର କରାଯାଇଥିବାରୁ କେନାଲ ଉଚ୍ଚା ନିଚା ହୋଇ ଚଳିତବର୍ଷ ଜଳ ପରିଚାଳନାରେ ବାଧକସୃଷ୍ଟିହୋଇ ଚାଷୀମାନଙ୍କ ଅସୁବିଧା ଉପୁଜିଛି। ଅଧାପନ୍ତରିଆ ରାସ୍ତା ଯୋଗୁ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ କାର୍ଯ୍ୟକୁ ଶେଷ କରିବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ପଟ୍ଟାମୁଣ୍ଡାଇ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ସତ୍ୟବ୍ରତ ପଣ୍ଡାଙ୍କୁ ପଚାରିବାରେ ଖୁବ୍‌ଶୀଘ୍ର କାର୍ଯ୍ୟ ସମ୍ପନ୍ନ କରାଯିବାକୁ ବ୍ୟବସ୍ଥା କରାଯାଉଥିବା ସେ ସୂଚନା ଦେଇଛନ୍ତି।

# ହାଇକୋର୍ଟ ବିଚାରପତିଙ୍କ ଗ୍ରାମ୍ୟ ନ୍ୟାୟାଳୟ ପରିଦର୍ଶନ



ରଘୁନାଥପୁର ଗ୍ରାମ୍ୟ ନ୍ୟାୟାଳୟରେ ହାଇକୋର୍ଟ ବିଚାରପତି ମାନସ ରଞ୍ଜନ ପାଠକ।

ରଘୁନାଥପୁର, ୨୧।୧୧ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ଗ୍ରାମ୍ୟ ନ୍ୟାୟାଳୟକୁ ଶୁକ୍ରବାର ଅପରାହ୍ନରେ ହାଇକୋର୍ଟ ବିଚାରପତି ମାନସ ରଞ୍ଜନ ପାଠକ ପରିଦର୍ଶନରେ ଆସି ବିଭିନ୍ନ ବିଷୟରେ ପଚାରି ବୁଝିଥିଲେ। ସଦସ୍ୟ ସଚିବ ରାଜ୍ୟ ଆଇନ ସେବା ପ୍ରାଧିକରଣ ଅରବିନ୍ଦ ପଟ୍ଟନାୟକ, ରେଜିଷ୍ଟ୍ରାର ରୁଦ୍ରପ୍ରସାଦ ମହାପାତ୍ର, ଜିଲା ଜଜ୍ ପ୍ରଦ୍ୟୁମ୍ନ କୁମାର ନାୟକ, ରେଜିଷ୍ଟ୍ରାର ବିଶ୍ୱ କଳ୍ପିତା ମହାନ୍ତି, ଗ୍ରାମ୍ୟ ନ୍ୟାୟାଳୟ ନ୍ୟାୟଧୀସ ସସ୍ମିତା ସେଠୀ ଓ ସମସ୍ତ ଆଇନଜୀବୀ ଉପସ୍ଥିତ ରହି ସ୍ୱାଗତ ଜଣାଇଥିଲେ।

# ବ୍ରାଉନସୁଗାର ବିକ୍ରି ଘଟଣାରେ ଜଣେ ଗିରଫ



ଗିରଫ ଅଭିଯୁକ୍ତ ବଲ୍ଲଭ ସ୍ୱାଇଁ।

ପାରାଦୀପ, ୨୧।୧୧(ଶରତ ରାଉତ)

ପାରାଦୀପ ଲକ୍ ଥାନା ପୋଲିସ ଶୁକ୍ରବାର ଜଣେ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କଠାରୁ ୧୦ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଏ ନେଇ ନଂ. ୩୬୭/୨୫ ରେ ମାମଲା ରୁଜୁ ହୋଇଛି। ଗିରଫ ଅଭିଯୁକ୍ତ ହେଲେ ଥାନା ଅନ୍ତର୍ଗତ ନିମିଡ଼ି ଗ୍ରାମର ବଲ୍ଲଭ ସ୍ୱାଇଁ (୩୫)। ସେ ଏକ ପଲଥିନ ମଧ୍ୟରେ ଉକ୍ତ ବ୍ରାଉନସୁଗାର ରଖି ଯିବାବେଳେ ପାଟ୍ରୋଲିଂ ପୋଲିସ ତାଙ୍କୁ ଧରିଥିଲା। ଜବତ ବ୍ରାଉନସୁଗାର ମୂଲ୍ୟ ୧ ଲକ୍ଷ ଟଙ୍କା ହେବ ବୋଲି ପୋଲିସ କହିଛି।


**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ.eT-M-WT-PURI-41-2025

**କାର୍ଯ୍ୟର ନାମ :** ତିନି ବର୍ଷ ଅବଧି ନିମନ୍ତେ କୋଚିଙ୍ଗ୍ ଡିପୋ, ପୁରୀ ଠାରୁ ରେଳଡ଼ବା ମରାମତି କାରଖାନା, ମଞ୍ଚେଶ୍ୱର ପର୍ଯ୍ୟନ୍ତ ଏବଂ ବିପରୀତ ଦିଗରେ ପୁରୀକୁ ଫେରିବା ତଥା ଯେକୌଣସି ସ୍ଥାନରୁ ଅନ୍ୟ ଯେକୌଣସି ସ୍ଥାନକୁ ଅନ୍ୟ ରେଳବାଇ ସାମଗ୍ରୀଗୁଡ଼ିକ ପାଇଁ ହ୍ୱିଲ୍ ସେଟ୍‌ଗୁଡ଼ିକର ପରିବହନ।

**ବିଜ୍ଞାପିତ ମୂଲ୍ୟ(ଟଙ୍କାରେ):** 1,22,85,991.74, EMD (ଟଙ୍କାରେ): 2,11,400/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 5,900/-, ଶେଷ ହେବା ଅବଧି : 36 ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା.20.11.2025 ରିଖ, **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.04.12.2025ରିଖ 1300 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ www.ireps.gov.in ରେ ଉପଲବ୍ଧ।

କୋଚିଙ୍ଗ୍ ଡିପୋ ଅଧିକାରୀ, ପୁରୀ
PR-805/Q/25-26



**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.47-SBP-TRD-OT-2025-26, ତା.11.11.2025ରିଖ

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳରେ ସମ୍ବଲପୁର-ଅନୁଗୁଳ ସେକ୍ସନରେ ବର୍ତ୍ତମାନ ଥିବା ପର୍ଯ୍ୟବେକ୍ଷଣ ନିୟନ୍ତ୍ରଣ ଏବଂ ଡାଟା ଅର୍ଜନ ପ୍ରଣାଳୀ (SCADA)ରେ ସାଇବର ସୁରକ୍ଷା କାର୍ଯ୍ୟାନ୍ୱୟନର ବ୍ୟବସ୍ଥା।

**ଆନୁମାନିକ ମୂଲ୍ୟ (ଟଙ୍କାରେ) :** 1,45,03,110/-, EMD (ଟଙ୍କାରେ) : 2,22,500/-, ଶେଷ ହେବା ଅବଧି : 08 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.03.12.2025 ରିଖ 1530 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ। ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର
PR-803/Q/25-26



See Career Appointment on every Wednesday & Saturday

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**WANTED**
WANTED PROPERTY MANAGER
Location: Bhubaneswar,
Qualification: Atleast Graduation having prior experience in managing commercial property, with experience on account entries.
Contact No. - For more details:
Call: 9730920202

A Fast Growing Pharma Company
SHATAYUSHI HEALTHCARE PVT LTD
of Maharashtra having 1200+ Allopathy product basket. REQUIRES
BUSINESS DEVELOPMENT EXECUTIVE
(For BHUBANESWAR/ CUTTACK)
send resume on whatsapp only
Neeraj Pathak 7385495717 | Subhash Kelkar 9923000311


**वरीय पुलिस अधीक्षक का कार्यालय,राँची**

सर्वसाधारण के लिए सूचना



नाम–हरि सहनी उम्र करीब–69 वर्ष, रंग–सॉवला, ऊँचाई–05 फीट, 6 फीट पहनावा–कुर्ता एवं सफेद धोती पहने हुए है।

उपरोक्त लापता व्यक्ति हरि सहनी उम्र करीब–69 वर्ष, पिता–स्व0 जदू सहनी, गाम–सिलौत, थाना–समस्तीपुर जिला–समस्तीपुर, (बिहार) जो दिनांक–15.09.2025 को CIP, कॉके, राँची से बगैर बताए कहीं चले गए जो आजतक अपने घर वापस नहीं आए है। जिनकी मानसिक स्थिति ठिक नहीं है। जिसके संबंध में कॉके थाना सनहा संख्या–31/2025, दिनांक–15.09.2025 दर्ज कर खोजबीन की जा रही है। उपरोक्त सूचना को सार्वजनिक किया जाना आवश्यक है।

अतः सभी जनसाधारण से अनुरोध है कि यदि उपरोक्त लापता व्यक्ति कहीं मिलती/दिखती है तो इसके संबंध में वरीय पुलिस अधीक्षक के कार्यालय में या निम्नांकित फोन नम्बर पर संपर्क कर इसकी सूचना दें।

Email ID(rnc-dcb@jhpolice.gov.in)
पुलिस उपाधीक्षक, मु0, प्रथम, राँची। –9431706141
थाना प्रभारी कॉके, राँची। –9431706185

वरीय पुलिस अधीक्षक, राँची
PR 366734 Police(25-26).D


Bharat Petroleum | 50th Year of Shaping The Future
# ଲଘୁଚାପ ବର୍ଷା ଆଶଙ୍କାରେ ଚାଷୀ ଛାନିଆ

ବିଞ୍ଝାରପୁର,୨୧।୧୧(ରାମ କୃଷ୍ଣ ଦାସ)



ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନଯାୟୀ ନଭେମ୍ବର ଶେଷ ସପ୍ତାହର ପ୍ରାରମ୍ଭରେ ଦକ୍ଷିଣ ପୂର୍ବ ବଙ୍ଗୋପସାଗରେ ଲଘୁଚାପ ସୃଷ୍ଟି ହୋଇ ଗଭୀର ଅବପାତରେ ପରିଣତ ହେବ। ପାଣିପାଗ ବିଭାଗର ଏହିଭଳି ଆକଳନ ପରେ ଚାଷୀ ଛାନିଆ ହୋଇ ପଡ଼ିଛନ୍ତି। ଚଳିତ ବର୍ଷ ଭଲ ମୌସୁମୀ ବର୍ଷା ସହ ପାଗ ଅନୁକୂଳ ହୋଇଥିବାରୁ ବିଞ୍ଝାରପୁର ଅଞ୍ଚଳରେ ଖରିଫ ଧାନ ଫସଲ ଆଶାନୁରୁପକ ହୋଇପାରିଛି। କିନ୍ତୁ ଏବେ ଲଘୁଚାପ ବର୍ଷା ଓ ଅବପାତ ଭୟରେ ଚାଷୀ ଆଶଙ୍କାରେ ରହିଛନ୍ତି। ବର୍ତ୍ତମାନ ଧାନ ଅମଳ ସମୟ। ଅନେକ ସ୍ଥାନରେ ଶାରଦ ଧାନ କଟା ଆରମ୍ଭ ହୋଇଛି। ତେଣୁ ଏହି ସମୟରେ ଯଦି ଲଘୁଚାପ ଜନିତ ବର୍ଷା ହୁଏ ତେବେ ଚାଷୀ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ରହିଛି। ଲଘୁଚାପ ବର୍ଷା ହେଲେ ଜମିରେ ପାଣି ପଶି ରହିବ। ଫଳରେ ଧାନ କାଟିବା ସମ୍ଭବ ହେବନାହିଁ। ଏପରିକି ଶୋଇ ରହିଥିବା ଧାନ ଉଜୁଡି ଯିବା ସମ୍ଭାବନା ରହିଛି। କ୍ଷେତରେ ଶୋଇଥିବା ରହିଥିବା ଧାନକୁ ଚାଷୀ କିପରି କାଟି ଅମଳ ପାଇଁ ଖଳାକୁ ଆଣିବେ ସେହି ଚିନ୍ତାରେ ରହିଛନ୍ତି। ଅନ୍ୟପକ୍ଷରେ ସମ୍ଭାବ୍ୟ ଲଘୁଚାପ ଜନିତ ବର୍ଷା ଓ ଅବପାତକୁ ଆଖି ଆଗରେ ରଖି ତୁରନ୍ତ ଶୋଇ ରହିଥିବା ଲଘୁ କିସମ ପାଚିଲା ଧାନଗଛକୁ କାଟି ଖଳାକୁ ଆଣିବାକୁ ବ୍ଲକ କୃଷି ଅଧିକାରୀ ଅନିରୁଦ୍ଧ ତରାଇ ଚାଷୀଙ୍କୁ ପରାମର୍ଶ ଦେଇଛନ୍ତି।

**ସୁନା ଚୋରି ଘଟଣାରେ ଥାନାରେ ୨ ଅଟକ**

ଆଳି, (ବନମାଳୀ ସେନାପତି): ଆଳି ଥାନା ଅନ୍ତର୍ଗତ ଇଛାପୁର ଗ୍ରାମର ଲିପିକା ପରିଡାଙ୍କ ଘରୁ ସୁନା ଚୋରି ଘଟଣାରେ ଆଳି ପୋଲିସ ୨ ଜଣଙ୍କୁ ଅଟକ ରଖି ପଚରାଉଚୁରା ଜାରି ରଖିଛି। ସୂଚନା ଅନୁଯାୟୀ, ଇଛାପୁର ଗ୍ରାମର ଲିପିକାଙ୍କ ଘର ଗଡ଼ରେଜରୁ ପ୍ରାୟ ୮ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଲୁଟ ହୋଇଥିଲା। ଏ ନେଇ ସେ ଥାନାରେ ଅଭିଯୋଗ କରିଥିଲେ। ଆଳି ପୋଲିସ ଏହି ଘଟଣାରେ ଜଣେ ମହିଳା ଓ ଜଣେ ସୁନା ଦୋକାନୀଙ୍କୁ ଥାନାରେ ଅଟକ ରଖି ଘଟଣାର ତଦନ୍ତ ଜାରି ରଖିଥିବା ଜଣାପଡିଛି।



# ଜବତ ବେଆଇନ ସାମଗ୍ରୀର ମୂଳଉତ୍ସ ଖୋଜାଯାଉ

କେନ୍ଦ୍ରାପଡ଼ା, ୨୧।୧୧ (ଜଗନ୍ନାଥ ଧଳ)

- ଦିନକୁ ଦିନ ବଢୁଛି ଆପରାଧିକ କାର୍ଯ୍ୟକଳାପ
- ନିଶା କାରବାର ଜିଲା ସାରା ଖେଳାଇଗଲାଣି
- ଛିନ୍‌ତାଇରେ ବି ବ୍ୟବହାର ହେଉଛି ମାରଣାସ୍ତ୍ର

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପକ୍ଷରୁ ହୋଇଥିବା ଚଢ଼ାଉ ସମୟରେ ସ୍ଥାନୀୟ ଶିକ୍ଷାନୁଷ୍ଠାନ ନିକଟ ପଡିଆରେ ଡକାୟତି ଯୋଜନା କରୁଥିବା ୭ ଜଣ ଅଭିଯୁକ୍ତଙ୍କୁ ପୋଲିସ ଗତ ଶନିବାର ରାତିରେ ଧରିଥିଲା। ସେମାନଙ୍କ ନିକଟରୁ ଅନ୍ୟାନ୍ୟ ସାମଗ୍ରୀ ସହ ଦେଶୀ ବନ୍ଧୁକ ଜବତ ହୋଇଥିଲା। ବନ୍ଧୁକ ଜବତ ଘଟଣା କେନ୍ଦ୍ରାପଡ଼ା ଜିଲାରେ ନୂଆ ନୁହେଁ। ଗତ ୨ ବର୍ଷ ମଧ୍ୟରେ ପ୍ରାୟ ୧୦ ବନ୍ଧୁକ ଜବତ ହୋଇଛି। ଅପରାଧୀ ଗୁଳିକାଣ୍ଡ କରୁଥିବା ବହୁ ସମୟରେ ନଜରକୁ ଆସୁଛି। ସେହିପରି ଗତ ମାସକ ମଧ୍ୟରେ ଅବକାରୀ ବିଭାଗ ଓ ଜିଲା ପୋଲିସ ପକ୍ଷରୁ ବହୁ ପରିମାଣର ବେଆଇନ ମଦ ସହ ପ୍ରାୟ ୪୦୦ ଗ୍ରାମ ବ୍ରାଉନସୁଗାର ଧରାପଡିଲାଣି। ଲୁଟ୍, ଛିନ୍‌ତାଇ ଜିଲାରେ କମିବାରେ ନାଁ ଧରୁନାହିଁ। ପାଟକୁରା ଥାନା ଅନ୍ତର୍ଗତ ପାଟଳିପଙ୍କ ଗ୍ରାମରେ ଏସିଡ୍ ଫୋପଡା ମାମଲା ମଧ୍ୟ ହୋଇଛି। ବେଆଇନ ଭାବେ କ୍ରୟ ହୋଇଥିବା ବନ୍ଧୁକ, ବ୍ରାଉନସୁଗାର, ଏସିଡ୍ ଆଦି ସାମଗ୍ରୀ ଆପରାଧିକ କାର୍ଯ୍ୟରେ ବ୍ୟବହାର ହେଉଥିଲେ ମଧ୍ୟ ଏହାର ମୂଳ ଉତ୍ସକୁ ଜିଲା ପୋଲିସ ଖୋଜିବାକୁ ଚେଷ୍ଟା କରୁନାହିଁ। ବଡଧରଣର ରାକେଟ ପାଇଁ ଜିଲା ସାରା ବ୍ରାଉନସୁଗାର ବିକ୍ରି ଖେଳେଇ ହୋଇଥିବା ବେଳେ ବନ୍ଧୁକ ଆସୁଛି କେଉଁଠୁ ବୋଲି ସଚେତନ ନାଗରିକ ଏବେ ପ୍ରଶ୍ନ କରୁଛନ୍ତି। ମୂଳ ଉତ୍ସ ଖୋଜି ବିକ୍ରେତାଙ୍କୁ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ବୁଦ୍ଧିଜୀବୀମାନେ ସ୍ୱର ଉଠାଇଛନ୍ତି।

ଏ ସମ୍ପର୍କରେ ସାମାଜିକ କର୍ମୀ ଅମରବର ବିଶ୍ୱାଳ କହିଛନ୍ତି, ଗତ ୪ ଦଶନ୍ଧି ଧରି କେନ୍ଦ୍ରାପଡ଼ା ଜିଲାରେ ଆପରାଧିକ କାର୍ଯ୍ୟକଳାପ ବଢ଼ିଚାଲିଛି। ଏଥିରେ ଯୁବବର୍ଗ ସାମିଲ ହୋଇ ଜନଜୀବନକୁ ଅସ୍ତବ୍ୟସ୍ତ କରୁଛନ୍ତି। ଏପରିକି ବିଭିନ୍ନ କ୍ଷେତ୍ରରେ ଥିବା ଜିଲାର ସୁନାମ ବାହାରକୁ ଯିବା ପରିବର୍ତ୍ତେ ବଦନାମ ବ୍ୟାପୁଛି। ସାଧାରଣ ଲୁଟ, ଛିନ୍‌ତାଇରେ ମଧ୍ୟ ପିସ୍ତଲ, ରାଇଫଲ ବ୍ୟବହାର ହେଉଥିବା ଲକ୍ଷ୍ୟ କରାଯାଉଛି। ଅପରାଧୀମାନେ ବ୍ୟବହାର କରୁଥିବା ମାରଣାସ୍ତ୍ରର ମୂଳଉତ୍ସକୁ ଜିଲା ପୋଲିସ ଖୋଜି ପାଉନି। ମାରଣାସ୍ତ୍ର କେଉଁଠୁ ଆସୁଛି, ସେନେଇ ପୋଲିସ ତଦନ୍ତ କରୁନାହିଁ। ଫଳରେ ବେଆଇନ ସାମଗ୍ରୀର ବେପାର ବଢ଼ିଚାଲିଛି। ପୋଲିସ ଅଭିଯୁକ୍ତଙ୍କଠାରୁ ଜବତ କରିଥିବା ସାମଗ୍ରୀ ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ହାସଲ କରିପାରିଲେ କିଛି ପରିମାଣରେ ଅପରାଧ କମି ପାରିବ। ବୁଦ୍ଧିଜୀବୀ ରାଧାକାନ୍ତ ମହାନ୍ତି କହିଛନ୍ତି, ପୂର୍ବାପେକ୍ଷା ଜିଲାରେ ଅପରାଧ ରୋକିବାରେ ଜିଲା ପୋଲିସ ଓ ଅବକାରୀ ବିଭାଗ କେତେକାଂଶରେ ସକ୍ଷମ ହୋଇଛି। ତେବେ ଏହି ଆପରାଧିକ କାର୍ଯ୍ୟରେ ବ୍ୟବହୃତ ସାମଗ୍ରୀ ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ହାସଲ କରିପାରିଲେ, ଏହାର ନିୟନ୍ତ୍ରଣ ସହଜ ହେବ। ଗଞ୍ଜେଇ, ବ୍ରାଉନସୁଗାର ଆଦି ବେଆଇନ ବିକ୍ରିକାରୀଙ୍କୁ ଧରିବା ସମୟରେ ଏହାର ମୂଳ ଉତ୍ସ ସମ୍ପର୍କରେ ସୂଚନା ମିଳୁଛି। ତେବେ ପୋଲିସ ଅଥବା ଅବକାରୀ ବିଭାଗ ଅଧିକାରୀମାନେ ଏହାକୁ ଗୁରୁତ୍ୱ ଦେଉନାହାନ୍ତି। ସେହିପରି ଜବତ ମାରଣାସ୍ତ୍ର ସମ୍ପର୍କରେ ଥାନା ପୋଲିସ ତଦନ୍ତ କରିବା କଥା। ମାତ୍ର ଏ ସମ୍ପର୍କରେ ସବିଶେଷ ତଥ୍ୟ ପାଇଁ ଜିଲା ପୋଲିସ ପକ୍ଷରୁ ଅପରାଧୀଙ୍କୁ ରିମାଣ୍ଡରେ ନେବା ଦେଖାଯାଉନାହିଁ। ଏ ସମ୍ପର୍କରେ ଏସ୍‌ଡିପିଓ ଜ୍ୟୋତିରଞ୍ଜନ ଗୌଡଙ୍କୁ ପଚାରିବାରେ କେତେକ ମାମଲାରେ ଆପରାଧିକ ସାମଗ୍ରୀର ମୂଳ ଉତ୍ସ ସମ୍ପର୍କରେ ତଦନ୍ତ ହୋଇଛି। ବିକ୍ରେତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହୋଇଛି। ଆଗକୁ ଏହାକୁ ତ୍ୱରାନ୍ୱିତ କରାଯାଇ ବେଆଇନ ସାମଗ୍ରୀ ଗଚ୍ଛିତ ରଖୁଥିବା ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

# ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କ ଜୟନ୍ତୀ



ହରେକୃଷ୍ଣ ମହତାବଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଉଛି।

ପାଟକୁରା, ୨୧।୧୧ (ରବୀନ୍ଦ୍ର ନାଥ ବାରିକ)

ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ ଜୟନ୍ତୀ ଉତ୍ସବ ପାଟକୁରା କହ୍ନେଇଲାଲଜୀଉ ଛକରେ ଶୁକ୍ରବାର ପାଳିତ ହୋଇଯାଇଛି । ତାଙ୍କ ସ୍ମୃତିରେ କହ୍ନେଇଲାଲଜୀଉ ଓ ପାରେଶ୍ୱର ମନ୍ଦିର ନିକଟରେ ନାମ ସଂକୀର୍ତ୍ତନ କରାଯାଇଥିଲା। ମହାତାବ ଜୟନ୍ତୀ କମିଟି ସଭାପତି ଖବରଦାତା ସୁବାସ ଚନ୍ଦ୍ର ଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡା. ହିମାଂଶୁ ଭୂଷଣ ଷଡଙ୍ଗୀ, ପୂର୍ବତନ ରାଜ୍ୟ ବିଜେଡି ସମ୍ପାଦକ ରବି ସାମଲ, କେନ୍ଦ୍ରାପଡା ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ ଦାଶ, ସାମାଜିକ କର୍ମୀ ନରୋତ୍ତମ ପରିଡ଼ା,ପୂର୍ବତନ ସରପଞ୍ଚ ଗୋକୁଳାନନ୍ଦ ବେହେରା, ଶିକ୍ଷାବିତ ମାଳୟ କୁମାର ପାଣି ପ୍ରମୁଖ ଡକ୍ଟର ମହତାବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ ମହାନ ରାଷ୍ଟ୍ର ନୀତିଜ୍ଞଙ୍କ ସ୍ମୃତିଚାରଣ କରିଥିଲେ । ଶ୍ରଦ୍ଧାଞ୍ଜଳି ଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ ଖବରଦାତା ଯଶୋବନ୍ତ ପାତ୍ର, ବାପୁଜୀ ମିଶ୍ର,ସୁବାସ ସାମଲ, ବିଚିତ୍ର ପଟ୍ଟନାୟକ, ଶିବ ପ୍ରସାଦ ପରିଜା,ଶାନ୍ତିମୈତ୍ରୀର ସମ୍ପାଦକ ଭଗବାନ ଜେନା, ଶିକ୍ଷାବିତ ପ୍ରମୋଦ କୁମାର ନାୟକ, ପ୍ରଧାନ ଶିକ୍ଷୟିତ୍ରୀ ରୀନାବାଳା ମହାନ୍ତି, ରଞ୍ଜିତ କୁମାର ମହାନ୍ତି, ଗୋକୁଳାନନ୍ଦ ପରିଜା, ଭାଜପା ନେତା ଚିତ୍ତରଞ୍ଜନ ଚୌଧୁରୀ, ପ୍ରକୃତି ବନ୍ଧୁ ଉଦୟ ନାଥ ଚୌଧୁରୀ, ଭିକାରି ମହାନ୍ତି, ଶିଶିର ପରିଡା, ଧ୍ରୁବ ଚରଣ ସାହୁ,ଶଙ୍କର ସ୍ୱାଇଁଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଅନମୁଲ ଖୁଣ୍ଟିଆ, ସୁରେଶ ଚନ୍ଦ୍ର ଖୁଣ୍ଟିଆ, ବିସ୍ମୟ ପ୍ରକାଶ ଖୁଣ୍ଟିଆ।

# ସୂଚନା ଅଧିକାର କର୍ମୀଙ୍କୁ ୨୫ହଜାର ଦେବାକୁ ନିର୍ଦ୍ଦେଶ

କେନ୍ଦ୍ରାପଡା, ୨୧।୧୧ (ଜଗନ୍ନାଥ ଧଳ)

**ତଥ୍ୟ ନ ଦେବା ତେରଗାଁ ପିଆଇଓଙ୍କୁ ମହଙ୍ଗା ପଡ଼ିଲା**

ସୂଚନା ଅଧିକାର ଆଇନ ଅମାନ୍ୟ କେନ୍ଦ୍ରାପଡା ଜିଲା ମହାକାଳପଡା ବ୍ଲକ ତେରଗାଁ ପଞ୍ଚାୟତ ପବ୍ଲିକ ଇନ୍‌ଫରମେସନ ଅଫିସର (ପିଆଇଓ)ଙ୍କୁ ମହଙ୍ଗା ପଡିଛି। ନିର୍ଦ୍ଦିଷ୍ଟ ସମୟ ଅବଧି ମଧ୍ୟରେ ତଥ୍ୟ ଦେଇ ନ ଥିବାରୁ ସୂଚନା ଅଧିକାର କର୍ମୀ ତେରଗାଁର ସୁବ୍ରତ କୁମାର ସେଠୀଙ୍କୁ ୧ ମାସ ମଧ୍ୟରେ ୨୫ ହଜାର ଟଙ୍କା ଦେବା ପାଇଁ ରାଜ୍ୟ ସୂଚନା କମିଶନର ସୁଶାନ୍ତ କୁମାର ମହାନ୍ତି ଗତ ୧୫ ତାରିଖରେ ନିର୍ଦ୍ଦେଶ ଦେଇଛନ୍ତି । ଏ ସମ୍ପର୍କରେ ଏକ ରିପୋର୍ଟ ପ୍ରଦାନ ପାଇଁ ଜିଲାପାଳଙ୍କୁ ୪୫ ଦିନ ସମୟ ଦିଆଯାଇଛି। ଏ ସମ୍ପର୍କରେ ସୁବ୍ରତ କହିଛନ୍ତି, ଏହି ପଞ୍ଚାୟତରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ବିଭିନ୍ନ ପ୍ରକଳ୍ପ ହୋଇଥିବା ଜଣା ପଡିଥିଲା। ତେବେ ୨୦୨୩ ଆର୍ଥିକ ବର୍ଷରେ କେଉଁ ପ୍ରକଳ୍ପରେ କେତେ ଅର୍ଥ ବିନିଯୋଗ ସହ ଅନ୍ୟ କେତେକ ତଥ୍ୟ ସୂଚନା ଅଧିକାର ଆଇନ ଅନୁଯାୟୀ ଆବେଦନ ପତ୍ର ଦେଇଥିଲେ। ମାତ୍ର ସମୟ ଅବଧି ମଧ୍ୟରେ ଏହି ତଥ୍ୟ ମିଳି ନ ଥିଲା। ଏନେଇ କମିଶନଙ୍କ କୋର୍ଟରେ ଅଭିଯୋଗ ପତ୍ର ଦିଆଯାଇଥିଲା ବୋଲି ସେ ସୂଚନା ଦେଇଛନ୍ତି।

# ଅବ୍ୟବସ୍ଥା ମଧ୍ୟରେ ଗୋପ ହାଟଛକ



ଅତିରିକ୍ତ ଜିଲାପାଳ ନବକୃଷ୍ଣ ଜେନାଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

କେନ୍ଦ୍ରାପଡ଼ା, ୨୧।୧୧ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ସହରର ଗୋପ ଛକସ୍ଥିତ ଦୈନିକ ଓ ସପ୍ତାହର ୨ଥର ହାଟ ବସେ। ଏହା ସ୍ଥାନୀୟ ପନିପରିବା ବ୍ୟବସାୟୀଙ୍କ ପେଣ୍ଠସ୍ଥଳ। ଏଠାରୁ ଗ୍ରାମୀଣ ନିୟନ୍ତ୍ରିତ ବଜାର କମିଟି (ଆରଏମ୍‌ସି) ପରିଚାଳନା ସହିତ ମାହାସୁଲ ଆଦାୟ କରୁଛି। ଏହାସତ୍ତ୍ୱେ ଏହାର ଉନ୍ନତି ହେଉନାହିଁ। ହାଟଛକଠାରେ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଚାଲିଥିବା ବେଳେ ପ୍ରତ୍ୟହ ଦୁର୍ଘଟଣା ସ୍ଥାନୀୟ ଅଞ୍ଚଳରେ ସମସ୍ୟା ସୃଷ୍ଟି କରିଛି। ଏହିପରି ଅବ୍ୟବସ୍ଥାର ତୁରନ୍ତ ସମାଧାନ ପାଇଁ କେନ୍ଦ୍ରାପଡ଼ାର ଯୁବ ସ୍ୱାଭିମାନ ଅନୁଷ୍ଠାନ ପକ୍ଷରୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ର ଅତିରିକ୍ତ ଜିଲାପାଳ ନବକୃଷ୍ଣ ଜେନାଙ୍କୁ ଶୁକ୍ରବାର ପ୍ରଦାନ କରାଯାଇଛି।

ଏ ସମ୍ପର୍କରେ ଅନୁଷ୍ଠାନର ସଭାପତି ଇଂ. ସ୍ମୃତିରଞ୍ଜନ ଜେନା କହିଛନ୍ତି, ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏହି ହାଟ ପ୍ରତ୍ୟହ ଭିଡ ଲାଗେ। ଏପରି କି ସପ୍ତାହର ୨ଦିନ ଅର୍ଥାତ ରବିବାର ଓ ଗୁରୁବାର ଏହି ହାଟରେ ଅସମ୍ଭବ ଭାବେ ଗ୍ରାହକଙ୍କ ଭିଡ ହୋଇଥାଏ। ଆରଏମ୍‌ସି ଏହାକୁ ପରିଚାଳନା କରୁଛି। ତେବେ ହାଟ ପିଣ୍ଡିକୁ କେତେଜଣ ବ୍ୟକ୍ତି ନିଜ ଅକ୍ତିଆରକୁ ନେଇଥିବା ଯୋଗୁ ବ୍ୟବସାୟୀ ରାସ୍ତା ଉପରେ ବ୍ୟବସାୟ କରୁଛନ୍ତି। ଅପରପକ୍ଷରେ ହାଟଛକଠାରେ ଜାତୀୟ ରାଜପଥ ବିଭାଗ ପକ୍ଷରୁ ଏକ ବ୍ରିଜ ନିର୍ମାଣ କରାଯାଉଛି। ଏହା ଲମ୍ବା ସମୟ ଧରି ଚାଲିଥିବାରୁ ଯାତାୟାତ ବାଧାପ୍ରାପ୍ତ ହେଉଛି। ସେହିପରି ହାଟଛକରେ ସାମାଜିକ ସୁରକ୍ଷା ପାଇଁ ଲାଇଟ, ପୋଲିସ ବ୍ୟବସ୍ଥା ଆଦିର ସୁବିଧା ରହୁନାହିଁ। ଏଠାରେ ଥିବା ଜଳ ନିଷ୍କାସନ ବ୍ୟବସ୍ଥା ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଅଛି। ଟ୍ରାଫିକ୍ ନିୟନ୍ତ୍ରଣ, ହାଟର ସମ୍ପ୍ରସାରଣ ଆଦି କେତେକ ଦାବିର ସମାଧାନ ପାଇଁ ଯୁବ ସ୍ୱାଭିମାନ ସଙ୍ଗଠନ ପକ୍ଷରୁ ପ୍ରୟାସ କରାଯାଇଥିବା ସଭାପତି ଇଂ. ଜେନା କହିଛନ୍ତି।

# ମାମଲା ରୁଜୁ କଲା ତାଳଚୁଆ ପୋଲିସ

ରାଜନଗର, ୨୧।୧୧ (ଭାସ୍କର ରାଉତରାୟ)

**୩ ଟ୍ରକ୍‌ରେ ମାଙ୍କଡା ପଥର ଚାଲାଣ ଘଟଣା**

ବେଆଇନ ଭାବେ ମାଙ୍କଡା ପଥର ଚୋରା ଚାଲାଣ କରୁଥିବା ୩ଟି ଟ୍ରକ୍‌କୁ ରାଜନଗର ବ୍ଲକ ତାଳଚୁଆ ସାମୁଦ୍ରିକ ଥାନା ପୋଲିସ ଗୁରୁବାର ଜବତ କରିଥିଲା। ତାଳଚୁଆ ଅଭିମୁଖେ ଯାଉଥିବା ମାଙ୍କଡା ବୋଝେଇ ଟ୍ରକ୍ (ନଂ- ଓଆର- ୦୯-ଇ- ୬୪୫୫, ନଂ- ଓଆର- ୦୯- ବି- ୫୮୧୭ ଓ ନଂ- ଓଆର- ୦୪- ଡି- ୯୪୧୫) କୁ ରାଜନଗର-ତାଳଚୁଆ ପୂର୍ତ୍ତ ବିଭାଗ ରାସ୍ତାର ସାମୁଦ୍ରିକ ଥାନା ଗେଟ ନିକଟରେ ଜବତ କରି ଅଟକ ରଖିଥିଲା । ମାଙ୍କଡା ପଥର ଚାଲାଣ କାଗଜପତ୍ର ଦେଖାଇ ନ ପାରିବାରୁ ପୋଲିସ ନଂ.୧୫୦/୨୫ରେ ମାମଲା ରୁଜୁ କରାଯାଇଛି ବୋଲି ଆଇଆଇସି ବିମଳ କୁମାର ମଲ୍ଲିକ ସୂଚନା ଦେଇଛନ୍ତି । ପ୍ରଥମଥର ପାଇଁ ସାମୁଦ୍ରିକ ଥାନା ଅଞ୍ଚଳରେ ଖଣିଜ ସମ୍ପଦ ଚୋରା ଚାଲାଣ ନେଇ ମକଦ୍ଦମା ହେବା ଯୋଗୁ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

# ହରପ୍ରିୟା ଦେବୀଙ୍କ ସ୍ମୃତିସଭା

ରାଜନଗର, ୨୧।୧୧ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ବେଲପାଳ ଗ୍ରାମର ଆଦର୍ଶ ମହିଳା ହରପ୍ରିୟା ଦେବୀଙ୍କ ଦ୍ୱାଦଶାହ ଅବସରରେ ଗ୍ରାମର ଆରାଧ୍ୟ ଦେବୀ ମା' ରଚନ୍ତି କାଳୀ ପଡିଆରେ ତାଙ୍କ ତ୍ୟାଗ ଓ ସମର୍ପଣ ଭାବନା ଶତାୟୁ ପରିବାରର ସଭ୍ୟାଙ୍କୁ ଗୋଟିଏ ସୂତାରେ ବାନ୍ଧିରଖି ରଖିଥିବା ସ୍ୱର୍ଗୀୟା ହରପ୍ରିୟା ଦେବୀଙ୍କ ସ୍ମୃତି ସଭାରେ ମୁଖ୍ୟ ଅତିଥି ଭାବେ ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗଦେଇ ସ୍ମୃତି ଚାରଣ କରିଥିଲେ । ଏହି ସ୍ମୃତି ସଭାରେ ପ୍ରାକ୍ତନ ବିଡିଓ ଅନୀଲ କୁମାର ବଳ, ନଳିନୀ ରଞ୍ଜନ ରାଉତରାୟ,ପଣ୍ଡିତ ବରଦା କାନ୍ତ ଜେନା,ପୂର୍ବତନ ସରପଞ୍ଚ କୈଳାସ ଚନ୍ଦ୍ର ପରିଡ଼ା,ସମବାୟବିତ ଦିଲ୍ଲୀପ ପାତ୍ର, ଅଚ୍ୟୁତ ପ୍ରଧାନ, ବାଇଧର ସ୍ୱାଇଁ,ସୁଧାକର ପଣ୍ଡା,ରଘୁନାଥ ସ୍ୱାଇଁ,ଦୈତାରି ସ୍ୱାଇଁ,ଅଧିକାରୀ ସ୍ୱାଇଁ, ବିଦ୍ୟାଧର ନାୟକ,ସଂଗ୍ରାମ ଖଟୁଆ, ନବୀନ ପଣ୍ଡା, ଗୋବର୍ଦ୍ଧନ ପ୍ରଧାନ, ମନୋଜ କୁମାର ସ୍ୱାଇଁ ଓ ପୃଥୀରାଜ ପାତ୍ର ପ୍ରମୁଖ ଯୋଗଦେଇ ସ୍ମୃତି ଚାରଣ କରିଥିଲେ । ପତ୍ରକାର ଭାସ୍କର ରାଉତରାୟ ଏହାକୁ ସଂଯୋଜନା କରିଥିଲେ । କାର୍ଯ୍ୟକ୍ରମକୁ ଜ୍ଞାନ ରଞ୍ଜନ ସ୍ୱାଇଁ, ସୂର୍ଯ୍ୟ ନାରାୟଣ ଲେଙ୍କା, ଶ୍ରୀକାନ୍ତ ସ୍ୱାଇଁ,ଅମରେନ୍ଦ୍ର ସ୍ୱାଇଁ,ପୀତାମ୍ବର ସ୍ୱାଇଁ ଓ ସନ୍ତୋଷ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।

# ଗାଡ଼ି ବନ୍ଧକ ରଖି ସୁଧ କାରବାର ଘଟଣା: ମୁଖ୍ୟ ଅଭିଯୁକ୍ତ ଗିରଫ

କଟକ ସଦର, ୨୧।୧୧ (ସୁଶାନ୍ତ କୁମାର ଜେନା)

ଗାଡ଼ି ବନ୍ଧକ ରଖି ସୁଧ କାରବାର କରିବା ଘଟଣାରେ ସମ୍ପୃକ୍ତ ଥିବା କନ୍ଦରପୁର ନିକଟସ୍ଥ ଶଙ୍ଖପୁର ପଞ୍ଚାୟତ ଅନ୍ତର୍ଗତ ସରସୁଦା ଗ୍ରାମର ମୁଖ୍ୟ ଅଭିଯୁକ୍ତ ରାଜେନ୍ଦ୍ର ଭୋଳ (୫୫)ଙ୍କୁ ଜଗତ୍‌ସିଂହପୁର ଜିଲା ବିରିଡ଼ି ଥାନା ପୋଲିସ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ତାଙ୍କ ଘରୁ ୩୮ଟି ବାଇକ୍, ୪ଟି ୪ ଚକିଆ ଗାଡ଼ି, ୩ଲକ୍ଷ ଟଙ୍କାର ସୁନାଗହଣା ଜବତ କରାଯାଇଛି ବୋଲି ବିରିଡି ଥାନା ଅଧିକାରୀ ସୁଜାତା ବେହେରା ସୂଚନା ଦେଇଛନ୍ତି। ରାଜେନ୍ଦ୍ର ବାଇକ୍ ଓ କାର୍ ବନ୍ଧକ ରଖି ଚଢ଼ା ଦରରେ ସୁଧ ନେଇ ଅର୍ଥ କାରବାର କରି ଆସୁଥିଲେ। ରାଜନୈତିକ ପ୍ରଭାବ ବିସ୍ତାର କରି କେତେଜଣ ଲୋକ ତାଙ୍କୁ ସୁରକ୍ଷା ଦେଇ ଆସୁଥିଲେ। ନୂଆ ଥାନା ଅଧିକାରୀ ବେହେରା କାର୍ଯ୍ୟରେ ଯୋଗଦେବା ପରେ ତାଙ୍କ ନିକଟରେ ଏହି କାରବାର ସମ୍ପର୍କରେ ଅଭିଯୋଗ ହୋଇଥିଲା। ସ୍ଥାନୀୟ ପୋଲିସ ୧୬ ତାରିଖ ରାତିରେ ଭୋଳଙ୍କ ଘର ଉପରେ ଚଢ଼ାଉ କରିଥିଲା। ଏ ନେଇ ଥାନାରେ ଏକ ମାମଲା (ନଂ.୨୯୫/୨୫) ରୁଜୁ କରି ମୁଖ୍ୟ ଅଭିଯୁକ୍ତ ରାଜେନ୍ଦ୍ର ଓ ତାଙ୍କ ସ୍ତ୍ରୀ ରାଜଶ୍ରୀଙ୍କ ନାମରେ ମାମଲା ରୁଜୁ କରିଛି।

# ସୁଧୁଗୁନି ସଲାରୋ ଗ୍ରାମ୍ୟ ରାସ୍ତା ଅବସ୍ଥା, ଅଧା କାମ କରି ବସି ରହିଛନ୍ତି ଠିକାଦାର

ଡେରାବିଶ, ୨୧।୧୧ (ବେବର୍ତ୍ତା ଅଜୟ ଦାସ)



ମରଣ ଯନ୍ତା ପାଲଟିଥିବା ରାସ୍ତା ।

ଡେରାବିଶ ବ୍ଲକ ଖମୋଳ ପଞ୍ଚାୟତ ଅନ୍ତର୍ଗତ ବଡସଲାରୋ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଥିବା ବେଳେ ଅଞ୍ଚଳବାସୀ ହୀନସ୍ତା ଭୋଗୁଛନ୍ତି। କଟକ-ଚାନ୍ଦବାଲି ରାଜ୍ୟ ରାଜପଥର ସଲାରୋ ମଠ ଛକଠାରୁ ଗ୍ରାମକୁ ସଂଯୋଗ କରୁଥିବା ଏହି ରାସ୍ତାଟି ଅଞ୍ଚଳବାସୀଙ୍କ ପାଇଁ ବହୁ ଗୁରୁତ୍ୱ ବହନ କରେ। ଖମୋଳ ପଞ୍ଚାୟତର ଅର୍ଦ୍ଧାଧିକ ଗ୍ରାମ ସମେତ ପଲେଇ ଓ ଚାନ୍ଦୋଳ ପଞ୍ଚାୟତର ବହୁ ଗ୍ରାମବାସୀ ଦୈନନ୍ଦିନ ଯାତାୟାତ ପାଇଁ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ରାସ୍ତାର ଗୁରୁତ୍ୱକୁ ଉପଲବ୍ଧି କରି କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ପକ୍ଷରୁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର କରାଯାଇଥିଲା। ବହୁବାର ଅଞ୍ଚଳବାସୀଙ୍କ ଦାବି ପରେ ଏହି ରାସ୍ତାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନବୀକରଣ ପାଇଁ ଟେଣ୍ଡର ମାଧ୍ୟମରେ ଜଣେ ଠିକାଦାରଙ୍କୁ କାର୍ଯ୍ୟାଦେଶ ଦିଆଯାଇଥିଲା। ମାତ୍ର ରାସ୍ତା ନବୀକରଣ ପାଇଁ ଠିକାଦାର କାର୍ଯ୍ୟ ଆରମ୍ଭ କରୁ ନ ଥିବା ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନିକ ସ୍ତରରେ ତତ୍ପରତା ପ୍ରକାଶ ପାଇଥିଲା। ୨ ମାସ ପୂର୍ବେ ଠିକାଦାର ଏହି ରାସ୍ତାର କାମ ଗ୍ରାମ ମଧ୍ୟରୁ ଅଳ୍ପ କିଛି ଆରମ୍ଭ କରି ଉଭାନ ହୋଇଯିବା ଯୋଗୁ ଅଧାପନ୍ତରିଆ ହୋଇପଡିଛି। ଠିକାଦାରଙ୍କ ଦର୍ଶନ ମିଳୁ ନ ଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ରାସ୍ତାରେ ଠିକାଦାରଙ୍କ ଭାରିଯାନ ଯାତାୟାତ ଯୋଗୁ ପୂର୍ବଠାରୁ ଅଧିକ ଖାଲଖମାରେ ଭର୍ତ୍ତି ହୋଇଛି। ଫଳରେ ଅଞ୍ଚଳବାସୀ ଦୁର୍ଦ୍ଦଶା ଭୋଗୁଥିବା ଭାଜପା ନେତା ପ୍ରଦୀପ୍ତ ବାରିକ ପ୍ରକାଶ କରିଛନ୍ତି। ଅସରାଏ ବର୍ଷା ହେଲେ ରାସ୍ତାରେ ଥିବା ଗାତଗୁଡ଼ିକରେ ପାଣି ଜମି ରହୁଛି। ତେବେ ଏହି ଅଧାପନ୍ତରିଆ ରାସ୍ତା କାମ ଯୋଗୁ ଅଞ୍ଚଳବାସୀ ଦୁର୍ଦ୍ଦଶା ଭୋଗିବା ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ନୀରବ ରହିବାକୁ ବାରିକ ନାପସନ୍ଦ କରିବା ସହିତ ତୁରନ୍ତ ରାସ୍ତା କାର୍ଯ୍ୟ ଶେଷ କରିବାକୁ ଦାବି କରିଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ଜଗନ୍ନାଥ ସାହୁଙ୍କୁ ପଚାରିବାରେ ରାସ୍ତା କାମ ବର୍ଷା ଯୋଗୁ ବନ୍ଦ ରହିଥିଲା। ରାସ୍ତା କାର୍ଯ୍ୟର ପ୍ରଶସ୍ତୀକରଣ ପାଇଁ ମାଟି ମିଳୁ ନ ଥିବାରୁ ଆରମ୍ଭ ହୋଇପାରୁନାହିଁ। ତେବେ ଖୁବ୍‌ଶୀଘ୍ର ଏହି ରାସ୍ତାର ପ୍ରଶସ୍ତୀକରଣ କାର୍ଯ୍ୟ ଆରମ୍ଭ ହେବ ବୋଲି ସେ କହିଛନ୍ତି।

# ଗାଁ ମୁରବୀଙ୍କ ବିୟୋଗ

ଡେରାବିଶ, ୨୧।୧୧ (ବେବର୍ତ୍ତା ଅଜୟ ଦାସ)



ବଙ୍କିମ ଚନ୍ଦ୍ର ଦାସ

ଡେରାବିଶ ବ୍ଲକ ଅଞ୍ଚଳର ସାମାଜିକକର୍ମୀ ତଥା ଜଣେ ଗାଁ ମୁରବୀଭାବେ ପରିଚିତ ବ୍ଲକ ଅଧିନ ଚାଟରାଚକଡା ପଞ୍ଚାୟତ ଗୋପାଳଜୀଉପାଟଣାର ବଙ୍କିମ ଚନ୍ଦ୍ର ଦାସ (୮୭)ଙ୍କର ନିଜ ବାସଭବନରେ ପରଲୋକ ହୋଇଯାଇଛି। ଛତା ସ୍ଥିତ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଛତା ବଟ ବାଳିକା ବିଦ୍ୟାଳୟ ଓ ଛତା ହାଟ ପ୍ରତିଷ୍ଠା ସହ ବହୁ ଦେବଦେବୀ ମନ୍ଦିର ନିର୍ମାଣରେ ସ୍ୱର୍ଗତ ଦାସଙ୍କ ଅବଦାନ ଉଲ୍ଲେଖନୀୟ ଥିଲା। ଜଣେ ଧର୍ମ ପରାୟଣ ମିଷ୍ଟଭାଷୀ, ପରୋପକାରୀ ଓ ଦରଦୀମଣିଷ ଭାବେ ପରିଚିତ ସ୍ୱର୍ଗତ ଦାସଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଶୋକାକୁଳ ପରିବେଶ ମଧ୍ୟରେ ଶୁକ୍ରବାର ନିଜ ଗାଁ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ ପୁଅ ପ୍ରତାପ କୁମାର ଦାସ ମୁଖାଗ୍ନୀ ଦେଇଥିବା ବେଳେ ଅନ୍ୟ ପୁଅଝିଅ ପରିବାର ସଦସ୍ୟ ଉପସ୍ଥିତ ଥିଲେ।

# ବାଇକ୍ ଚୋରି ନେଇ ଥାନାରେ ଅଭିଯୋଗ

ବାଲିକୁଦା, ୨୧।୧୧ (ତାପସ ସ୍ୱାଇଁ)

ବାଲିକୁଦା ଥାନା ଅନ୍ତର୍ଗତ ପୋଦରୁଆ ଗ୍ରାମର ପ୍ରତାପ ମହାନ୍ତିଙ୍କ ହିରୋ ସ୍ପ୍ଲେଣ୍ଡର ପ୍ଲସ ଗାଡି ନଂ. ଓଆର୨୧ଡି ୪୧୪୯ ଗତକାଲି ରାତିରେ ଚୋରି ହୋଇଥିବା ନେଇ ସେ ସ୍ଥାନୀୟ ଅନନ୍ତପୁର ଫାଣ୍ଡିରେ ଅଭିଯୋଗ କରିଛନ୍ତି। ପ୍ରତାପଙ୍କ ଅଭିଯୋଗ ଅନୁଯାୟୀ, ଗ୍ରାମରେ ଥିବା ଲକ୍ଷ୍ମୀଧର ମହାରଣାଙ୍କ ଚତୁର୍ଥ ପ୍ରହର ନାମଯଜ୍ଞ ଭୋଜିରେ ସାମିଲ ହେବାକୁ ରାତି ପ୍ରାୟ ୯ ଟା ୧୦ରେ ଯାଇଥିଲେ। ସେଠାରେ ଭୋଜି ଖାଇ ପ୍ରାୟ ଅଧଘଣ୍ଟା ପରେ ସ୍କୁଲ ରାସ୍ତାରେ ବାଇକ୍ ରଖିଥିବା ସ୍ଥାନକୁ ଆସି ଗାଡି ନ ପାଇ ଏଣେତେଣେ ଖୋଜିଥିଲେ। କାଳେ ଅନ୍ୟ କେହି ନିଜର ବାଇକ୍ ଛାଡି ଏ ବାଇକ୍ ଭୁଲ ବଶତଃ ନେଇଯାଇଥିବ ଭାବି ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ଫଳରେ ସକାଳେ ଉପାୟଶୂନ୍ୟ ହୋଇ ଫାଣ୍ଡିରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଗ୍ରହଣ କରିବା ସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ଫାଣ୍ଡି ଅଧିକାରୀ ଭାସତ ରଞ୍ଜନ ରାୟ ପ୍ରକାଶ କରିଛନ୍ତି।

# ତେଣ୍ଡାକୁଡ଼ାରେ ଏମ୍‌ପି ଖେଳ ମହୋତ୍ସବ ଉଦ୍‌ଯାପିତ

ପାଟକୁରା, ୨୧।୧୧ (ରବୀନ୍ଦ୍ର ନାଥ ବାରିକ)

ଗରଦପୁର ବ୍ଲକ ତେଣ୍ଡାକୁଡା ଫଜଲହକ ହାଇସ୍କୁଲରେ ଚାଲିଥିବା ଦୁଇଦିନିଆ ଏମ୍‌ପି ଖେଳ ମହୋତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ବିଭିନ୍ନ କ୍ରୀଡାରେ ଭାଗ ନେଇଥିବା କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ବିଜୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ତ୍ରିଲୋଚନ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ମଞ୍ଚାସୀନ ରହି ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଥିବା କୃତୀ ପ୍ରତିଯୋଗୀଙ୍କୁ ସାର୍ଟିଫିକେଟ ପ୍ରଦାନ କରିଥିଲେ । ଏତତ ବ୍ୟତୀତ କ୍ରୀଡାରେ ଭାଗ ନେଇଥିବା ସମସ୍ତ ପ୍ରତିଯୋଗୀଙ୍କୁ ମଧ୍ୟ ମୁଖ୍ୟ ଅତିଥି ସାର୍ଟିଫିକେଟ ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଭାବେ ଫଜଲହକ ହାଇସ୍କୁଲ ପ୍ରଧାନ ଶିକ୍ଷକ ଅନାଦି ଚରଣ ସାହୁ,ସରପଞ୍ଚ ମାନସ ରାଉତ,ଶିକ୍ଷକ ଅବଦୁଲ ୱାହିଦ ମଞ୍ଚାସୀନ ଥିଲେ। ଅନ୍ୟତମ ଅତିଥି ଭାବେ ସନ୍ତୋଷ ରାଉତରାୟ, ସୁଧାଂଶୁ ମହାନ୍ତି,ସୁମନ୍ତ ଲେଙ୍କା,ଦୀପକ ସେଠୀ ଓ ଦେବରାଜ ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ।




କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

# ପ୍ରହସନ ପାଲଟିଛି ଜିଲାସ୍ତରୀୟ ସମବାୟ ସପ୍ତାହ ପାଳନ

ଡେରାବିଶ, ୨୧।୧୧ (ବେବର୍ତ୍ତା ଅଜୟ ଦାସ)

**ସମବାୟ ବ୍ୟାବସ୍ଥା ଦିଗହରା**

କୃଷି ଭିତ୍ତିକ ସେବା, ଋଣ ପ୍ରଦାନ ଓ ଜୀବିକା ସହାୟତା କ୍ଷେତ୍ରରେ ସମବାୟ ଅନୁଷ୍ଠାନର ଉଲ୍ଲେଖନୀୟ ଅବଦାନ ରହିଛି। ସମବାୟ ଅନୁଷ୍ଠାନକୁ ଆର୍ଥିକ ଭାବେ ଆତ୍ମନିର୍ଭର କରିବା ସହ ଏହି ନୀତି ଓଡ଼ିଶାର ସମବାୟ ଆନ୍ଦୋଳନକୁ ଅଧିକ କ୍ରିୟାଶୀଳ ଓ ଡିଜିଟାଲ୍ ଭାବେ ସଶକ୍ତକରିବା ପାଇଁ ଭାଜପା ସରକାରଙ୍କ ଦ୍ୱାରା ପ୍ରଚେଷ୍ଟା ଜାରି ରହିଛି । ଫଳରେ ୨୦୪୭ ସୁଦ୍ଧା ବିକଶିତ

ଭାରତ ଲକ୍ଷ୍ୟକୁ ସାକାର କରିବା ସହ ରାଜ୍ୟ ସରକାରଙ୍କ ଆତ୍ମନିର୍ଭର ପ୍ରତିବଦ୍ଧତାକୁ ଏହା ଦୃଢ଼ କରିବାର ସହାୟକ ହେବ ବୋଲି କୁହାଯାଉଛି। ସମବାୟ ସଦସ୍ୟା ସଦସ୍ୟଙ୍କ ଦକ୍ଷତା ବୃଦ୍ଧି ସହ ସମିତିର ତଦାରଖ ପାଇଁ ସମିତିଗୁଡ଼ିକର କମ୍ପ୍ୟୁଟରୀକରଣ, ସ୍ୱୟଂଚାଳିତ ଓ ଆଧୁନିକ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ ଉପରେ ଭାଜପା ସରକାରଙ୍କ ପକ୍ଷରୁ ଧ୍ୟାନ ଦିଆଯାଉଛି । ହେଲେ କେନ୍ଦ୍ରାପଡା ସମବାୟ ନିବନ୍ଧକ, ଉପ ଓ ସହ ନିବନ୍ଧକ ଓ ସମିତି ସମ୍ପାଦକଙ୍କ ମନମାନିରୁ ଜିଲାରେ ସମବାୟ ଦୁର୍ନୀତି ଚରମ ସୀମାରେ ପହଞ୍ଚିଛି । ଚାଷୀଙ୍କ ନାମରେ ମିଥ୍ୟା ଋଣ କରି ଅର୍ଥ ହରିଲୁଟ ଭଳି ଅଭିଯୋଗ ହୋଇ ଆସୁଥିବା ବେଳେ ସାର, ବିହନ ଅନ୍ୟାନ୍ୟ ପରିଚାଳନାଗତ ତ୍ରୁଟି ଅଭିଯୋଗ ହୋଇଆସୁଛି ।

କେନ୍ଦ୍ରାପଡା ଜିଲା ସମବାୟ ବିଭାଗ ପକ୍ଷରୁ ଗୁରୁବାର ଜିଲାସ୍ତରୀୟ ସମବାୟ ସପ୍ତାହ ପାଳନ ଏକ ପ୍ରହସନ ବୋଲି ବିଶିଷ୍ଟ ସମବାୟବିତ୍ ବିଦ୍ୟୁଭୂଷଣ ମହାପାତ୍ର ଏକ ପ୍ରେସ୍ ବିବୃତିରେ କହିଥିବା ବେଳେ ସାଧାରଣରେ କୃଷକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି ବୋଲି ସେ ମତ ଦେଇଛନ୍ତି। ସେ କହିଛନ୍ତି, କେନ୍ଦ୍ରାପଡା ଜିଲା ଡେ଼ରାବିଶ ଉଦୟନଗର ଗ୍ରାମରେ ଥିବା ସଂସ୍କୃତି ଭବନରେ ଗୁରୁବାର ଜିଲାସ୍ତରୀୟ ସମବାୟ ସପ୍ତାହ ପାଳନ କରାଯାଇଥିଲା। ମାତ୍ର ସେଠାରେ ରାଜନୈତିକ ଲୋକଙ୍କର ସମାଗମ ହୋଇଥିବା ବେଳେ କୃଷକଙ୍କର ଦେଖା ନ ଥିଲା । ଗରିବ ଚାଷୀ ମୁଣ୍ଡଖାଳ ତୁଣ୍ଡରେ ମାରି ଋଣ ଆଣି ବନ୍ୟା ବାତ୍ୟାରେ କ୍ଷତି ସହୁଥିବା ବେଳେ ଏବେ ଋଣ ଜାଲିଆତିର ଶିକାର ହୋଇଛନ୍ତି।

ଜିଲାରେ ସମବାୟ ଦୁର୍ନୀତିର ଚେର ଲମ୍ବିଛି। ଏକାଧିକ ସେବା ସମବାୟ ସମିତିରେ ଅନିୟମିତତା ହୋଇଥିବା ବେଳେ ଚାଷୀଙ୍କଠାରୁ ବହୁ ଲକ୍ଷ ଟଙ୍କା ଲୁଟି ଥିବା ଦୃଷ୍ଟିକୁ ଆସିଛି। କେତେକ ଚାଷୀଙ୍କ କହିବା ଅନୁଯାୟୀ, ସେମାନେ ଋଣ କରିଥିବା ଟଙ୍କା ତାଙ୍କୁ ସମିତି ସମ୍ପାଦକ ନ ଜଣାଇ ନିଜ ଇଚ୍ଛାରେ ଋଣ ନେଣଦେଣ କରିଛନ୍ତି। ଜିଲାରେ ସମବାୟ ଋଣ ଜାଲିଆତି ଘଟଣା ଏବେ ଚର୍ଚ୍ଚାର ବିଷୟ ହୋଇଛି।

ଏ ନେଇ କେନ୍ଦ୍ରାପଡା ସମବାୟ ସମୂହ ଉପନିବନ୍ଧବକ ପ୍ରଭାକର ନାୟକଙ୍କୁ ଯୋଗାଯୋଗ କରାଯାଇଥିଲା ଗୁରୁବାର ଉତ୍ସବ ପାଇଁ ସହକାରୀ ନିବନ୍ଧକଙ୍କୁ ସମ୍ପୂର୍ଣ୍ଣ ଦାୟିତ୍ୱ ଦେଇଥିଲି ବୋଲି ସେ କହିଥିଲେ। ସହକାରୀ ନିବନ୍ଧକ ଯୋଗେନ୍ଦ୍ର ନାଥ ବିଶ୍ୱାଳଙ୍କୁ ପଚାରିବାରୁ ମୋତେ ଯାହା ଦାୟିତ୍ୱ ଦିଆଯାଇଥିଲା ମୁଁ ତାକୁ ସୁଚାରୁରୂପେ ସମ୍ପନ୍ନ କରିଛି ବୋଲି ସେ କହିଛନ୍ତି।

# ପ୍ରସ୍ତାବ କାର୍ଯ୍ୟକାରୀ ହେଉ ନ ଥିବାରୁ ଅସନ୍ତୋଷ



ବୈଠକରେ ଅଧିକାରୀମାନେ ଆଲୋଚନା କରୁଛନ୍ତି।

**ନୂଆଗାଁ ପଞ୍ଚାୟତ ସମିତି ଏକାଦଶ ସାଧାରଣ ଅଧିବେଶନ**

ନୂଆଗାଁ, ୨୧।୧୧ (ଧନେଶ୍ୱର ସାହୁ)

ନୟାଗଡ ଜିଲା ନୂଆଗାଁ ବ୍ଲକ ସଭାଗୃହରେ ଶୁକ୍ରବାର ପଞ୍ଚାୟତ ସମିତି ଏକାଦଶ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ମହୀପୁରଠାରୁ ବାଲଣ୍ଡା ଦେଇ ଯାଇଥିବା ଆର୍‌ଡି ବିଭାଗ ରାସ୍ତା ନିର୍ମାଣରେ ଅହେତୁକ ବିଳମ୍ବକୁ ନେଇ ବୈଠକରେ ଅସନ୍ତୋଷ ଦେଖା ଦେଇଥିଲା। ତେବେ ତାହାକୁ ଚଳିତ ବର୍ଷ ଡିସେମ୍ବର ୧୦ ତାରିଖ ସୁଦ୍ଧା ସାରିବାକୁ ବିଭାଗୀୟ ଏସ୍‌ଡିଓ ଅନୀତା ସ୍ୱାଇଁ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ସୋରଡାଠାରୁ ଗୌଡ ଟାଙ୍ଗେରାପଲିର ପୋଲ ନିର୍ମାଣ ଶେଷ ହୋଇଥିଲେ ମଧ୍ୟ ସବୁ ଯାନବାହନ ଯାତାୟାତ କରିବା ସମ୍ଭବ ହେଉ ନାହିଁ। ତେଣୁ ଉକ୍ତ ରାସ୍ତା ନିର୍ମାଣ ଶୀଘ୍ର ଶେଷ କରିବାକୁ ବିଧାୟକ ରମେଶ ଚନ୍ଦ୍ର ବେହେରା ନିର୍ଦ୍ଦେଶ ଦେଇଥିଲେ। କାପ୍ତାପଲି ପଞ୍ଚାୟତ କାମ୍ପେଲାଠାରୁ ଭାଲିଆ ପଦର ଆର୍‌ଡି ରାସ୍ତା ଗଛ ଡାଙ୍କି ହୋଇଯାଇ ଥିବାରୁ ଯାତାୟାତରେ ଅସୁବିଧା ହେଉଥିବା ନେଇ ସରପଞ୍ଚ ସାରଣଧର ସାହୁ ଅଭିଯୋଗ ଆଣି ଶୀଘ୍ର ସଫା କରିବା ପାଇଁ କହିଥିଲେ। ବାଲୁଙ୍ଗାଠାରୁ ମହୀପୁର ପୂର୍ତ୍ତ ବିଭାଗ ରାସ୍ତା ନିର୍ମାଣ ଶିଥିଳ ଗତିରେ ଚାଲିଛି, ଫଳରେ ନାନା ସମସ୍ୟା ଦେଖା ଦେଉଛି। ତାହାକୁ ମାର୍ଚ୍ଚ ୩୦ ତାରିଖ ମଧ୍ୟରେ ଶେଷ କରିବାକୁ ଯନ୍ତ୍ରୀ କିଶୋର ଶତପଥୀ ପ୍ରତିଶ୍ରୁତି ଦେଇଥିଲେ। ବାହାଡାଝୋଲା ମହୀପୁର ରାସ୍ତା କାର୍ଯ୍ୟକୁ ଡିସେମ୍ବର ୩୦ ମଧ୍ୟରେ ଶେଷ କରିବାକୁ କହିଥିଲେ। ପୂର୍ତ୍ତ ବିଭାଗ ରାସ୍ତା ନିର୍ମାଣ କରାଯାଇଥିଲେ ମଧ୍ୟ ଅନେକ ସ୍ଥାନରେ ଗଛ ଓ ପୋଲ ରହିଥିବା ନେଇ କାପ୍ତାପଲି ସରପଞ୍ଚ ସାହୁ, ଗୁମୀ ସମିତି ସଭ୍ୟ ସଞ୍ଜୀବ ଡାକୁଆ ଅଭିଯୋଗ କରିଥିଲେ। ଶୀଘ୍ର ତାକୁ ଉଠାଇବା ବ୍ୟବସ୍ଥା କରାଯିବ ବୋଲି ବିଭାଗୀୟ ଯନ୍ତ୍ରୀ ଶତପଥୀ କହିଥିଲେ। ରାସ୍ତା କଡରେ ଲଗା ଯାଉଥିବା ଚାରାକୁ ଦୂରେଇ ଲଗେଇଲେ ରାସ୍ତା ପ୍ରଶସ୍ତ ହେଲେ ଗଛ କାଟିବାକୁ ପଡିବନି। ଫଳରେ ରାଜସ୍ୱ ଖର୍ଚ୍ଚ କମିବା ସହ ରାସ୍ତା କଡର ଗଛ ଅନେକ କାମରେ ଆସିବ। ତେଣୁ ଚାରାରୋପଣ ସମୟରେ ବିଭାଗୀୟ ଅଧିକାରୀମାନେ ସେଥିପ୍ରତି ଧ୍ୟାନ ଦଅନ୍ତୁ ବୋଲି ବିଧାୟକ ବେହେରା କହିଥିଲେ। ମହୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଠିକ୍ ସେବା ମିଳୁନି। ଏପରିକି ଇଞ୍ଜେକ୍ସନ ଦେବାକୁ ଖୋସାମତ କରିବାକୁ ପଡୁଛି ବୋଲି ପାରାଡିପି ସରପଞ୍ଚ ବିଭୂତି ଭୂଷଣ ପ୍ରଧାନ ଅଭିଯୋଗ କରିଥିଲେ। ଲୁଣିସରା ଡାକ୍ତରଖାନାର ନୂତନ ଗୃହ ୩ ବର୍ଷ ହେଲା ନିର୍ମାଣ ଶେଷ ହୋଇଥିଲେ ମଧ୍ୟ ବିଦ୍ୟୁତ୍ ସଂଯୋଗ କରାଯାଇ ନ ଥିବା ସୋରଡା ସରପଞ୍ଚ ସୁଶାନ୍ତ କୁମାର ସାହୁ ଅଭିଯୋଗ କରିଥିଲେ। ବୈଠକରେ ଅନେକ ପ୍ରସ୍ତାବ ଆଲୋଚନା ହୋଇଥିଲେ ମଧ୍ୟ କୌଣସି କାର୍ଯ୍ୟକାରୀ ହେଉ ନାହିଁ। ଏପରିକି ଅନେକ ପ୍ରସ୍ତାବ ବାରମ୍ବାର ଆଲୋଚନା ହେଉଛି। ଏହାକୁ ନେଇ ବୈଠକରେ ଅସନ୍ତୋଷ ଦେଖା ଦେଇଥିବା ବେଳେ ଏଣିକି ସମିତି ବୈଠକ ଆଉ ଡାକନ୍ତୁ ନାହିଁ ବୋଲି ଡେଙ୍କେଣା ସରପଞ୍ଚ ଯୁଗଳ କିଶୋର ସାହୁ କହିଥିଲେ। ସେହିପରି ଆଉ ସମିତି ବୈଠକକୁ ଆସିବୁ ନାହିଁ ବୋଲି ସୋରଡା ସମିତି ସଭ୍ୟ ସାହୁ କହିଥିଲେ। ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଦଶପଲା ବିଧାୟକ ବେହେରା, ବିଡିଓ ଅମୃତ କୁମାର ରାଉଳ, ଉପାଧ୍ୟକ୍ଷ ପର୍ଶୁରାମ ସ୍ୱାଇଁ ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ପଣ୍ଡା ଓ ଜିଲା ପରିଷଦ ସଭ୍ୟାଙ୍କ ସମେତ ଅନ୍ୟମାନେ ଯୋଗ ଦେଇଥିଲେ।

# ନିଆଁ ଲଗାଇ ପୋଡୁଛନ୍ତି, ରାସ୍ତାକଡ଼ରେ ଫୋପାଡୁଛନ୍ତି ଅଳିଆ

**ସଫେଇର ନୂଆ ତରିକା**

ନୟାଗଡ, ୨୧।୧୧ (ଲୋକନାଥ ମିଶ୍ର)

ନୟାଗଡ ପୁରୁଣା ସହରରେ ସଫେଇ କରିବାର ନୂଆ ତରିକା ଆପଣେଇ ଛନ୍ତି ନୟାଗଡ ମ୍ୟୁନିସିପାଲିଟି ସଫେଇ କର୍ମଚାରୀ। ସହରର ରାସ୍ତା ଘାଟ ସଫେଇ ପରେ ବାହାରୁଥିବା ଅଳିଆକୁ ରାସ୍ତା କଡକୁ ଫୋପାଡି ଦେଉଛନ୍ତି। ସ୍ଥାନେ ସ୍ଥାନେ ଜମାକରି ପୋଡି ଦେଉଛନ୍ତି। ପୁଣି କେତେକ ସ୍ଥାନରେ ଅଳିଆ ମାସ ତମାମ ଜମି ରହିଥିଲେ ମଧ୍ୟ ତାକୁ ଆବର୍ଜନା ଗାଡି ନେଉ ନାହିଁ। ଅନ୍ୟପକ୍ଷେ କେତେକ ସ୍ଥାନକୁ ସଫେଇ କର୍ମଚାରୀ ଆଦୌ ନ ଯାଇ ଡ୍ୟୁଟି କରୁଥିବା ଡିଣ୍ଡିମ ପିଟୁଛନ୍ତି। ଭିଆଇପି ରାସ୍ତା ଜଗନ୍ନାଥ ମନ୍ଦିର ନିକଟରୁ ରାସ୍ତାକୁ ସଫା କରୁଛନ୍ତି। ହେଲେ ଅଳିଆକୁ କଡକୁ ଫୋପାଡି ଦେଉଥିବା ପ୍ରତ୍ୟହ ଦେଖିବାକୁ ମିଳୁଛି।

ସେହିପରି ପ୍ରକୃତି ବିହାରର କେତେକ ଅଂଶକୁ ଛାଡି ଦେଲେ ଅବଶିଷ୍ଟ ଅଂଶ ଆଦୌ ଓଳାଉ ନାହାନ୍ତି। ମହର୍ଷି ସ୍କୁଲ ସମ୍ମୁଖ ଓ ଚିଦାନନ୍ଦ ବିହାରରେ ଅଳିଆକୁ ଜମା କରି ପୋଡି ଦେଉଛନ୍ତି। ଚିଦାନନ୍ଦ ବିହାରରେ କେତେକ ଅଂଶରେ ଅଳିଆ ଜମାହୋଇ ମାସମାସ ପଡି ରହୁଛି।

ଏନେଇ ମ୍ୟୁନିସିପାଲିଟି ଭାଇସ୍ ଚେୟାରମ୍ୟାନ ଗୁରୁ ପ୍ରସାଦ ଜେନାଙ୍କୁ ପଚାରିବାରୁ ସଫେଇ କର୍ମଚାରୀଙ୍କୁ ଠିକ୍ ଭାବେ ସଫା କରିବାକୁ ବାରମ୍ବାର କୁହାଯାଉଛ, ହେଲେ ସେମାନେ ଠିକ୍‌ରେ କାମ କରୁ ନ ଥିବା ଅଭିଯୋଗ ଉଠିଲାଣି। ଘଟଣା ସମ୍ପର୍କରେ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀଙ୍କ ସହ ଆଲୋଚନା କରି ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ବିଶ୍ୱ ମତ୍ସ୍ୟ ଦିବସ


ବୈଠକରେ ମତ୍ସ୍ୟଚାଷର ବିଭିନ୍ନ ଦିଗ ଉପରେ ଅଧିକାରୀମାନେ ଆଲୋଚନା କରୁଛନ୍ତି।

ନୟାଗଡ଼, ୨୧।୧୧ (ଲୋକନାଥ ମିଶ୍ର)

ନୟାଗଡ ବ୍ଲକ ପାଣିପୋଇଲାସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରରେ କୃଷି ବିଜ୍ଞାନ କେନ୍ଦ୍ର ଓ ଜିଲା ମତ୍ସ୍ୟ କାର୍ଯ୍ୟାଳୟ ପକ୍ଷରୁ ମିଳିତ ଭାବେ ବିଶ୍ୱ ମତ୍ସ୍ୟ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ବିଶ୍ୱର କୋଟି କୋଟି ଲୋକଙ୍କୁ ଖାଦ୍ୟ ଯୋଗାଉଥିବା ବିଶାଳ ସମୁଦ୍ର ତଥା ଅନ୍ୟାନ୍ୟ ଜଳ ଉତ୍ସର ଗୁରୁତ୍ୱକୁ ଉପଲବ୍ଧି କରିବା ତଥା ଏହା ଉପରେ ନିର୍ଭର କରି ଚଳୁଥିବା ମତ୍ସ୍ୟଜୀବୀଙ୍କ ଜୀବିକା ସୁନିଶ୍ଚିତ କରିବା ସହ ଏକ ପୋଷଣୀୟ ମତ୍ସ୍ୟଧରା କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ପ୍ରତିବର୍ଷ ବିଶ୍ୱବ୍ୟାପି ବିଶ୍ୱ ମତ୍ସ୍ୟ ଦିବସ ପାଳନ ହେଉଛି ବୋଲି କୁହାଯାଇଥିଲା। ରାଜ୍ୟସ୍ତରରେ ପାଳିତ ହେଉଥିବା ବିଶ୍ୱ ମତ୍ସ୍ୟ ଦିବସ କାର୍ଯ୍ୟକ୍ରମକୁ ସିଧା ସଳଖ ଭାବେ ଏଠାରେ ଉପସ୍ଥିତ ମତ୍ସ୍ୟଜୀବୀମାନେ ଦେଖିଥିଲେ। ସରକାରଙ୍କ ପକ୍ଷରୁ ପ୍ରାକୃତିକ ଜଳଉତ୍ସର ସୁରକ୍ଷା ତଥା ମତ୍ସ୍ୟଜୀବୀଙ୍କ ଆର୍ଥିକ ବିକାଶ ନିମନ୍ତେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ କୃଷି ବିଜ୍ଞାନ କେନ୍ଦ୍ର ବରିଷ୍ଠ ବୈଜ୍ଞାନିକ ଅନିଲ କୁମାର ସ୍ୱାଇଁ ଓ ଜିଲା ମତ୍ସ୍ୟ ଅଧିକାରୀ ପ୍ରକାଶ କୁମାର ତ୍ରିପାଠୀ ଆଲୋକପାତ କରିଥିଲେ। ଉତ୍ସବରେ ଜିଲାର ବିଭିନ୍ନ ବ୍ଲକର ୫୦ରୁ ଅଧିକ ମତ୍ସ୍ୟ ଚାଷୀ ଓ ମତ୍ସ୍ୟଜୀବୀ ଯୋଗ ଦେଇଥିଲେ। ସଫଳ ମତ୍ସ୍ୟ ଚାଷୀଙ୍କୁ ଏହି ଅବସରରେ ସେମାନଙ୍କ କୃତିତ୍ୱ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ନୟାଗଡ଼ ବ୍ଲକ ସହକାରୀ ମତ୍ସ୍ୟ ଅଧିକାରୀ ସ୍ନେହାଂଶୁ ପଣ୍ଡା ଉତ୍ସବକୁ ପରିଚାଳନା କରିଥିବା ବେଳେ କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ଶୁଚିସ୍ମିତା ଦ୍ୱିବେଦୀ ଧନ୍ୟବାଦ ଦେଇଥିଲେ।

# ମଡେଲ ଡିଗ୍ରୀ କଲେଜରୁ ୮୫ ୟୁନିଟ୍ ରକ୍ତ ସଂଗ୍ରହ

ନୟାଗଡ, ୨୧।୧୧ (ଲାକନାଥ ମିଶ୍ର)

ନୟାଗଡ ଯୁବ ରେଡ୍‌କ୍ରସ୍ ଓ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ନୟାଗଡ଼ ବ୍ଲକ ଲାଠିପଡା ମଡେଲ ଡିଗ୍ରୀ କଲେଜରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ନୟାଗଡ ଅତିରିକ୍ତ ଜିଲାପାଳ ରୋଜିନା ଦାସ ଓ ମହାବିଦ୍ୟାଳୟ ଅଧ୍ୟକ୍ଷ ଡକ୍ଟର ମାନସ ରଞ୍ଜନ ଶତପଥୀ ଉଦ୍‌ଘାଟନ କରିଥିଲେ। ଯୁବ ରେଡ୍‌କ୍ରସ୍ ଅଧିକାରୀ ବିଜୟିନୀ ଶୁଭଦର୍ଶିନୀ ଓ ଡକ୍ଟର ସୁନୀଲ ଚନ୍ଦ୍ର ପ୍ରଧାନ ଶିବିର ପରିଚାଳନା କରିଥିଲେ। ଲାଠିପଡା ପ୍ରାଥମିକ ଚିକିତ୍ସାକେନ୍ଦ୍ର ଡାକ୍ତର ଚିନ୍ମୟ ସାହୁ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଶିବିରରେ ଛାତ୍ରୀଛାତ୍ର ଓ ସ୍ୱେଚ୍ଛାସେବୀଙ୍କ ଉଚ୍ଛ୍ୱସିତ ଆଗ୍ରହ ପରିଲକ୍ଷିତ ହୋଇ ୮୫ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ନୟାଗଡ ବ୍ଲଡ୍ ବ୍ୟାଙ୍କ ଅଧିକାରୀମାନେ ଶିବିର ସୁପରିଚାଳନାରେ ସହଯୋଗ କରିଥିବା ବେଳେ ଏଚ୍‌ଡିଏଫସି ବ୍ୟାଙ୍କ ତରଫରୁ ରକ୍ତଦାନ କରିଥିବା ଛାତ୍ରୀଛାତ୍ରଙ୍କୁ ଉପହାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଗୌରମୋହନ ସାହୁ, ଡକ୍ଟର ଜ୍ୟୋତ୍ସ୍ନାରାଣୀ କର, ଡକ୍ଟର ଅପରାଜିତା ମିଶ୍ର, ଡକ୍ଟର ଅନୀୟ କୁମାର ସାମନ୍ତରା, ଡକ୍ଟର ସନ୍ତୋଷ କୁମାର ବେହେରା, ରୀନାବାଳା ଘଡେଇ, ରୀତିଶ୍ରୀ ମଲ୍ଲିକ, ଡକ୍ଟର ପ୍ରକାଶ କୁମାର ସାହୁ, ମଧୁସ୍ମିତା ମହାପାତ୍ର, ଡକ୍ଟର ଗିରୀଶ ଚନ୍ଦ୍ର ନାୟକ ଓ ବିଜୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ସମସ୍ତଙ୍କୁ ଉତ୍ସାହିତ କରିଥିଲେ।



ରକ୍ତ ସଂଗ୍ରହ କରାଯାଉଛି।

# ୟୁନାଇଟେଡ୍ ସ୍ପୋର୍ଟ୍ସ କ୍ଲବ, ବରଗଡ଼ ୧-୦ରେ ବିଜୟୀ

**୬୪ତମ ଶରଣକୁଳ ସର୍ବଭାରତୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ**


ଅତିଥିମାନେ ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି।

ଶରଣକୁଳ, ୨୧।୧୧ (ଦୀପକ କର)

ଲଡୁକେଶ ଆଥଲେଟିକ ଆସୋସିଏଶନ, ଶରଣକୁଳ ଦ୍ୱାରା ଆୟୋଜିତ ନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ଚାଲିଥିବା ୬୪ତମ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ୬ଷ୍ଠ ଦିବସ ଶୁକ୍ରବାର ୨ୟ ସେମିଫାଇନାଲ ଖେଳ ଏମ୍‌କେଏସସି, ବକ୍ସର, ବିହାର ବନାମ ୟୁନାଇଟେଡ ସ୍ପୋର୍ଟ୍ସ କ୍ଲବ, ବରଗଡ଼ ମଧ୍ୟରେ ହୋଇଥିଲା। ଏଥିରେ ବରଗଡ଼ ଦଳ ୧-୦ ଗୋଲରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ପ୍ରଥମାର୍ଦ୍ଧ ଖେଳରେ ଉଭୟ ଦଳ ଆକ୍ରମଣାତ୍ମକ ଭାବେ ଖେଳିଥିଲେ। ଖେଳର ୭ମ ମିନିଟରେ ବରଗଡ଼ ଦଳର ୨୦ନଂ ଜର୍ସି ଖେଳାଳି ଭରତ ମୁଣ୍ଡାଙ୍କ ଏକ ଗୋଲରେ ଦଳ ୧-୦ ରେ ଆଗୁଆ ରହିଥିଲା। ଖେଳର ଦ୍ୱିତୀୟାର୍ଦ୍ଧରେ ଉଭୟ ଦଳ ଖେଳାଳି ସୁନ୍ଦର ଖେଳ ପ୍ରଦର୍ଶନ କରିଥିଲେ ସୁଦ୍ଧା ବିହାର ଦଳ କୌଣସି ଗୋଲ କରିପାରି ନ ଥିବା ଫଳରେ ବରଗଡ଼ ୧-୦ ରେ ବିଜୟୀ ହୋଇଥିଲା। ମୁଖ୍ୟଅତିଥି ଭାବେ ନୟାଗଡ ବିଧାୟକ ଅରୁଣ କୁମାର ସାହୁ, ଅରସିଏମ୍‌ସି ଅଧ୍ୟକ୍ଷ ମାମୁନି ରୌଫ, ସାମାଜିକକର୍ମୀ ବିଭୁଦତ୍ତ ମହାପାତ୍ର, ବିଶିଷ୍ଟ ବ୍ୟବସାୟୀ ତାପସ ରଞ୍ଜନ ପାଢ଼ୀ, ସାମାଜିକ କର୍ମୀ ରଞ୍ଜନ କୁମାର ସାହୁ କାର୍ଯ୍ୟକ୍ରମରେ ଯୋଗଦେଇ ଆସୋସିଏଶନ ସଭାପତି ସତ୍ୟନାରାୟଣ ପ୍ରଧାନ ଓ କର୍ମକର୍ତ୍ତାଙ୍କ ସହ ମଧ୍ୟାନ୍ତରରେ ରେଫେରି ଓ ଖେଳାଳିଙ୍କ ମଧ୍ୟରେ ପରିଚୟ ଆଦାନପ୍ରଦାନରେ ଉତ୍ସାହିତ କରିଥିଲେ। ଶେଷରେ ମୁଖ୍ୟ ଅତିଥି ସର୍ବଶ୍ରେଷ୍ଠ ଖେଳାଳି ଭାବେ ବରଗଡ ଦଳ ଖେଳାଳି ଭରତ ମୁଣ୍ଡାଙ୍କୁ ୧ ହଜାର ଟଙ୍କା ପୁରସ୍କାର ରାଶି ସହ ଟ୍ରଫି ପ୍ରଦାନ କରିଥିଲେ। ମୁଖ୍ୟ ରେଫେରି ଭାବେ ଜ୍ୟୋତିରଞ୍ଜନ ସ୍ୱାଇଁ, ଲାଇନରେ ପ୍ରସନ୍ନ ନାୟକ ଓ ଜଗନ୍ନାଥ ପରିଡା ସହାୟତା କରିଥିବା ବେଳ ୪ର୍ଥ ରେଫେରୀ ଭାବେ ରାଜ କିଶୋର ମହାନ୍ତି ଖେଳ ପରିଚାଳନା କରିଥିଲେ। ରବିବାର ଫାଇନାଲ ଗଣ୍ଡରପୁର ଫୁଟବଲ କ୍ଲବ, ଭୁବନେଶ୍ୱର ବନାମ ୟୁନାଇଟେଡ ସ୍ପୋର୍ଟ୍ସ କ୍ଲବ, ବରଗଡ଼ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ରବୀନ୍ଦ୍ର କୁମାର ଚୌଧୁରୀ ସୂଚନା ଦେଇଛନ୍ତି।

# ଜିଲା ବିଦ୍ୟାଳୟ ସମୂହ ଫୁଟ୍‌ବଲ ପ୍ରତିଯୋଗିତା



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

ଶରଣକୁଳ, ୨୧।୧୧ (ଦୀପକ କର)

ଗୋଡିପଡା ସର୍ଦ୍ଦାର ପଟେଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜିଲାସ୍ତରୀୟ ୧୭ ବର୍ଷରୁ କମ୍ ବାଳକ ଫୁଟ୍‌ବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୟାଗଡ଼ ଜିଲାର ୮ ବ୍ଲକର ୧୨୮ ପ୍ରତିଯୋଗୀ ଭାଗ ଦେଇଥିଲେ। ଖେଳକୁ ଗୋଡିପଡା ସରପଞ୍ଚ ଅନ୍ତର୍ଯ୍ୟାମୀ ସାହୁ ଏବଂ ଜିଲା ଶାରିରିକ ଶିକ୍ଷା ଅଧିକାରୀ ଅନିଲ କୁମାର ଦାଶ ଉଦ୍‌ଘାଟନ କରିଥିଲେ। ଫୁଟ୍‌ବଲ ପ୍ରତିଯୋଗୀତାର ଫାଇନାଲ ଖେଳ ଭାପୁର-ନୟାଗଡ ମଧ୍ୟରେ ମୁକାବିଲା ହୋଇଥିଲା। ଖେଳରେ ନୟାଗଡ ଦଳ ଭାପୁରକୁ ୩୦ ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଛି। ଖେଳରେ ଗୋଡିପଡା ସମିତିସଭ୍ୟା ସସ୍ମିତା ମହାନ୍ତି ଏବଂ ଶାରିରିକ ଶିକ୍ଷା ବ୍ଲକ ସମ୍ପାଦକ ସତ୍ୟବାଦୀ ପ୍ରଧାନ, ସିଆରସିସି ବିଜୟ କୁମାର ପୃଷ୍ଟି ଏବଂ ବିଦ୍ୟାଳୟ ସଭାପତି, ପ୍ରଧାନ ଶିକ୍ଷକ ସୁଜିତ କୁମାର ପ୍ରଧାନ ଉପସ୍ଥିତ ଥିଲେ। ଅଜୟ କୁମାର ବାରିକ ମଞ୍ଚ ପରିଚାଳନା କରିଥିବା ବେଳେ ଆଙ୍ଗିସିଙ୍ଗି ସିଆରସିସି ରାଜେଶ କୁମାର ଷଡଙ୍ଗୀ ଧନ୍ୟବାଦ ଦେଇଥିଲେ। ଓଡଗାଁ ବ୍ଲକର ସମସ୍ତ ଶାରୀରିକ ଶିକ୍ଷକ ସହଯୋଗ କରିଥିଲେ।

# ଦୁର୍ଗା ବଜାର ବଣିକ ସଂଘ ବୈଠକ


ସମ୍ବର୍ଦ୍ଧିତ ଶିକ୍ଷକଙ୍କ ସହ ବଜାର କର୍ମକର୍ତ୍ତା।

ଦଶପଲ୍ଲା, ୨୨।୧୧ (ପ୍ରକାଶ କୁମାର ପାଣି)

ଦଶପଲ୍ଲା ଦୁର୍ଗା ବଜାର ବଣିକ ସଂଘର ଏକ ବୈଠକ ଶୁକ୍ରବାର ଦୁର୍ଗା ବଜାର କଲୋନୀ ପରିସରରେ ଅନୁଷ୍ଠିତ ହୋଇଥିଲା। ବଣିକ ସଂଘ ସଭାପତି ସନୋଜ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ବଣିକ ମହାସଂଘ ସଭାପତି ଅଲେଖ କୁମାର ସାହୁଙ୍କ ସମେତ ବିଭିନ୍ନ ବଜାର ସଭାପତି, ସମ୍ପାଦକ ଏବଂ କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ବଣିକ ସଂଘ ଆୟବ୍ୟୟ ହିସାବ ହେବା ସହ ବ୍ୟବସାୟୀ ଏକତା ପାଇଁ ଆହ୍ୱାନ ଦିଆଯାଇଥିଲା। ବୈଠକରେ ଜନପ୍ରିୟ ଶିକ୍ଷକ ତ୍ରିନାଥ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବଣିକ ସଂଘ ଉପସଭାପତି ରତନ କୁମାର ସାହୁ, ସମ୍ପାଦକ ଶିବ କୁମାର ସରାବ୍, ସହ ସମ୍ପାଦକ ଅଜୟ କୁମାର ପୃଷ୍ଟି ଓ କୋଷାଧ୍ୟକ୍ଷ ମହାବୀର ବେହେରା ସମେତ ସମସ୍ତ ବ୍ୟବସାୟୀ ଯୋଗଦାନ କରିଥିଲେ।

# ଚକାପଥର ଗାଁରେ ହାତୀ ଆତଙ୍କ


ହାତୀ ନଷ୍ଟ କରିଥିବା ଧାନ ଫସଲ।

- ଧାନଫସଲ ଖାଇ ନଷ୍ଟ କରୁଛନ୍ତି
- ସରକାରୀ ସହାୟତା ଦେବାକୁ ଦାବି

ନୟାଗଡ, ୨୧।୧୧ (ଲୋକନାଥ ମିଶ୍ର)

ନୟାଗଡ ଜିଲା ନୂଆଗାଁ ବ୍ଲକ ମାଳିସାହି ପଞ୍ଚାୟତ ଚକାପଥର ଗାଁରେ ହାତୀ ଆତଙ୍କ ଲାଗି ରହିଛି। ଚକାପଥର ଗହୀରରେ ୧୫ ହାତୀ ପଶି ଗୌରାଙ୍ଗ ନାୟକଙ୍କର ୨ମାଣ, ସନ୍ତୋଷ ନାୟକଙ୍କର ୪ମାଣ, ସୁବାସ ପ୍ରଧାନଙ୍କର ୩ମାଣ, ଗୋକୁଳ ନାୟକଙ୍କର ୨ମାଣ, ବୁଲୁ ପ୍ରଧାନ, ଶଙ୍କର ପ୍ରଧାନ ଓ ମନୁ ଦଳବେହେରାଙ୍କର ୧ ମାଣ ଲେଖାଏ ୩ମାଣ ଜମି ଏପରି ମୋଟରେ ୧୪ ମାଣ ଧାନ ଫସଲ ଖାଇବା ସହ ନଷ୍ଟ କରିଛନ୍ତି। ସେହିପରି ସୁବାସ ପ୍ରଧାନଙ୍କର ବିରି ଫସଲ ନଷ୍ଟ ସହ ଖାଇଯାଇଛନ୍ତି। ଚାଷୀମାନଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ଉଠିଛି।

ଏନେଇ ଗୌରାଙ୍ଗ ନାୟକ କୁହନ୍ତି, ଚକାପଥର ଗାଁକୁ ୧୫ରୁ ୨୦ ହାତୀ ଆସି ପାଚିଲା ଧାନକୁ ନଷ୍ଟକରି ଦେଇଛନ୍ତି। ଅମଳ ସମୟରେ ଧାନ ଫସଲ ନଷ୍ଟ କରିଦେଲେ। ହାତୀ ଆତଙ୍କ ନେଇ ବନବିଭାଗକୁ ଖବର ଦେଇଥିଲୁ। ବନବିଭାଗର କର୍ମଚାରି ଆସି ଗାଁ ମୁଣ୍ଡରେ ବସି ଫେରୁଛନ୍ତି। ହେଲେ ହାତୀ ଘଉଡାଇବା ପାଇଁ ପଦକ୍ଷେପ ନେଲେ ନାହିଁ। ଏଣୁ ହାତୀ ପଶି ଧାନ ଫସଲ ନଷ୍ଟ କରିଛି। ଧାର କରଜ କରି ଧାନ ରୋଇଥିଲି ଓ ବୁଣିଥିଲି। ହେଲେ ମୋର ବର୍ଷ ଯାକର ପରିଶ୍ରମ ବୃଥା ହୋଇଯାଇଛି। ବନବିଭାଗର ସହାୟତା ନ ମିଳିଲେ ଧାର କରଜ ସୁଝିବା ସମସ୍ୟା ହେବ। ସରକାର ଓ ପ୍ରଶାସନ ଆମ ଗୁହାରି ଶୁଣିବା ଦରକାର ବୋଲି କହିଛନ୍ତି। ଗୋକୁଳ ନାୟକ କୁହନ୍ତି, ହାତୀ ଜଣେ କି ଦୁଇ ଜଣ ନୁହେଁ, ପ୍ରାୟ ୧୦ ଚାଷୀଙ୍କର ଧାନ ଫସଲ ନଷ୍ଟ କରିବା ସହ ଖାଇଛନ୍ତି। ସରକାରୀ ସହାୟତା କିପରି ମିଳିବ ଆମେ ଜାଣିନୁ। ବନ ବିଭାଗ କର୍ମଚାରୀ ମଧ୍ୟ ଆମ ଗାଁକୁ ଆସି ହାତୀ ନଷ୍ଟ କରିଥିବା ଧାନ ଫସଲକୁ ଅନୁଧ୍ୟାନ କରୁ ନାହାନ୍ତି। ଆମେ କିପରି ସରକାରୀ ସହାୟତା ପାଇବୁ ସେନେଇ ଜାଣିପାରୁ ନାହୁଁ ବୋଲି କହିଥିଲେ।

# ଭାପୁର ମହୋତ୍ସବ, ପଲ୍ଲିଶ୍ରୀ ମେଳା ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ



ବୈଠକରେ ମେଳା ସମ୍ପର୍କରେ ଆଲୋଚନା କରାଯାଉଛି।

ଭାପୁର, ୨୧।୧୧ (ପ୍ରଭାତ ବରାଡ)

ଭାପୁର ମୋ ମାଟି ଅନୁଷ୍ଠାନ ତରଫରୁ ଚତୁର୍ଥ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ପାଇଁ ଗୁରୁବାର ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବାଇପାସ୍ ନିକଟ ଶ୍ରୀରାମ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ବୈଠକ ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ହୋଇଥିଲା। ପ୍ରଥମେ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରି ସଭାକାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ଭାପୁର ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାରେ ଦୁଇବର୍ଷ ଧରି କଣ୍ଠଦାନ କରି ହଜାର ହଜାର ଦର୍ଶକଙ୍କୁ ଝୁମାଇଥିବା ହ୍ୟୁମାନ ସାଗରଙ୍କ ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ଏହି ଅବସରରେ ଭାପୁର ମହୋତ୍ସବ କମିଟି ସ୍ଥାୟୀ ସଭାପତି ତଥା ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ପୂର୍ବ ବିବରଣୀ ପାଠ କରିଥିଲେ। ଅନୁଷ୍ଠାନର ନୂତନ ସମ୍ପାଦକ ଲକ୍ଷ୍ମୀଧର ସାମନ୍ତରାୟ, ବରିଷ୍ଠ ଖବରଦାତା ତଥା ଭାପୁର କ୍ରିୟାନୁଷ୍ଠାନ କମିଟି ସଭାପତି ରବୀନ୍ଦ୍ର କୁମାର ପଟ୍ଟନାୟକ, ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର କୁମାର ଧଳ, ରବୀନ୍ଦ୍ର ନାଥ ପଟ୍ଟନାୟକ, ବୈକୁଣ୍ଠ ନାଥ ଦାସ, ଉପଦେଷ୍ଟା ମଧୁସୂଦନ ରଥ, ସନ୍ତୋଷ କୁମାର ତ୍ରିପାଠୀ, ପୂର୍ବତନ ଜିଲା ପରିଷଦ ସଭ୍ୟ ବସନ୍ତ କୁମାର ମାଝୀ, ଭାପୁର ବିକାଶ ପରିଷଦ ସଭାପତି ଶ୍ରୀନିବାସ ପୃଷ୍ଟି, ଭାପୁର ବଣିକ ସଂଘ ସଭାପତି କାର୍ତ୍ତିକ ଚନ୍ଦ୍ର ନାୟକ, ସାଧୁ ଚରଣ ସିଂ, ଖବରଦାତା ଗୀତିକାନ୍ତ ପଣ୍ଡା, ରମେଶ ଚନ୍ଦ୍ର ବରାଡ, ସମିତି ସଭ୍ୟ ବାଳ ଗୋପାଳ ଷଡ଼ଙ୍ଗୀ, ବରିଷ୍ଠ ନାଗରିକ ସଂଘ ସମ୍ପାଦକ ପ୍ରଭାକର ସାହୁ ପ୍ରମୁଖ ଯୋଗ ଦେଇ ନିଜ ନିଜର ମତ ରଖିଥିଲେ।

ଜାନୁଆରୀ ୧୦,୧୧,୧୨ ଓ ୧୩ ଚାରିଦିନ ଧରି ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳା ଅନୁଷ୍ଠିତ ହେବ। ୩ ବର୍ଷ ହେଲା ମହୋତ୍ସବର ସଫଳତା ପରେ ଏଥର ଆହୁରି ସରସ ସୁନ୍ଦର କରିବା ପାଇଁ ମତବ୍ୟକ୍ତ କରିଥିଲେ। ମଞ୍ଚ ସଞ୍ଚାଳନ କରିଥିଲେ ଯୁବ ଖବରଦାତା ଜନ୍ମେଜୟ ଦଳେଇ ଓ ରମେଶ ଚନ୍ଦ୍ର ବରାଡ ଧନ୍ୟବାଦ ଅର୍ପଣ କରିଥିଲେ।

# ଦୁର୍ବଳ କାର୍ଯ୍ୟାନୁଷ୍ଠାନରୁ କ୍ରୋମାଇଟ ଲୁଟ ବଢ଼ୁଛି

## ଜାଣିଶୁଣି ଲିଜ୍ ନ ଦେଇ ଖଣି ବନ୍ଦ

ଯାଜପୁର,୨୧।୧୧(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲାର ସୁକିନ୍ଦା ନିର୍ବାଚନ ମଣ୍ଡଳୀ ଅଞ୍ଚଳରେ ପ୍ରଚୁର ଖଣିଜ ସମ୍ପଦ ଭରି ରହିଛି । କିନ୍ତୁ ଲିଜ୍‌ଧାରୀଙ୍କ ପକ୍ଷରୁ ବହୁ ଗୁଣ ଅଧିକ କ୍ରୋମାଇଟ ଉତ୍ତୋଳନ ସମେତ ମାଫିଆଙ୍କ ଦ୍ୱାରା କେତେକ ବନ୍ଦ ଖଣିରୁ ଲୁଟ୍ କାରବାର ବୃଦ୍ଧି ପାଉଥିବାରୁ ଆଉ କିଛି ବର୍ଷ ପରେ ସୁକିନ୍ଦା ଉପତ୍ୟକାରେ ଏହି ମୂଲ୍ୟବାନ ଧାତବ ପଥର ବିରଳ ହୋଇଯିବ ବୋଲି ଆଶଙ୍କା କରାଯାଉଛି। ଖଣି ଲିଜ୍ ନ ଦେଇ ସରକାର ମାସକୁ ବହୁ କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି। ଏହାବାଦ୍ ଖଣିରେ ଉଚ୍ଚ କ୍ଷମତା ସମ୍ପନ୍ନ ଯାନ୍ତ୍ରିକ ବ୍ୟବହାର କାରଣରୁ ଜିଲାର ଖଣି ପ୍ରଭାବିତ ଲୋକେ ବୃତ୍ତି ହରାଇ କ୍ଷୁଧାର ଶିକାର ହେଉଛନ୍ତି ବୋଲି ମତପ୍ରକାଶ ପାଇଛି।

ଯାଜପୁର ଜିଲାର ସୁକିନ୍ଦା ଅଞ୍ଚଳର ମହାଗିରି ପର୍ବତମାଳା ଚତୁଃପାର୍ଶ୍ୱରେ ଓଡ଼ିଶା ଖଣି ନିଗମ, ଟାଟାଷ୍ଟିଲ, ଫେକର, ମିଶ୍ରିଲାଲ, ଆଇଡିସି, ବିସି ମହାନ୍ତି ଆଣ୍ଡ୍ ସନ୍, ଇମ୍ଫା ଆଦି ଦେଶର ନାମୀ କମ୍ପାନୀ ନିଜର ବ୍ୟବସାୟ ମେଲାଇ ସାରିଛନ୍ତି। ତେବେ କେତେକ କ୍ରୋମାଇଟ୍ ଖଣିର ଲିଜ୍ ଦିଆଯାଇ ନ ଥିବାରୁ ଗତ ପ୍ରାୟ ୧ ବର୍ଷ ହେବ ଚୋରା ବ୍ୟବସାୟୀମାନଙ୍କ ପାଇଁ ତାହା ସୁହାଉଛି। ରାଜ୍ୟର ପୂର୍ବ ଓ ଉତ୍ତରାଞ୍ଚଳର ଲୋକେ ଯାଜପୁର, କେନ୍ଦୁଝର ଜିଲାର ଖଣି ଓ ଶିଳ୍ପାଞ୍ଚଳରେ କାମ କରି ନିଜର ଗୁଜୁରାଣ ମେଣ୍ଟାଉଛନ୍ତି। ଖଣି ଖନନ, ଶିଳ୍ପାୟନ, ରେଳୱେ ସାଇଡିଂ ଓ ଟ୍ରକ ଲୋଡିଂ ପାଇଁ ସ୍ଥାନୀୟ ଅଞ୍ଚଳବାସୀ ସେମାନଙ୍କ ଜମି, ଜଳ, ଜଙ୍ଗଲ, ଭିଟାମାଟି ଓ ଚାଷଜମି ସମର୍ପଣ କରିସାରିଛନ୍ତି । ତେଣୁ ଏବେ ଖଣି ଓ ଶିଳ୍ପ କାରଖାନାରେ କାମ କରିବା ବ୍ୟତୀତ ସେମାନଙ୍କ ଅନ୍ୟ କୌଣସି ବିକଳ୍ପ ବୃତ୍ତି ନାହିଁ। ଖଣି ଶିଳ୍ପରେ ଯାନ୍ତ୍ରିକ ବ୍ୟବହାର ଯୋଗୁ ଶ୍ରମିକମାନେ ବେରୋଜଗାର ହେବା ସହ ଏହାର ଚତୁଃପାର୍ଶ୍ୱରେ ଗଢ଼ି ଉଠିଥିବା ଦୋକାନ ବଜାର, ବ୍ୟବସାୟିକ ସଂସ୍ଥାଗୁଡ଼ିକ ଗୁରୁତର ସଂକଟର ସମ୍ମୁଖୀନ ହୋଇ ବନ୍ଦ ହେବାକୁ ବସିଛି । ଏଥିରେ ନିର୍ଭରଶୀଳ ପରିବାର ସହ ପ୍ରତ୍ୟେକ କ୍ଷେତ୍ରରେ ବେରୋଜଗାର ସ୍ଥିତି ସୃଷ୍ଟି ହୋଇଛି। ଏହାବାଦ ବେରୋଜଗାର ଓ କ୍ଷୁଧାଜନିତ କାରଣରୁ ଲୋକଙ୍କ ମଧ୍ୟରେ ଅପରାଧ ପ୍ରବଣତା ବୃଦ୍ଧି ପାଇ ଜିଲାରେ ଚୋରି, ଡକାୟତି ଆଦି ଭୟାନକ ଆପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି। ଏହି ମର୍ମରେ ଅଞ୍ଚଳବାସୀଙ୍କ ପକ୍ଷରୁ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କୁ ୧୨ ଦଫା ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହାକୁ ଆଧାର କରି ତୁରନ୍ତ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ରାଜ୍ୟ ସରକାରଙ୍କ ଶିଳ୍ପ ବିଭାଗ ପକ୍ଷରୁ ଶ୍ରମ, ପଞ୍ଚାୟତିରାଜ, ଦକ୍ଷତା ବୃଦ୍ଧି, ଜଙ୍ଗଲ ଓ ପରିବେଶ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ପରିବହନ ଆଦି ବିଭାଗର ଯୁଗ୍ମ ସଚିବମାନଙ୍କୁ ନିର୍ଦ୍ଦେଶ ଜାରି କରାଯାଇଥିଲା। ହେଲେ ଏଯାଏ କୌଣସି ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।



କ୍ରୋମାଇଟ୍ ଖଣିରେ ମେଶିନ କାମ କରୁଛି।

କେବଳ ମେଶିନ ବ୍ୟବହାର ନୁହେଁ, ପ୍ରଭାବଶାଳୀ ନେତାଙ୍କ ଛତ୍ରଛାୟା ତଳେ ରହି ଖଣି ଲୁଟେରାମାନଙ୍କ ଦାଦାଗିରି ଅଣାୟତ୍ତ ହେବାରେ ଲାଗିଛି। ଗତ ୪ ତାରିଖ ବିଳମ୍ବିତ ରାତିରେ କାଳିଆପାଣି ଅଞ୍ଚଳର ଭୀମଟାଙ୍ଗର ବନ୍ଦ କ୍ରୋମାଇଟ ଖଣି ଜଗୁଥିବା ସୁରକ୍ଷାକର୍ମୀ ହାଡିବନ୍ଧୁ ଦାସ ଓ ପୀତବାସ ମାରାଣ୍ଡିଙ୍କୁ କ୍ରୋମାଇଟ ଲୁଟେରାମାନେ ମାଡ଼ ଦେବା ସହ ସେମାନଙ୍କୁ ଅପହରଣ କରି ନେଇ ଜଙ୍ଗଲ ମଝିରେ ଛାଡ଼ି ଚାଲିଯାଇଥିଲେ। ଉଭୟ ସୁରକ୍ଷାକର୍ମୀ କାଳିଆ ପାଣି ଥାନାରେ ଏନେଇ ଲିଖିତ ଅଭିଯୋଗ କରିଥିଲେ। ହେଲେ ଲୁଟେରାମାନଙ୍କ ଏଯାଏ ପତ୍ତା ମିଳି ପାରିନାହିଁ କିମ୍ବା ପୋଲିସ ହାତରେ କୌଣସି ସୁରାକ ଲାଗି ପାରିନାହିଁ। ସେହିପରି ୨୭।୫।୨୦୨୫ରେ ଭୀମଟାଙ୍ଗର ବନ୍ଦ ଖଣିରୁ ଉଚ୍ଚମାନର କ୍ରୋମାଇଟ ଚୋରା ଚାଲାଣ ହେଉଥିବାବେଳେ ବନ ବିଭାଗ ପକ୍ଷରୁ ଗୋଟିଏ ହାଇୱା ଓ ଅନ୍ୟ ଏକ ମେଶିନ ଜବତ କରଯାଇଥିଲା। ଏହି ଖଣିରୁ ପ୍ରାୟ ୩ କୋଟି ଟଙ୍କା ମୂଲ୍ୟର ୫୦ ଟ୍ରିପରୁ ଊର୍ଦ୍ଧ୍ୱ କ୍ରୋମାଇଟ ଲୁଟ୍ ହୋଇଥିବା ସେତେବେଳେ ସୂଚନା ମିଳିଥିଲା। ହେଲେ ଏହି ଘଟଣାକୁ ପାଖାପାଖି ୬ ମାସ ପୂରି ଯାଇଥିଲେ ହେଁ କ୍ରୋମାଇଟ୍ ଲୁଟ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଧରିବାରେ ଜଙ୍ଗଲ ବିଭାଗର ହାତ ଖାଲି ରହିଛି। ସମ୍ପ୍ରତି ବୈଷୟିକ ଜ୍ଞାନକୌଶଳ ବଳରେ ଗାଡ଼ି ନମ୍ବର ଅନୁସାରେ ମାଲିକଙ୍କୁ ଚିହ୍ନଟ କରି ଖଣି ଲୁଟେରାଙ୍କୁ ଧରିବାରେ ସହଜ ହୋଇଥିବାବେଳେ ବନ ବିଭାଗ ପକ୍ଷରୁ ଏକ ବଡ଼ଧରଣର ମୂଲଚାଲ କରାଯାଇ ସେମାନଙ୍କୁ ଛାଡ଼ି ଦିଆଯାଇଥିବା ଚର୍ଚ୍ଚା ହେଉଛି। ଏଭଳି ଦୁର୍ବଳ ପ୍ରଶାସନିକ ପଦକ୍ଷେପ କାରଣରୁ ବନ୍ଦ ଖଣିଗୁଡ଼ିକରୁ ପ୍ରାୟ ରାତି ସମୟରେ ବହୁ କୋଟି ଟଙ୍କାର କ୍ରୋମାଇଟ୍ ବାହାରକୁ ଚାଲାଣ ହେଉଥିବା ଚର୍ଚ୍ଚା ହେଉଛି। ଲୁଟେରାଙ୍କୁ ସୁଯୋଗ ଦେବାକୁ ଯାଇ ବନ୍ଦ ଖଣିଗୁଡ଼ିକୁ ଲିଜ୍ ଦିଆଯାଉ ନାହିଁ ବୋଲି ଅଭିଯୋଗ ହେଉଛି।

# ଆଦରମଣି ସ୍ମୃତି ସମ୍ମାନରେ ଶିଶୁ ପ୍ରତିଭା ସମ୍ମାନିତ



ଦିବ୍ୟାନୀ ରାଉତଙ୍କୁ ଅତିଥିମାନେ ସମ୍ମାନିତ କରୁଛନ୍ତି।

ଧର୍ମଶାଳା,୨୧।୧୧(ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଞ୍ଚାୟତ ଇମାମନଗର ଗ୍ରାମର ଦେବବ୍ରତ ରାଉତଙ୍କ ଝିଅ ଦିବ୍ୟାନୀ ରାଉତ ଆଦରମଣି ବରାଳ ସ୍ମୃତି ସମ୍ମାନରେ ସମ୍ମାନିତ ହୋଇଛନ୍ତି। ପିକକ ଶିଶୁ ମେଳା ସମିତିର ୩୬ତମ ବାର୍ଷିକ ଉତ୍ସବରେ ଏହି ସ୍ମୃତି ସମ୍ମାନ ଉତ୍ସବ ବରିଷ୍ଠ ଖବରଦାତା ପ୍ରଦୋଷ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱର ଏକାମ୍ର ହାଟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଝାଡ଼ଖଣ୍ଡ ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ମୁଖ୍ୟଅତିଥି, ରାଜ୍ୟ ଲେବର କମିଶନର ଇନ୍ଦ୍ରମଣି ତ୍ରିପାଠୀ, ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀ, ପୂର୍ବତନ ଏମ୍‌ପି ସୌମ୍ୟ ରଞ୍ଜନ ପଟ୍ଟନାୟକ, ଧାବିକା ଅନୁରାଧା ବିଶ୍ୱାଳ, ରାଜ୍ୟ ଶିଶୁ ଅଧିକାର ଆୟୋଗର ଅଧ୍ୟକ୍ଷ ବବିତା ପାତ୍ର, ପିକକ ସଂଗଠନ ସଭାନେତ୍ରୀ ମିନତି ପଣ୍ଡା, ପିକକର ସମ୍ପାଦକ ରଞ୍ଜନ ମହାନ୍ତି, ପରିଚାଳନା ନିର୍ଦ୍ଦେଶିକ ଅନୁରାଧା ମହାନ୍ତି ପ୍ରମୁଖ ଅତିଥିଭାବେ ଯୋଗଦେଇ ଦିବ୍ୟାନୀଙ୍କୁ ମାନପତ୍ର, ରୌପ୍ୟ ଫଳକ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ବଳାତ୍କାରୀଙ୍କୁ ୨୦ ବର୍ଷ ଜେଲ

ଯାଜପୁର ଟାଉନ,୨୧।୧୧
(ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କୁ ଅପହରଣ ପରେ ବଳାତ୍କାର ମାମଲାର ଶୁକ୍ରବାର ରାୟ ପ୍ରକାଶ ପାଇଛି। ଯାଜପୁର ଆଡହକ ଅତିରିକ୍ତ ସ୍ପେଶାଲ ଜଜ୍ ଶରତ କୁମାର ଦେହୁରି ୧୭ଜଣ ସାକ୍ଷୀଙ୍କ ସାକ୍ଷ୍ୟକୁ ଭିତ୍ତିକରି ବଳାତ୍କାରୀ ସୁଶାନ୍ତ ପ୍ରଧାନଙ୍କୁ ୨୦ ବର୍ଷ ସଶ୍ରମ ଜେଲଦଣ୍ଡ ଦେବାସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟରେ ଅଧିକ ୨ ବର୍ଷ ଜେଲ୍ ଦଣ୍ଡାଦେଶ ଦେଇଛନ୍ତି। ପୀଡ଼ିତାଙ୍କୁ ୭ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ଜିଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୨୦୨୨ ଜୁନ ୨୦ ତାରିଖ ରାତିରେ ବାଲିଚନ୍ଦ୍ରପୁର ଥାନା ଅଞ୍ଚଳର ସମ୍ପୃକ୍ତ ୧୪ ବର୍ଷୀୟା ଛାତ୍ରୀ ଘରେ ଶୋଇଥିଲେ। ରାତିପ୍ରାୟ ୨ଟା୩୦ରେ ଝିଅ ଘରେ ନ ଥିବା ତାଙ୍କ ବାପା, ମା’ ଦେଖିବାକୁ ପାଇଥିଲେ। ଏହାପରେ ସେମାନେ ସାରାରାତି ଖୋଜାଖୋଜି କରିଥିଲେ। ହେଲେ ନ ପାଇବାରୁ ପରଦିନ ଥାନାରେ ଅଭିଯୋଗ କରିଥିଲେ। ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ କଦମପାଳ ଗ୍ରାମର ସୁଶାନ୍ତ ଝିଅକୁ ଅପହରଣ କରି ବାଇକ୍ ଯୋଗେ ଭଦ୍ରକ ନେଇ ଯାଇଥିଲେ। ସେଠାରୁ ଟ୍ରେନ ଯୋଗେ ତେଲେଙ୍ଗାନା ନେଇ ପଳାଇଥିଲେ ବୋଲି ନାବାଳିକାଙ୍କ ବାପା ଦେଇଥିବା ଅଭିଯୋଗରେ ଦର୍ଶାଇଥିଲେ। ପୋଲିସ ନଂ.୨୩୧।୨୨ରେ ମାମଲା ରୁଜୁ କରିବା ସହ ତେଲେଙ୍ଗାନା ଯାଇ ନାବାଳିକାଙ୍କୁ ଉଦ୍ଧାର କରିଥିଲା। ଏଥିସହିତ ଅଭିଯୁକ୍ତ ସୁଶାନ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ମାମଲାକୁ ସରକାରୀ ଓକିଲ ରାଜେନ୍ଦ୍ର ପ୍ରସାଦ ନାୟକ ପରିଚାଳନା କରୁଥିଲେ।

# ଡିଜିଟାଲ ସାକ୍ଷରତା କାର୍ଯ୍ୟକ୍ରମ

ପାଣିକୋଇଲି,୨୧।୧୧(ବିକାଶ ମଲ୍ଲିକ)

ପାଣିକୋଇଲି ବରିଷ୍ଠ ନାଗରିକ ମଞ୍ଚ କାର୍ଯ୍ୟାଳୟ ପରିସରରେ ହେଲପଏଜ ଇଣ୍ଡିଆର ସହଯୋଗରେ ଶୁକ୍ରବାର ଅପରାହ୍ନରେ ଡିଜିଟାଲ ସାକ୍ଷରତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ନୃସିଂହ ଚରଣ ଦଳାଇ ଅଧ୍ୟକ୍ଷତା କରିଥିଲେ। ସାଧାରଣ ସମ୍ପାଦକ ସୁରେନ୍ଦ୍ର କୁମାର ରାୟ ଯୋଗଦେଇ କାର୍ଯ୍ୟକ୍ରମ ସଞ୍ଚାଳିକା ଦେବକୀ ବ୍ରହ୍ମାଙ୍କୁ ସ୍ୱାଗତ ଜଣାଇଥିଲେ। ମଞ୍ଚରେ ୧୧୦ ସଭ୍ୟାସଭ୍ୟଙ୍କୁ ଦୁଇଟି ପର୍ଯ୍ୟାୟରେ ସଞ୍ଚାଳିକା ବ୍ରହ୍ମା ହ୍ୱାଟ୍‌ସଆପ ଓ ଡିସାପିଅରିଂ ମୋଡ ଓ ଏପିକେ ପଠାଇବା ସହ ଜେନେରେସନ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ଉମାକାନ୍ତ ଖଣ୍ଡାଇ, ଦାମୋଦର ମହାପାତ୍ର, ବାବାଜି ଚରଣ ରାଉତ ପ୍ରମୁଖ ଯୋଗଦେଇ ଅନେକ ପ୍ରଶ୍ନର ଉତ୍ତର ରଖିଥିଲେ। ସତ୍ୟରଞ୍ଜନ ସ୍ୱାଇଁ, ଚନ୍ଦ୍ରମଣି ସ୍ୱାଇଁ, ଗୌରାଙ୍ଗ ବାରିକ, ରାମ ଚନ୍ଦ୍ର ମଲିକ, ବୃନ୍ଦାବନ ଜେନା, ମୁରଲୀଧର ଖଣ୍ଡାଇ, ବସନ୍ତ ବେହେରା, ପ୍ରତିମା ମହାପାତ୍ର, ନରେନ୍ଦ୍ର ଘଡାଇ, ରବିନାରାୟଣ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରାୟ ୧୦ ନୂତନ ସଭ୍ୟାସଭ୍ୟଙ୍କ ଯୋଗଦାନକୁ ସ୍ୱାଗତ କରାଯାଇଥିଲା। ସନାତନ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

# ଜାରକାରେ ବାଚସ୍ପତିଙ୍କୁ ସମ୍ବର୍ଦ୍ଧନା



ଭାଜପା ମହିଳାମୋର୍ଚ୍ଚା କର୍ମକର୍ତ୍ତା ବାଚସ୍ପତି ସୁରମା ପାଢ଼ୀଙ୍କୁ ସ୍ୱାଗତ କରୁଛନ୍ତି।

ଧର୍ମଶାଳା,୨୧।୧୧(ବଟକୃଷ୍ଣ ପରିଡ଼ା)

ବାଚସ୍ପତି ସୁରମା ପାଢ଼ୀଙ୍କୁ ଧର୍ମଶାଳା ଭାଜପା ମହିଳାମୋର୍ଚ୍ଚା ପକ୍ଷରୁ ଶୁକ୍ରବାର ଜାରକାଠାରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ବାସସ୍ପତି କେନ୍ଦୁଝର ଗସ୍ତରେ ଯାଉଥିବାବେଳେ ଜାରକାସ୍ଥିତ ଗୋକର୍ଣ୍ଣେଶ୍ୱର ମନ୍ଦିର ସମ୍ମୁଖ ରାଜପଥ ପାର୍ଶ୍ୱରେ ଅଟକିଥିଲେ। ସେଠାରେ ଯାଜପୁର ଜିଲା ଭାଜପା ସଭାନେତ୍ରୀ ଦେବଯାନୀ ପ୍ରଧାନଙ୍କ ନେତୃତ୍ୱରେ ମହିଳାମାନେ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ବାଚସ୍ପତିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବିଧାୟକ ହିମାଂଶୁ ଶେଖର ସାହୁଙ୍କ ନେତୃତ୍ୱରେ ସଂଗଠିତ ଭାବରେ ଦଳ ପାଇଁ ଭଲ କାମ କରିବାକୁ ବାଚସ୍ପତି ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଏଥିରେ ମହିଳା ନେତ୍ରୀ ପାର୍ବତୀ ବେହେରା, ସୁଷମା ଜେନା, ଯୁବନେତା ରାଜେଶ ପାଳ ପ୍ରମୁଖ ଉପସ୍ଥିତ ଥିଲେ।



@ ପ୍ରଦୀପ୍ତ



@ ସିଦ୍ଧାର୍ଥ



@ ସୋନାଲି



@ ସୁରେଶ୍ୱର



@ ସୁଶୀଲ

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସମବାୟ ସମିତିରେ ଦୁର୍ନୀତି ପ୍ରତିବାଦରେ ଅନଶନ

ବାଲିଚନ୍ଦ୍ରପୁର,୨୧।୧(ଗିରିଜା ପ୍ରସାଦ ସାହୁ)

ବଡ଼ଚଣା ବ୍ଲକ ଅନ୍ତର୍ଗତ ଭରତପୁର ପ୍ରାଥମିକ କୃଷି ସମବାୟ ସମିତିରେ ବିଭିନ୍ନ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ତେଣୁ ଏହାର ତଦନ୍ତ ଦାବିରେ ଶୁକ୍ରବାର କାର୍ଯ୍ୟାଳୟ ଆଗରେ ଅନଶନ କରାଯାଇଛି। ଏହି ଅନଶନରେ ଓଳାଶୁଣୀ ମଣ୍ଡଳ ଭାଜପା ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ବିହାରୀ, ଭରତପୁର ଭାଜପା ପଞ୍ଚାୟତ ପ୍ରମୁଖ ବ୍ରଜ ସୁନ୍ଦର ମହାପାତ୍ରଙ୍କ ସମେତ ଦୁଇ ଯୁବ ଚାଷୀ ସାମିଲ ହୋଇଥିଲେ। ସମବାୟ ସମିତିର ଜିଲା ରେଜିଷ୍ଟ୍ରାର ମନମୋହନ ରାଉତ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିଥିଲେ। ଡିସେମ୍ବର ୩ ତାରିଖ ମଧ୍ୟରେ ତଦନ୍ତ କରାଯାଇ ସମ୍ପୃକ୍ତ ଅଧିକାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ରେଜିଷ୍ଟ୍ରାର ପ୍ରତିଶ୍ରୁତି ଦେବାପାରେ ସେମାନେ ଅନଶନରୁ ଓହରି ଯାଇଥିଲେ।

# ଏସ୍‌ପିଙ୍କୁ ୭ ଦଫା ଦାବିପତ୍ର ପ୍ରଦାନ

ପାଣିକୋଇଲି,୨୧।୧୧(ବିକାଶ ମଲ୍ଲିକ)

ଧର୍ମଶାଳା ବ୍ଲକ ଅଧୀନ ରାଇଛନ୍ଦା, କବାଟବନ୍ଧ, ତାଳଜଙ୍ଗ, ରେଖାଦେଇପୁର, ମର୍ଜିତାପୁର, ମଧୁସୂଦନପୁର, ଚକ୍ରଧରପୁର, ଅଞ୍ଜିରା ଏଣ୍ଡଲବା ଆଦି ୯ ପଞ୍ଚାୟତର ୩୦ରୁ ଊର୍ଦ୍ଧ୍ୱ ଜନସାଧାରଣ ଯାଜପୁର ଏସପି ୟଶ ପ୍ରତାପ ଶ୍ରୀମଲଙ୍କୁ ଭେଟି ୭ ଦଫା ଦାବିପତ୍ର ପ୍ରଦାନ କରିଛନ୍ତି। ଚଣ୍ଡିଖୋଲ–ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥର କନ୍ତପଡ଼ା ବଜାର ଦେଇ ସ୍ଥାନୀୟ ଜନସାଧାରଣଙ୍କ ସମେତ ଛାତ୍ରୀଛାତ୍ର ଯାତାୟାତ କରୁଛନ୍ତି। ଜାତୀୟ ରାଜପଥର ସମ୍ପ୍ରସାରଣ ବେଳେ ରାସ୍ତାର ଉଚ୍ଚତା ବୃଦ୍ଧି ପାଇବାରୁ ଜନସାଧାରଣ ବିପଦପୂର୍ଣ୍ଣ ଭାବେ ଯିବାଆସିବା କରୁଛନ୍ତି। ତେଣୁ କନ୍ତପଡ଼ାଠାରେ ଏକ ଗଳିପୋଲ ନିର୍ମାଣ କରିବାକୁ ସେମାନେ ଦାବିପତ୍ରରେ ଦର୍ଶାଇଛନ୍ତି। ସେହିପରି ଯାତ୍ରୀଙ୍କ ନିମନ୍ତେ ସ୍ଥାୟୀ ବସଷ୍ଟାଣ୍ଡ, କଲେଜ ଛକ ନିକଟରେ ବସଷ୍ଟପ, ରାଜପଥ ନିର୍ମାଣ କରୁଥିବା ଠିକାଦାର ଧୂଳି ପ୍ରତିରୋଧ ଲାଗି ପାଣି ସିଞ୍ଚନ କରିବା, କନ୍ତପଡ଼ା ଛକରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା କରାଇବା, ପଥଚାରୀଙ୍କ ପାଇଁ ଫୁଟପାଥ କରିବାକୁ ଦାବି କରାଯାଇଛି।



ଏସ୍‌ପିଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଜନସାଧାରଣ।

# ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ବ୍ଲକ ଅଧ୍ୟକ୍ଷା

କାଏମା,୨୧।୧୧(ଶିବପ୍ରସାଦ ମହାନ୍ତି): ଧର୍ମଶାଳା ବ୍ଲକ ଅଧ୍ୟକ୍ଷା ସୁଚିସ୍ମିତା ଦାସ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ପରେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି କୃତଜ୍ଞତା ଜଣାଇଛନ୍ତି। ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ଉପସ୍ଥିତିରେ ସୁଚିସ୍ମିତା ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିଛନ୍ତି। ତାଙ୍କ ସହ ବ୍ଲକ୍ ଉପାଧ୍ୟକ୍ଷା ବିଶ୍ୱବିଜୟିନୀ ମିଶ୍ର, କଣ୍ଟିଗଡ଼ିଆ ପଞ୍ଚାୟତ ସମିତିସଭ୍ୟ ଅରୁପାନନ୍ଦ ଜେନା, ଅରୁହା ମଣ୍ଡଳ ସଭାପତି ଜିତେନ୍ଦ୍ର ରାଉତ, ବାରବାଟି ମଣ୍ଡଳ ସଭାପତି ତୀର୍ଥରାଜ ପଣ୍ଡା, ଜେନାପୁର ମଣ୍ଡଳ ସଭାପତି ଶିବୁଲି ଧୀର ପ୍ରମୁଖ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ। ମୁଖ୍ୟମନ୍ତ୍ରୀ ନବନିର୍ବାଚିତ ବ୍ଲକ ଅଧ୍ୟକ୍ଷାଙ୍କ ସମେତ ଭାଜପାର ସମସ୍ତ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ନିଜ ଅଞ୍ଚଳ ପାଇଁ ଭଲ କାମ କରିବାକୁ ପରାମର୍ଶ ଦେଇଥିଲେ। ଗୁରୁବାର ଅନୁଷ୍ଠିତ ବ୍ଲକ ଅଧ୍ୟକ୍ଷ ଉପନିର୍ବାଚନରେ ସୁଚିସ୍ମିତା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ।



ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରୁଛନ୍ତି ଧର୍ମଶାଳା ବ୍ଲକ ଅଧ୍ୟକ୍ଷା ସୁଚିସ୍ମିତା ଦାସ ଓ ଅନ୍ୟମାନେ।

# ସନ୍ଦିଗ୍ଧ ବାଂଲାଦେଶୀ ନିଜେ ଭାଙ୍ଗିଲେ ନିଜ ଘର

ଜଗତ୍‌ସିଂହପୁର, ୨୧।୧୧
(ପ୍ରମୋଦ କୁମାର ନାୟକ)

- ବେହେରାମପୁର ବସ୍ତିରେ ବଦଳୁଛି ଚିତ୍ର
- ମୁଖ୍ୟ ଅଭିଯୁକ୍ତ ସିକନ୍ଦରଙ୍କ ଘରେ ପୋଲିସ ଚଢ଼ାଉ ପରେ ଭୟ

ଜଗତ୍‌ସିଂହପୁର ଥାନା ଧନିପୁର ବେହେରାମପୁରସ୍ଥିତ ଏକ ନିରୋଳା ସ୍ଥାନର ସରକାରୀ ଜମିରେ ବସ୍ତି କରି ଭଡ଼ାରେ ରହୁଥିବା ସନ୍ଦିଗ୍ଧ ବାଂଲାଦେଶୀଙ୍କ ଉପରେ ପୋଲିସ ନିକଟରେ କାର୍ଯ୍ୟାନୁଷ୍ଠାନ ନେଇଥିଲା। ଏହାପରେ ଯେଉଁମାନେ ସରକାରୀ ଜମି ଜବରଦଖଲ କରିଛନ୍ତି ସେମାନଙ୍କୁ ଉଚ୍ଛେଦ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ବିଶେଷକରି ଧନିପୁର ଅଞ୍ଚଳରେ ରହୁଥିବା କେତେଗୋଟି ପରିବାରକୁ ତୁରନ୍ତ ଘର ଛାଡ଼ି ଚାଲିଯିବାକୁ ପ୍ରଶାସନ ନିର୍ଦ୍ଦେଶ ଦେଇଥିଲା। ବେହେରାମପୁର ବସ୍ତିରେ ସନ୍ଦିଗ୍ଧ ବାଂଲାଦେଶୀଙ୍କୁ ରଖିଥିବା ମୁଖ୍ୟ ଅଭିଯୁକ୍ତ ତଥା ଧନିପୁର ଗ୍ରାମର ସିକନ୍ଦର ଆଲାମ ଓରଫ ସେଇକୋଙ୍କ ଘରେ ଗୁରୁବାର ପୋଲିସ ଚଢ଼ାଉ କରିଥିବାରୁ ଉକ୍ତ ଅଞ୍ଚଳରେ ରହୁଥିବା ସନ୍ଦିଗ୍ଧ ବାଂଲାଦେଶୀଙ୍କ ଭିତରେ ଭୟ ସୃଷ୍ଟିହୋଇଛି। କାଳେ ପୋଲିସ ଘର ଭାଙ୍ଗିଦେବ ତେଣୁ ସେମାନେ ଶୁକ୍ରବାର ନିଜ ଇଚ୍ଛାରେ ନିଜ ଘର ଭାଙ୍ଗି ପିଲାଛୁଆ ଧରି ନିକଟବର୍ତ୍ତୀ ଅଞ୍ଚଳକୁ ଚାଲି ଯାଇଥିବା ଜଣାଯାଇଛି।

ଗଲାବେଳକୁ ସେମାନେ ଅତ୍ୟାବଶ୍ୟକ କାଗଜପତ୍ର, ଚାଉଳ, ଡାଲି ଆଦି ରାଶନ ସାମଗ୍ରୀ ଓ ବାସନକୁସନ ଧରି ଯାଇଛନ୍ତି। ଗଲାବେଳକୁ ଅନେକ ସେମାନଙ୍କ ଦୁଃଖ ବଖାଣିଛନ୍ତି। କେତେଜଣଙ୍କ କହିବା କଥା ହେଲା, ସେମାନେ ୫୦ ବର୍ଷରୁ ଅଧିକ ସମୟ ଧରି ସେଠାରେ ସରକାରୀ ଜମିରେ ରହି ଆସିଛନ୍ତି। ଏପରି କି କେତେଜଣଙ୍କ ୨ରୁ୩ ପିଢି ମଧ୍ୟ ଉକ୍ତ ସ୍ଥାନରେ କଟାଇ ସାରିଲେଣି। ସରକାର ସେମାନଙ୍କୁ ଆଧାର କାର୍ଡ, ଭୋଟର ପରିଚୟ ପତ୍ର, ରାଶନ କାର୍ଡ ଆଦି ଦେଇଛନ୍ତି। ସରକାର ସେମାନଙ୍କୁ ମୁଣ୍ଡ ଗୁଞ୍ଜିବାକୁ ଘର ଖଣ୍ଡେ ଦେବା ପରିବର୍ତ୍ତେ ଏବେ ଅଚାନକ ଘର ଭାଙ୍ଗିଦେବାକୁ ଧମକ ଦେବା ସେମାନଙ୍କୁ ବେସାହାରା କରିଦେଇଛି। ଏ ପରିସ୍ଥିତିରେ ସେମାନେ କୁଆଡ଼େ ଯିବେ ଏବଂ କେମିତି ବଞ୍ଚିବେ ବୋଲି କୋହଭରା କଣ୍ଠରେ କହିଛନ୍ତି। ଅନ୍ୟପକ୍ଷେ ଘର ଭଙ୍ଗାଯାଇଥିବା ୨୦ଟି ପରିବାର ସଦସ୍ୟଙ୍କୁ ପ୍ରଶାସନ ଅସ୍ଥାୟୀ



ଘର ଭାଙ୍ଗି ବାହାରକୁ ଯିବାକୁ ବସିଥିବା ମହିଳାମାନେ।

ଆଶ୍ରୟସ୍ଥଳରେ ରଖିବାର ବ୍ୟବସ୍ଥା କରିଛି।

ସୂଚନାଯୋଗ୍ୟ, ଗତ ୧୬ ତାରିଖ ରାତିରେ ବେହେରାମପୁର ବସ୍ତିରେ ପୋଲିସ ଚଢ଼ାଉ କରିଥିଲା। ଏହି ସମୟରେ ସନ୍ଦିଗ୍ଧ ବାଂଲାଦେଶୀଙ୍କ ସହ ପୋଲିସର ଧସ୍ତାଧସ୍ତି ହୋଇଥିଲା। ଏଥିରେ ଏକାଧିକ ପୋଲିସ କର୍ମଚାରୀ ଆହତ ହୋଇଥିଲେ। ପରିସ୍ଥିତି ଦେଖି ପୋଲିସ କର୍ମଚାରୀମାନେ ସେଠାରୁ ଚାଲିଯାଇଥିଲେ। ପରେ ଆବଶ୍ୟକ ସଂଖ୍ୟକ ପୋଲିସ ଓ ଫୋର୍ସ ଧରି ସେଠାରେ ପହଞ୍ଚିବା ପୂର୍ବରୁ ସନ୍ଦିଗ୍ଧ ବାଂଲାଦେଶୀଙ୍କୁ ଭଡ଼ା ସୂତ୍ରରେ ରଖିଥିବା ଘର ମାଲିକ ସିକନ୍ଦର, ତାଙ୍କ ଭାଇ ଅବଦୁଲ ମୁତାଲିଫ ଖାନ୍‌ଙ୍କ ସମେତ ପ୍ରାୟ ୩୦ରୁ ଅଧିକ ଲୋକ ଖସି ଯାଇଥିଲେ। ଏହାପରେ ପୋଲିସ ଗଣ୍ଡଗୋଳରେ ନେତୃତ୍ୱ ନେଇଥିବା ୨ ଜଣ ମହିଳାଙ୍କୁ ଗିରଫ କରିଥିଲା। ସେମାନଙ୍କ ନିକଟରୁ ଏକ ଦେଶୀ ପିସ୍ତଲ ସହ ବହୁ ମାରଣାସ୍ତ୍ର ଓ କାଗଜପତ୍ର ଜବତ କରିଥିଲା। ୧୭ ତାରିଖରେ ଜିଲାପାଳ ଓ ଏସ୍‌ପିଙ୍କ ଉପସ୍ଥିତିରେ ସେମାନେ ରହୁଥିବା ୧୦ଟି ଆଜବେଷ୍ଟସ୍ ଘରକୁ ବୁଲ୍‌ଡୋଜର ଲଗାଯାଇ ଭାଙ୍ଗି ଦିଆଯାଇଥିଲା। ଗୁରୁବାର ସିକନ୍ଦରଙ୍କ ଧନିପୁରସ୍ଥିତ ଘରେ ଅତିରିକ୍ତ ଏସ୍‌ପି ସତ୍ୟବ୍ରତ ଦାଶ, ଏସ୍‌ଡିପିଓ ଆଜିଙ୍କ୍ୟ ମାଣେଙ୍କ ନେତୃତ୍ୱରେ ୨ ପ୍ଲାଟୁନ ଫୋର୍ସ ଉପସ୍ଥିତିରେ ଛାନ୍‌ଭିନ୍ କରିଥିଲା। ସିକନ୍ଦରଙ୍କ ପରିବାର ସଦସ୍ୟମାନଙ୍କଠାରୁ କେତେଜଣଙ୍କ ଆଧାର କାର୍ଡ, ବ୍ୟାଙ୍କ ପାସବୁକ୍ ଆଦି ଜବତ କରାଯାଇଥିଲା। ପୂର୍ବରୁ ପୋଲିସ ସିକନ୍ଦରଙ୍କ ପାସ୍‌ପୋର୍ଟ ଜବତ କରିଥିଲା। ତାଙ୍କର ଏକ ବାଇକ୍ ଜବତ ହୋଇଛି। ଯେହେତୁ ଅତୀତରେ ସିକନ୍ଦର ମର୍ଚାଣ୍ଟ ନ୍ୟାଭିରେ ଚାକିରି କରିଥିଲେ ଏବଂ ତାଙ୍କର ସାଉଦି ଆରବ, କୁଏଟ୍, କାତାର, ବାଂଲାଦେଶ ଓ ପାକିସ୍ତାନର ବେଲୁଚିସ୍ତାନ ସହ ଲିଙ୍କ ରହିଥିବା ସନ୍ଦେହ କରାଯାଉଛି। ତେଣୁ ପ୍ରସଙ୍ଗର ଗମ୍ଭୀରତା ବଢ଼ିଯାଇଛି। ବଡ଼ କଥା ହେଲା ସିକନ୍ଦର ବିଦେଶରୁ ଅନେକ ଲୋକଙ୍କୁ ଆଣି ବେହେରାମପୁରବସ୍ତିର ଉକ୍ତ ସରକାରୀ ଜମିରେ କରିଥିବା ଘରେ ରଖି ବ୍ୟବହାର କରୁଥିବା କୁହାଯାଇଛି। ଏପରି କି ସେଠାରେ ମାଦ୍ରାସା ଚଳାଉଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିପାରିଛି। ଏସବୁ କଥାକୁ ନେଇ ସରକାର ଗମ୍ଭୀର ଥିବାବେଳେ ଏବେ ବାସହରା ହୋଇଥିବା ଲୋକଙ୍କ ଅବସ୍ଥାକୁ ନେଇ ଚିନ୍ତା ପ୍ରକଟ କରାଯାଇଛି।

# ୩ ଜଣିଆ କମିଟି ୧୫ ଦିନରେ ଦେବ ରିପୋର୍ଟ

**ରେଢୁଆସ୍ଥିତ ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ ନିଯୁକ୍ତିକୁ ନେଇ ଅଡୁଆ**

ଜଗତ୍‌ସିଂହପୁର, ୨୧।୧୧ (ପ୍ରମୋଦ କୁମାର ନାୟକ)

ରଘୁନାଥପୁର ବ୍ଲକ ରେଢୁଆସ୍ଥିତ ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟ (ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ) ଅଧ୍ୟକ୍ଷ ସରୋଜ କୁମାର ପଣ୍ଡାଙ୍କ ପାଇଁ ଅଡୁଆ ବଢ଼ିଛି। ପଣ୍ଡା (ମାଷ୍ଟର ଅଫ ଆର୍ଟସ୍ (ଏମ୍‌ଏ) ପାସ କରିବାର ୨ ମାସ ପୂର୍ବରୁ ଅଧ୍ୟାପକ ଭାବେ ନିଯୁକ୍ତି ପାଇଥିବା ନେଇ ଅଭିଯୋଗ ହୋଇଥିଲା। ଏହା ଉପରେ ଯାଞ୍ଚ ପାଇଁ ଉପଜିଲାପାଳ ତଥା ଶିକ୍ଷାନୁଷ୍ଠାନ ଗଭର୍ନିଂ ବଡି ସଭାପତି ପ୍ରଶାନ୍ତ କୁମାର ତରାଇ ଯୁଗ୍ମ ତଦନ୍ତ କମିଟି ଗଠନ କରିଛନ୍ତି। ସେଥିରେ ରଘୁନାଥପୁର ବିଡିଓ, ତହସିଲଦାର ଓ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଡେପୁଟି କଲେକ୍ଟର ରହିଛନ୍ତି। ସେମାନେ ଅଧ୍ୟକ୍ଷ ପଣ୍ଡାଙ୍କ ସମସ୍ତ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର, ନିଯୁକ୍ତି ସଂକ୍ରାନ୍ତୀୟ କାଗଜପତ୍ର ଓ ରିଜଲ୍ୟୁଶନ୍ ଆଦି ଯାଞ୍ଚ କରିବେ। କମିଟି ଆବଶ୍ୟକ କାଗଜାତ ଅନୁଧ୍ୟାନ ସହ ୧୫ ଦିନ ଭିତରେ ରିପୋର୍ଟ ଦେବାକୁ ଉପଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ଗୋବିନ୍ଦ ଓଝା ଓ ଅନ୍ୟ କେତେଜଣ ଅଧ୍ୟକ୍ଷ ପଣ୍ଡାଙ୍କ ନିଯୁକ୍ତିକୁ ବେଆଇନ ବୋଲି ଅଭିଯୋଗ କରିଥିଲେ। ସେମାନଙ୍କ ଯୁକ୍ତି ଥିଲା ୧୯୮୭ ଜୁଲାଇ ୭ରେ ପଣ୍ଡାଙ୍କୁ ଉକ୍ତ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ଅଧ୍ୟାପକ ଭାବେ ନିଯୁକ୍ତି ପାଇଁ ଚିଠି ହୋଇଥିଲା। ଏହାର ୭ ଦିନ ଭିତରେ ଅର୍ଥାତ୍ ୧୧ ତାରିଖରେ ସେ କାର୍ଯ୍ୟରେ ଯୋଗଦେଇଥିଲେ। ୧୯୮୮ ଜୁନ ୧ରେ ତାଙ୍କ ପଦବୀ ଅନୁମୋଦନ ଲାଭ କରିଥିଲା। ବଡ଼ କଥା ହେଲା ପଣ୍ଡା ଖଲ୍ଲିକୋଟ କଲେଜରେ ୧୯୮୭ ଜୁଲାଇରେ ଏମ୍‌ଏ ପରୀକ୍ଷା ଦେଇଥିବାବେଳେ ତା'ର ପାଖାପାଖି ୨ ମାସ ପରେ ଅର୍ଥାତ୍ ସେପ୍ଟେମ୍ବର ୫ ତାରିଖରେ ପାସ କରିଥିଲେ। ମାତ୍ର ପାସ୍ କରିବାର ୨ ମାସ ପୂର୍ବରୁ କିନ୍ତୁ ସେ ଅଧ୍ୟାପକ ଭାବେ ନିଯୁକ୍ତି ପାଇଥିବା ଜଣାଯାଇଛି। ତେଣୁ ଏହା ଉପରେ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ସତ୍ୟାସତ୍ୟ ପ୍ରମାଣ ହେବା ସହ ପରବର୍ତ୍ତୀ ନିଷ୍ପତ୍ତି ନିଆଯାଇପାରିବ। ବେଆଇନ ନିଯୁକ୍ତି ହୋଇଥିଲେ ପଣ୍ଡାଙ୍କ ନିଯୁକ୍ତିକୁ ଅବୈଧ ଘୋଷଣା ସହ ତାଙ୍କ ବିରୋଧରେ ମାମଲା ରୁଜୁ କରିବାକୁ ଦାବି ହୋଇଛି। ଏ ସମ୍ପର୍କରେ ପଣ୍ଡାଙ୍କୁ ପଚାରିବାରୁ ସେ କୌଣସି ତ୍ରୁଟି କରିନାହାନ୍ତି, ସମସ୍ତ ତଦନ୍ତକୁ ସାମ୍ନା କରିବାକୁ ପ୍ରସ୍ତୁତ ବୋଲି ମତବ୍ୟକ୍ତ କରିଛନ୍ତି।

# ପୁସ୍ତକ ମେଳା ଯୁବପିଢ଼ିଙ୍କୁ ପ୍ରେରଣା ଯୋଗାଉଛି



ବୈଠକରେ ଜିଲାପାଳ ଜେ. ସୋନାଲ, ପଦାଧିକାରୀ ଓ ଅନ୍ୟମାନେ।

ଜଗତ୍‌ସିଂହପୁର, ୨୧।୧୧
(ପ୍ରମୋଦ କୁମାର ନାୟକ)

**ସାଂସ୍କୃତିକ ପରିଷଦର ସାଧାରଣ ପରିଷଦ ବୈଠକ**

ସାମାଜିକ ଗଣମାଧ୍ୟମ ଏବେ ପୁସ୍ତକର ଚାହିଦାକୁ ସଙ୍କୁଚିତ କରିଦେଉଛି। ତଥାପି ପୁସ୍ତକ ମେଳା ଯୁବପିଢ଼ିଙ୍କୁ ପ୍ରେରଣା ଯୋଗାଉଛି। କାରଣ ଏହାଦ୍ୱାରା ଅନେକ ପ୍ରକାଶକଙ୍କ ବହୁ ମୂଲ୍ୟବାନ ପୁସ୍ତକ ଉପଲବ୍ଧ ହୋଇପାରୁଛି। ଶିକ୍ଷଣୀୟ ପରିବେଶ ସୃଷ୍ଟି କରୁଛି। ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଆଗାମୀ ପୁସ୍ତକ ମେଳା ନେଇ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଉପଜିଲାପାଳ ପ୍ରଶାନ୍ତ କୁମାର ତରେଇ ଏହା କହିଛନ୍ତି। ସେ ଏକଥା ମଧ୍ୟ କହିଥିଲେ, ପୁସ୍ତକ ମେଳାକୁ ସରସ ସୁନ୍ଦର କରିବା କ୍ଷେତ୍ରରେ ତାଙ୍କର ସମସ୍ତ ପ୍ରକାର ସହାୟତା ରହିବ। ଜଗତ୍‌ସିଂହପୁର ସାଂସ୍କୃତିକ ପରିଷଦ ଅଧ୍ୟକ୍ଷ ତଥା ଜିଲାପାଳ ଜେ. ସୋନାଲ ବୈଠକରେ ପୌରୋହିତ୍ୟ କରି ଆଗାମୀ ପୁସ୍ତକ ମେଳାକୁ ଉଚ୍ଚକୋଟୀର କରିବା କ୍ଷେତ୍ରରେ ଜିଲା ପ୍ରଶାସନ ସମସ୍ତ ପ୍ରକାର ସହାୟତା କରିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ପରିଷଦର ସଦସ୍ୟାସଦସ୍ୟମାନେ ଉପସ୍ଥିତ ରହି ନିଜ ନିଜର ମତାମତ ରଖିଥିଲେ। ଏହି ଅବସରରେ ପୁସ୍ତକ ମେଳାର ମୁଖପତ୍ର ସ୍ମୃତିପତ୍ର ଜିଲାପାଳ, ଉପ ଜିଲାପାଳ ଓ ମୁଖ୍ୟ ସମ୍ପାଦକ ମହେନ୍ଦ୍ର କୁମାର ଆଚାର୍ଯ୍ୟଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ବୈଠକରେ ପରିଷଦର ସାଧାରଣ ସମ୍ପାଦକ ସାରଦା ପ୍ରସାଦ ଦାସ ବାର୍ଷିକ ବିବରଣୀ ପାଠ କରିବ ସହ ଗତ ପୁସ୍ତକ ମେଳାର ଆୟବ୍ୟୟ ବିବରଣୀ ପ୍ରଦାନ କରିଥିଲେ। ପରିଷଦର କାର୍ଯ୍ୟକାରୀ ଅଧ୍ୟକ୍ଷ ବିପ୍ଳବ ଚୌଧୁରୀ ମେଳାକୁ ସରସ ସୁନ୍ଦର କରିବାକୁ ସମସ୍ତ ସଦସ୍ୟାସଦସ୍ୟମାନଙ୍କ ସହଯୋଗ କାମନା କରିଥିଲେ।

ପରିଷଦର ଉପଦେଷ୍ଟା ନଟବର ବାରିକ, ପ୍ରଶାନ୍ତ କୁମାର ଶତପଥୀ, ଭଗବାନ ଦାଶ, ଉପାଧ୍ୟକ୍ଷ ଗଣେଶ୍ୱର ମାଣିଆ, ଯୁଗ୍ମ ସମ୍ପାଦକ ସୁଧୀର କୁମାର ମହାନ୍ତି, ଯୁଗ୍ମ ସମ୍ପାଦକ ନରେଶ ଦାସ, ସଦସ୍ୟ ଡ. ଜ୍ୟୋତିର୍ମୟୀ ମହାନ୍ତି, ଦେବୀ ପ୍ରସାଦ ଚୌଧୁରୀ, ନାଟ୍ୟକାର କୈଳାସ ମଲ୍ଲିକ, ପ୍ରଭାତ ଦାଶ, ଅମ୍ବିକା ପ୍ରସନ୍ନ ମହାନ୍ତି, ମାନସ କୁମାର କାନୁନ୍‌ଗୋ, ପ୍ରଦୀପ୍ତ କିଶୋର ଚୌଧୁରୀ, ମାନସ ରଥ, ପ୍ରଜ୍ଞା ପାରମିତା ଚୌଧୁରୀ, ସୁଷମା ପ୍ରଧାନ, ସତ୍ୟବ୍ରତ ବିଶ୍ୱାଳ, ମନୋଜ କୁମାର ମହାପାତ୍ର, ସୌମ୍ୟରଞ୍ଜନ ବିଶ୍ୱାଳ, ନିକୁଞ୍ଜ କିଶୋର ବେହେରା, କୃଷ୍ଣଚନ୍ଦ୍ର ପ୍ରଧାନ, ବିଶ୍ୱନାଥ ପଣ୍ଡା, ଲୋକନାଥ ଦାସ, ଅତନୁ କୁମାର ସ୍ୱାଇଁ, ବିଜୟଲକ୍ଷ୍ମୀ ମହାପାତ୍ର, ନିବେଦିତା ମହାନ୍ତି ଓ ଶ୍ରଦ୍ଧାମୟୀ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିବା ସହ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପରିଷଦର ସଦସ୍ୟ ମନୋଜ ଦାଶ ସ୍ୱାଗତ ଭାଷଣ ଓ ଉପାଧ୍ୟକ୍ଷ ବିଜୟ କୁମାର ରାଉତ ଧନ୍ୟବାଦ ଦେଇଥିଲେ। ବୈଠକ ପ୍ରାରମ୍ଭରେ ଜଗତ୍‌ସିଂହପୁର ଦିବଂଗତ ଆଇନଜୀବୀ ସଂଗ୍ରାମ କେଶରୀ ମହାନ୍ତି, ଜଗତ୍‌ସିଂହପୁର ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ମଲ୍ଲିକ ଓ ପରିଷଦ ସଦସ୍ୟା ଅଧ୍ୟାପିକା ସବିତା ମହାନ୍ତିଙ୍କ ସ୍ମୃତିରେ ନୀରବ ପ୍ରାର୍ଥନା କରାଯାଇଥିଲା।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ପ୍ରଦୀପ୍ତ



@ ସିଦ୍ଧାର୍ଥ



@ ସୋନାଲି



@ ସୁରେଶ୍ୱର



@ ସୁଶୀଲ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଗ୍ରାମବାସୀ ଆହତ ମାଙ୍କଡ଼ଛୁଆକୁ ଉଦ୍ଧାର କରି ବନ ବିଭାଗକୁ ଦେଲେ



ରଘୁନାଥପୁର, ୨୧।୧୧
(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ତାରପୁର ପଞ୍ଚାୟତ ଗୋକୁଳପୁର ଗ୍ରାମବାସୀ ଏକ ଆହତ ମାଙ୍କଡ଼ ଛୁଆକୁ ଉଦ୍ଧାର କରି ବନ ବିଭାଗ କର୍ମଚାରୀଙ୍କୁ ଶୁକ୍ରବାର ହସ୍ତାନ୍ତର କରିଛନ୍ତି। ସଦ୍ୟ ୯ରୁ ୧୦ ଦିନ ତଳେ ଜନ୍ମିତ ଛୁଆ ମାଙ୍କଡଟିର ମା'କୁ କୁକୁରମାନେ ସୋମବାର ଆକ୍ରମଣ କରି ମାରିଦେଇଥିଲେ। ଛୁଆ ମାଙ୍କଡଟି ମା'ର ଆଶ୍ରୟ ନ ପାଇ ବିଭିନ୍ନ ସ୍ଥାନରେ ଲୁଚିଛପି ନିଜର ଜୀବନ ବଞ୍ଚାଇବାକୁ ଚେଷ୍ଟା କରିଥିଲା। ଏହି ସମୟରେ ଅଣ୍ଡିରା ମାଙ୍କଡ଼ମାନେ ଛୁଆଟିକୁ ଆକ୍ରମଣ କରିବାରୁ ସେ ଆହତ ହୋଇଯାଇଥିଲା। ସ୍ଥାନୀୟ ଗ୍ରାମବାସୀ ଛୁଆ ମାଙ୍କଡ଼ଟିକୁ ଉଦ୍ଧାର କରି ବନ ବିଭାଗ ରେଞ୍ଜର ରାଜେନ୍ଦ୍ର ସାମନ୍ତରାୟଙ୍କୁ ଖବର ଦେଇଥିଲେ। ରେଞ୍ଜର ସାମନ୍ତରାୟଙ୍କ ନିର୍ଦ୍ଦେଶକ୍ରମେ ୨ କର୍ମଚାରୀ ଆସି ଛୁଆ ମାଙ୍କଡ଼ଟିକୁ ନେଇଯାଇଥିଲେ। ତେବେ ଛୁଆ ମାଙ୍କଡ଼ଟିର ଚିକିତ୍ସା ବ୍ୟବସ୍ଥା କରାଯାଇଥିବା ଏବଂ ସୁସ୍ଥ ହେବାପରେ ତାକୁ ଜଙ୍ଗଲରେ ଛାଡ଼ି ଦିଆଯିବ ବୋଲି ଫରେଷ୍ଟ ଗାର୍ଡ ରୀନାରାଣୀ ମଲ୍ଲିକ ପ୍ରକାଶ କରିଛନ୍ତି।

# ଅଭିରାମ ସାନିଟାରୀ ଦୋକାନରେ ଚଢ଼ାଉ

ରାଜନଗର,୨୧।୧୧(ଭାସ୍କର ରାଉତରାୟ)

**ନକଲି ପାଇପ୍ ମହଜୁଦ, ଦୋକାନୀ ଥାନାରେ ଅଟକ**

ରାଜନଗର ବଜାରରେ ଥିବା ଅଭିରାମ ସାନିଟାରୀ ଦୋକାନ ଉପରେ ପୋଲିସ ଶୁକ୍ରବାର ଚଢାଉ କରିଛି। ଅଭିରାମ ସାନିଟାରୀରେ ନକଲି ପାଇପ୍‌ରେ ସୁପ୍ରିମ୍ କମ୍ପାନୀ ଲୋଗୋ ଲଗାଇ ବିକ୍ରି କରୁଥିଲେ। ନକଲି ପାଇପ୍‌କୁ ସୁପ୍ରିମ କମ୍ପାନୀର ପାଇପ୍ କହି ଦୀର୍ଘ ଦିନ ହେବ ବିକ୍ରିକରି ଆସୁଥିଲେ। ସୁପ୍ରିମ୍ କମ୍ପାନୀର ଅଧିକାରୀ ଏ ସମ୍ପର୍କରେ ଜାଣିବା ପରେ ରାଜନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅପରାହ୍ନରେ ରାଜନଗର ପୋଲିସ ସୁପ୍ରିମ୍ ପାଇପ୍ କମ୍ପାନୀ କର୍ମଚାରୀଙ୍କୁ ଧରି ତାରିଣୀ ମନ୍ଦିର ନିକଟରେ ଥିବା ଅଭିରାମ ସାନିଟାରୀରେ ଚଢାଉ କରିଥିଲା। ଦୋକାନ ମାଲିକ ଅକ୍ଷୟ କୁମାର ମିଶ୍ରଙ୍କୁ ପୋଲିସ ଉଠାଇ ରାଜନଗର ଥାନାକୁ ନେଇ ଦୋକାନକୁ ବନ୍ଦ ରଖିଥିଲେ। ସୁପ୍ରିମ୍ କମ୍ପାନୀର ପାଇପ୍ ସହିତ ନକଲି ପାଇପ୍‌କୁ ମିଳାଯିବା ପରେ ଅଭିରାମ ସାନିଟାରୀରେ ନକଲି ପାଇପ୍ ଥିବା ଜଣାପଡିଥିଲା। ରାତି ପ୍ରାୟ ୮ଟାରେ ରାଜନଗର ଥାନା ଇନ୍ସପେକ୍ଟର ସୌମ୍ୟ ରଞ୍ଜନ ଜାଳିଙ୍କ ନେତୃତ୍ୱରେ ପୋଲିସ ଟିମ୍ ତାଙ୍କ ଦୋକାନ ଖୋଲି ନକଲି ପାଇପ୍ ଜବତ କରି ଥାନାକୁ ନେଇଥିବା ଜଣାପଡିଛି।

# ନାଁକୁ ଚାଲିଛି କୃଷକ ଉତ୍ପାଦକ ସଙ୍ଗଠନର ତାଲିମ

- ମିଳୁନି ଆଧୁନିକ ଜ୍ଞାନ କୌଶଳ
- ପାଣି, ମାଟି ପରୀକ୍ଷା କି ମାର୍କେଟିଂ ସହାୟତା ନାହିଁ

ଜଗତ୍‌ସିଂହପୁର, ୨୧।୧୧
(ପ୍ରମୋଦ କୁମାର ନାୟକ)



ତାଲିମ ଶିବିରରେ ଉପସ୍ଥିତ ପ୍ରଶିକ୍ଷିକାପ୍ରଶିକ୍ଷକ, ପ୍ରଶିକ୍ଷାର୍ଥୀମାନେ।

ଜଗତ୍‌ସିଂହପୁର ଏକ କୃଷି ପ୍ରଧାନ ଜିଲା। ଏହି ଜିଲାର ଅଧିକାଂଶ ଚାଷୀ ଚାଷକୁ ଜୀବିକା ଭାବେ ଗ୍ରହଣ କରନ୍ତି। କିନ୍ତୁ ଚାଷୀଙ୍କୁ ଆଶାଜନକ ଆଧୁନିକ ଜ୍ଞାନ କୌଶଳ ମିଳିପାରୁନାହିଁ। ପାଣି ଓ ମାଟି ପରୀକ୍ଷା କରି ଚାଷୀ କିପରି ସମ୍ଭାବ୍ୟ ପରିସ୍ଥିତିକୁ ଏଡାଇବା ସହ ଉତ୍ପାଦନ ବୃଦ୍ଧି ପାଇଁ ପଦକ୍ଷେପ ନେଇପାରିବେ ସେ ବାବଦରେ ମଧ୍ୟ ସହଯୋଗ ମିଳିପାରୁନାହିଁ। କୃଷି ବିଭାଗ ଓ ଜିଲା କୃଷି ବିଜ୍ଞାନ କେନ୍ଦ୍ର ମଝିରେ ମଝିରେ ଔପଚାରିକତା ପୂରଣ ପାଇଁ ବିଭିନ୍ନ ତାଲିମ କାର୍ଯ୍ୟକ୍ରମ କରି ଦାୟିତ୍ୱ ସମ୍ପାଦନ କରୁଥିବା ଅଭିଯୋଗ ହେଉଛି।

ଏ ସମ୍ପର୍କରେ ସ୍ଥାନୀୟ କେତେଜଣ ଚାଷୀ ପ୍ରତିକ୍ରିୟାରେ କହିଛନ୍ତି, ଜିଲା କୃଷି ବିଜ୍ଞାନ କେନ୍ଦ୍ରର କାମ କ'ଣ ତାହା ୯୫ ପ୍ରତିଶତରୁ ଅଧିକ ଚାଷୀ ଜାଣନ୍ତି ନାହିଁ। କେନ୍ଦ୍ର ପକ୍ଷରୁ ଯାହା କିଛି କରାଯାଉଛି ତାହା ଅତି ସୀମିତ। ଯାହାଦ୍ୱାରା ଚାଷ ଓ ଚାଷୀଙ୍କ ଉନ୍ନତିରେ ସହାୟକ ହୋଇପାରୁନାହିଁ। ଯାହାର ଦୃଷ୍ଟାନ୍ତ ହେଉଛି ଶୁକ୍ରବାର ଜଗତ୍‌ସିଂପୁର ଜିଲା କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଅନୁଷ୍ଠିତ ଦ୍ୱିତୀୟ ଏକ ଦିବସିୟ ଜିଲାସ୍ତରୀୟ କୃଷକ ଉତ୍ପାଦକ ସଙ୍ଗଠନ (ଏଫପିଓ)ଗୁଡିକର ତାଲିମ ଶିବିର। ଏହି ତାଲିମ କାର୍ଯ୍ୟକ୍ରମରେ ଜିଲାର ୭ଟି ଏଫପିଓର ୨୫ ଜଣ ନିର୍ଦ୍ଦେଶକ ପରିଷଦ ଓ ସଦସ୍ୟମାନେ ଉପସ୍ଥିତ ଥିବା ସୂଚନା ଦିଆଯାଇଛି। ଯେଉଁ ସଂଖ୍ୟା ନଗଣ୍ୟ। କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ଡ. ଜୀବନଜିତ ସେନ କାର୍ଯ୍ୟକ୍ରମ ପରିଚାଳନା କରିବା ସହ କୃଷି ବିଜ୍ଞାନ କେନ୍ଦ୍ର କିପରି ନୂତନ କୃଷି ପ୍ରଯୁକ୍ତି ଓ ପ୍ରଶିକ୍ଷଣ ତଥା କୃଷକଙ୍କୁ ଆଧୁନିକ ଜ୍ଞାନ କୌଶଳ ଯୋଗାଉଛି ତା ଉପରେ ବଖାଣିଥିଲେ। ଏଥିସହ ମାଟି ଓ ପାଣି ପରୀକ୍ଷାରେ ସାହାଯ୍ୟ କରୁଥିବା କହିଥିଲେ। ଏଫପିଓଗୁଡ଼ିକ ପାଇଁ ମାର୍କେଟିଂ ସହାୟତା, ବ୍ୟାଙ୍କ ସହ ସରକାରୀ ଯୋଜନାକୁ ସଂଯୋଗ କରିବା, ଗୋଷ୍ଠୀ ଆଧାରିତ ଚାଷ, ପ୍ରଯୁକ୍ତି ଶିକ୍ଷା, ବ୍ୟବସାୟୀ ପରିକଳ୍ପନା ଓ ପରାମର୍ଶ ଉପରେ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶା ଜୀବିକା ମିଶନର ଅଧିକାରୀ ଦିଲୀପ ମିଶ୍ର ବିଭିନ୍ନ ଯୋଜନା ତଥା ବ୍ୟାଙ୍କ ସହ ଏସ୍‌ଏଚ୍‌ଜିକୁ ଲିଙ୍କ କରିବା, ଜୀବିକା କ୍ଲଷ୍ଟର, ବୁକ କିପିଂ ଟ୍ରେନିଂ ଓ ଗ୍ରୁପ ମିଶନ ଶକ୍ତି ଋଣ ବିଷୟରେ ଅବଗତ କରାଇଥିଲେ। ବିଶେଷକରି ଏଫପିଓଗୁଡ଼ିକ କିପରି ଲାଭବାନ ହେଇପାରିବେ ସେ ବିଷୟରେ ଧାରଣା ଦେଇଥିଲେ। ଏହାବାଦ ସ୍ୱୟଂ ସ୍ୱାଧୀନ ଏଫ୍‌ପିଓର ଅଧ୍ୟକ୍ଷା ପାର୍ବତୀ ନାୟକ ଜିଲାର ଏଫପିଓଗୁଡିକ କିପରି ଏକତ୍ରିତ ହୋଇ ନିଜ ଭିତରେ ନିୟମିତ ଯୋଗସୂତ୍ର ରକ୍ଷା କରିପାରିବେ ତା ଉପରେ କହିଥିଲେ। ଏଭଳି ହୋଇପାରିଲେ ଜଗତ୍‌ସିଂପୁର ଜିଲାର କୃଷି ଅର୍ଥନୀତିରେ ଏକ ବୃହତ ପରିବର୍ତ୍ତନ ଆଣିପାରିବ। ଏଫ୍‌ପିଓଗୁଡ଼ିକ ସ୍ୱାବଲମ୍ବୀ ହେବା ସହ ଅନ୍ୟ କୃଷକମାନଙ୍କୁ ଉତ୍ସାହିତ କରିପାରିବେ ବୋଲି କହିଥିଲେ। ତାଲିମ କାର୍ଯ୍ୟକ୍ରମରେ ଡ. ଦ୍ୱାରିକା ମୋହନ ଦାସ ବିଭିନ୍ନ ବିଭାଗର ସରକାରୀ ସହାୟତା ତଥା ଯୋଜନା ଉପରେ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ଡ. ତପନ କୁମାର ପଲାଇ, ସସ୍ମିତା ପୁରୋହିତ, ସରିତା ଦାସ, ରବୀନ୍ଦ୍ର କୁମାର ପ୍ରଧାନ ପ୍ରମୁଖ ଗୋପାଳନ, କୁକୁଡ଼ା ପାଳନ, ଛତୁ ଚାଷ, ମାଛ ଚାଷ, ପନିପରିବା ଓ ଫୁଲ ଚାଷ ସମ୍ବନ୍ଧରେ ମତ ରଖିଥିଲେ। ଶେଷରେ ଏଫପିଓଗୁଡ଼ିକ କିପରି ଏକତ୍ରିତ ହୋଇ ଉତ୍ପାଦନ, ବଜାର କରଣ, ମୂଲ୍ୟ ବୃଦ୍ଧି ଓ ସଙ୍ଗଠନ ଶକ୍ତି ମାଧ୍ୟମରେ ଉପକାର ପାଇପାରିବେ ସେ ପ୍ରତି ଧ୍ୟାନ ଦିଆଯାଉଥିବା କୁହାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ରାଜଶ୍ରୀ ସିଂ, ଉର୍ବଶୀ ନାୟକ, ରୁଦ୍ର ପ୍ରତାପ ସ୍ୱାଇଁ ଓ ବଳିଆ ମାଝୀ ଉପସ୍ଥିତ ରହି ସହଯୋଗ କରିଥିଲେ।

# ପ୍ରସ୍ତୁତି ବୈଠକ ନେଇ ସୂଚନା ଦିଆଯାଇ ନ ଥିବାରୁ ଉଦ୍‌ବେଗ



ପ୍ରସ୍ତୁତି ବୈଠକରେ ଅଧିକାରୀମାନେ ବିଭିନ୍ନ ବିଷୟରେ ଆଲୋଚନା କରୁଛନ୍ତି ।

**ନୟାଗଡ଼, ୨୧।୧୧(ଲୋକନାଥ ମିଶ୍ର)**

ଜିଲା ପରିଷଦ ସମ୍ମିଳନୀ କକ୍ଷ ସୃଜନରେ ନୟାଗଡ଼ ଜିଲା ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ ଅଧ୍ୟକ୍ଷତା କରିଥିଲେ। ତେବେ ପ୍ରସ୍ତୁତି ବୈଠକ ସମ୍ପର୍କରେ ସୂଚନା ଦିଆଯାଇ ନ ଥିବାରୁ ଅନେକ ବୁଦ୍ଧିଜୀବୀ, ସାହିତ୍ୟିକ, ଖବରଦାତା, କଳାକାର, ସ୍ୱେଚ୍ଛାସେବୀ, ରାଜନେତା ଆସି ପାରି ନ ଥିଲେ। ଜିଲା ମହୋତ୍ସବର ପ୍ରସ୍ତୁତି ବୈଠକ ଶୁକ୍ରବାର କରାଯାଉଛି ବୋଲି ଜଣା ପଡି ନ ଥିବାରୁ ବୈଠକରେ ଉଦ୍‌ବେଗ ଓ ଅସନ୍ତୋଷ ପ୍ରକାଶ ପାଇଥିଲା। ଆଗକୁ ଏପରି ନ କରିବାକୁ କୁହାଯାଇଥିଲା।

ଚଳିତବର୍ଷ ମହୋତ୍ସବ ଡିସେମ୍ବର ୨୪ରୁ ଆରମ୍ଭ ହୋଇ ୨୮ ପର୍ଯ୍ୟନ୍ତ ନୟାଗଡ଼ ଷ୍ଟାଡିୟମରେ ଚାଲିବ। ନୟାଗଡ଼ ଷ୍ଟାଡିୟମ୍‌ରେ ଘାସ ଲଗା ଯାଇଥିବାରୁ ଅନ୍ୟତ୍ର ସ୍ଥାନ ଖୋଜାଯାଇଥିଲା। ହେଲେ ସ୍ଥାନ ଅଭାବରୁ ପୁଣି ଷ୍ଟାଡିୟମକୁ ଚୟନ କରାଯାଇଛି। ଜିଲା ମହୋତ୍ସବ ମଞ୍ଚରେ

■ ଡିସେମ୍ବର ୨୪ରୁ ନୟାଗଡ଼ ଜିଲା ମହୋତ୍ସବ

■ ସବ୍ କମିଟିର ବୈଠକ ହେଉ ନ ଥିବାରୁ ଅସନ୍ତୋଷ

ପଲ୍ଲିଶ୍ରୀ ମେଳା, କୃଷି ମେଳା ଓ ପୁସ୍ତକ ମହୋତ୍ସବ କରାଯିବାକୁ ନିଷ୍ପତ୍ତି ହୋଇଛି। ଗତବର୍ଷ ପରି ୩୧୩ ଷ୍ଟଲ ପକାଯିବା ପାଇଁ ନିଷ୍ପତ୍ତି ହୋଇଛି। ଲାଇଟ୍ ଓ ସାଉଣ୍ଡ, ମଞ୍ଚକୁ ଠିକ୍ ଭାବେ କରାଯିବାକୁ ମତପ୍ରକାଶ ପାଇଛି। ମହୋତ୍ସବ ଯେପରି ଅନ୍ୟ ଜିଲା ଅପେକ୍ଷା ଚର୍ଚ୍ଚାରେ ରହିବ ସେନେଇ ବ୍ୟବସ୍ଥା କରିବାକୁ ସ୍ଥିର ହୋଇଛି। ସ୍ଥାନୀୟ କଳା ସଂସ୍କୃତି ସହ ଦେଶ ବିଦେଶର ଗ୍ରୁପ୍ ଯେପରି ଆସିବେ ସେଥିପ୍ରତି ପଦକ୍ଷେପ ନେବାକୁ ମତ ପ୍ରକାଶ ପାଇଛି। ତେବେ ମହୋତ୍ସବ ପାଇଁ କରାଯାଇଥିବା ବିଭିନ୍ନ ସବ୍ କମିଟିର ବୈଠକ କରାଯାଉ ନ ଥିବାରୁ ଅସନ୍ତୋଷ ଓ ଉଦ୍‌ବେଗ ପ୍ରକାଶ ପାଇଥିଲା। ପୁଣି ଗତବର୍ଷଠାରୁ ମହୋତ୍ସବ ଠିକ୍‌ରେ କରାଯାଉନାହିଁ ବୋଲି କୁହାଯାଇଥିଲା। ଅନ୍ୟପକ୍ଷେ ଶୋଭନିୟର କମିଟି ଠିକ୍ ଢ଼ଙ୍ଗରେ କାମ କରୁ ନ ଥିବା କୁହାଯାଇଥିଲା। ମହୋତ୍ସବର ୧ ବର୍ଷ ପରେ ବି ଶୋଭନିୟର କେହି ପାଇ ନ ଥିବା ପ୍ରସଙ୍ଗ ସରଗରମ ଆଲୋଚନା ହୋଇଥିଲା। ଶୋଭାନିୟର ବୈଠକରେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ଜିଲା ପରିଷଦ ସଭାପତି ଦେବାଶିଷ ପଟ୍ଟନାୟକ, ଅତିରିକ୍ତ ଜିଲାପାଳ ବିଜୟାନନ୍ଦ ନାୟକ, ଅତିରିକ୍ତ ଏସ୍‌ପି ସୁବାସ ଚନ୍ଦ୍ର ପଣ୍ଡା ଏବଂ ଉପଜିଲାପାଳ କର୍ଣ୍ଣଦେବ ସମାଦ୍ଦାର ଯୋଗଦେଇଥିଲେ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ ବୈଠକ ପରିଚାଳନା କରିବା ସହ ପୂର୍ବବର୍ଷର ପ୍ରୋସିଡିଂ ଉପସ୍ଥାପନା ଓ ମହୋତ୍ସବର ବିଭିନ୍ନ କମିଟି ଉପରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଅତିରିକ୍ତ ଜିଲାପାଳ ରୋଜିନା ଦାସ ସ୍ୱାଗତ ଭାଷଣ ରଖିଥିଲେ। ଜିଲାପାଳ କହିଥିଲେ, ଚଳିତବର୍ଷ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଅନ୍ୟ ମନ୍ତ୍ରୀମାନଙ୍କୁ ଅତିଥି ଭାବେ ଆମନ୍ତ୍ରଣ ପାଇଁ ପଦକ୍ଷେପ ନିଆଯାଇଛି।

## ପୋଖରୀରେ ପଶିଗଲା କାର୍, ଚାଳକ ମୃତ

**ଓଡ଼ଗାଁ, ୨୧।୧୧**
**(ଆଦର୍ଶ କୁମାର ପଟ୍ଟନାୟକ)**

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ଗିରିଡିପଲ୍ଲୀ ପଞ୍ଚାୟତ ଡହଙ୍ଗୀରୁ ଗୋଟିଏ କାର ପାଣ୍ଡେରୀପଡା ଦେଇ ଶୁକ୍ରବାର ଓଡ଼ଗାଁ ଅଭିମୁଖେ ଆସୁଥିବା ବେଳେ ଡହଙ୍ଗୀ ନିକଟ ଏକ ମୋଡରେ ରାତି ପ୍ରାୟ ୮.୩୦ରେ ନିୟନ୍ତ୍ରଣ ହରାଇବାରୁ ରାସ୍ତା କଡ଼ରେ ଥିବା ଏକ ଗଛରେ ପିଟିହେଇ ଭାରସାମ୍ୟ ହରାଇ ଏକ ବାମ୍ଫି(ଛୋଟ ପୋଖରୀ) ଭିତରକୁ ଓଲଟି ପଡିଥିଲା। କାରର ଚକା ପାଖ ଉପରକୁ ଥିବା ବେଳେ ଅନ୍ୟ ପାର୍ଶ୍ୱ ପାଣିରେ ବୁଡି ରହିଥିଲା। ଗାଡ଼ିରେ ଥିବା ୩ ଜଣଙ୍କ ମଧ୍ୟରୁ ଜଣେ ମହିଳା ଅନ୍ୟଜଣେ ପୁରୁଷ ନିଜ ଚେଷ୍ଟାରେ ବାହାରି ଯାଇଥିଲେ। କିନ୍ତୁ ଚାଳକ ବାହାରି ପାରି ନ ଥିଲେ। ଫଳରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ଡହଙ୍ଗୀ ଏବଂ ମଦନପୁର ଗ୍ରାମବାସୀ ପହଞ୍ଚି ଚାଳକ ଓଡ଼ଗାଁର ବାଳକୃଷ୍ଣ ସାହୁ (୪୨)ଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ଆଣିଥିଲେ। ହେଲେ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ।

ସୂଚନାଯୋଗ୍ୟ, ନଭେମ୍ବର ୧୬ରୁ ୩୦ ତାରିଖ ପର୍ଯ୍ୟନ୍ତ ଶୂନ ମୃତାହତ ପକ୍ଷ ପାଳନ ଚାଲିଥିବା ବେଳେ ଦୁର୍ଘଟଣାଟି ପ୍ରଶ୍ନ ସୃଷ୍ଟି କରୁଛି।

## ଯୁବକଙ୍କଠାରେ ଅମାପ ଶକ୍ତି, ସମ୍ଭାବନା ରହିଛି

### ଜିଲାସ୍ତରୀୟ ଯୁବ ରେଡ୍‌କ୍ରସ୍ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ



ଜିଲାସ୍ତରୀୟ ଯୁବ ରେଡ୍‌କ୍ରସ୍ ଶିକ୍ଷା ଓ ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ଅତିଥି।

**ଓଡ଼ଗାଁ, ୨୧।୧୧**
**(ଆଦର୍ଶ କୁମାର ପଟ୍ଟନାୟକ)**

### ଜିଲାର ୪୦ କଲେଜରୁ ୧୫୦ ସ୍ୱେଚ୍ଛାସେବୀଙ୍କ ଅଂଶଗ୍ରହଣ

ନୟାଗଡ଼ ଜିଲା ଓଡ଼ଗାଁ ରଘୁନାଥ ସମବାୟ ମହାବିଦ୍ୟାଳୟ ପରିସରରେ ୟୁଥ ରେଡ୍‌କ୍ରସ୍ ୟୁନିଟ ଦ୍ୱାରା ଆୟୋଜିତ ଇଣ୍ଡିଆନ ରେଡକ୍ରସ ସୋସାଇଟି ଜିଲାସ୍ତରୀୟ ଯୁବ ରେଡ୍‌କ୍ରସ୍ (ୱାଇଆର୍‌ସି) ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ରଘୁନାଥ ସମବାୟ ମହାବିଦ୍ୟାଳୟ ଅଧ୍ୟକ୍ଷ ରାଜକିଶୋର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରମେଶ ଚନ୍ଦ୍ର ବେହେରା ୟୁଥ୍ ରେଡ୍‌କ୍ରସ୍ ହାୟର ଏଜୁକେଶନ ଡେପୁଟି ସେକ୍ରେଟାରୀ, ସମ୍ମାନିତ ଅତିଥି ଗୋପାଳ ମିଶ୍ର ୱାଇଆର୍‌ସି ଷ୍ଟେଟ କୋର୍ଡିନେଟର ବିପିନ କୁମାର ପଟ୍ଟନାୟକ, ୱାଇଆର୍‌ସି ଚେୟାରମ୍ୟାନ ନୟାଗଡ଼, କନ୍‌ଭେନର ସେକ୍ରେଟାରୀ ନାରାୟଣ ହୋତା ପ୍ରମୁଖ ଯୋଗଦେଇ ରେଡ୍‌କ୍ରସ୍ ପ୍ରତିଷ୍ଠାତା ଜନ ହେନେରୀ ଡୁନାଣ୍ଟଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ନୟାଗଡ଼ ଜିଲାର ୪୦କଲେଜର ୧୫୦ ସ୍ୱେଚ୍ଛାସେବୀ ଶିବିରାର୍ଥୀମାନଙ୍କୁ ସମ୍ବୋଧନ କରିବାକୁ ଯାଇ ଯୁବକମାନଙ୍କଠାରେ ଅମାପ ଶକ୍ତି ଓ ସମ୍ଭାବନା ରହିଥିବା କହିଥିଲେ।

ଶିବିରରେ ପ୍ରାଥମିକ ଚିକିତ୍ସା, ବିପର୍ଯ୍ୟୟ ପରିଚାଳନା, ସଡ଼କ ସୁରକ୍ଷା, ଏଚ୍‌ଆଇଭି ସଚେତନତା, ସାଇବର ସୁରକ୍ଷା, ରକ୍ତଦାନ, ଯୋଗ ଏବଂ ସଫେଇ କାର୍ଯ୍ୟ ସମ୍ବନ୍ଧୀୟ ପ୍ରଶିକ୍ଷଣ ଦେବା ସହ ସେମାନଙ୍କ ଭିତରେ ଦକ୍ଷତା ଓ ନେତୃତ୍ୱ ବୃଦ୍ଧି କରିବା ନିମନ୍ତେ, ସୃଜନଶୀଳତାର ବିକାଶ ପାଇଁ ବକ୍ତୃତା, କୁଇଜ, ପ୍ରବନ୍ଧ, ମୋବାଇଲ ଓଡ଼ିଆ ଟାଇପ୍ ଶିକ୍ଷା ଓ ସାମାଜିକ ସଚେତନତା ଧର୍ମ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହେବ। ବନ୍ୟା, ବାତ୍ୟା, ଭୂସ୍ଖଳନ, ଭୂ କମ୍ପ, ସୁନାମି, ଦୁର୍ଘଟଣା ଏପରି ଅନେକ ଆପଦ୍‌କାଳୀନ ବିପଦ ସମୟରେ ସ୍ୱେଚ୍ଛାସେବୀମାନଙ୍କ ଭୂମିକା ଏବଂ ସେମାନଙ୍କ କର୍ତ୍ତବ୍ୟ ସମ୍ବନ୍ଧରେ ଜାଗ୍ରତ କରାଯିବ ବୋଲି ୱାଇଆରସି ଷ୍ଟେଟ କୋର୍ଡିନେଟର ଗୋପାଳ ମିଶ୍ରଙ୍କଠାରୁ ପ୍ରକାଶ। ଓଡ଼ଗାଁ କଲେଜ ତଥା ନୟାଗଡ଼ ଜିଲା କୋର୍ଡିନେଟର ଅଧ୍ୟାପକ ନିରୋଜ ପ୍ରଧାନ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଉଦ୍ଭିଦ ବିଜ୍ଞାନ ମୁଖ୍ୟ ଅଧ୍ୟାପକ ଡ. ସୁକାନ୍ତ କୁମାର ସାହୁ, ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପକ ଚିତ୍ତରଞ୍ଜନ ଦାଶ, ସମାଜ ବିଜ୍ଞାନ ବିଭାଗ ମୁଖ୍ୟ ସସ୍ମିତ ଦାସ ଓ ଅନ୍ୟ ଅଧ୍ୟାପିକାଅଧ୍ୟାପକ ଏବଂ ଶିକ୍ଷକ କର୍ମଚାରୀମାନେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ମୁଖ୍ୟ ଅତିଥି ରେଡ୍‌କ୍ରସ୍ ପତାକା ଉତ୍ତୋଳନ କରିଥିଲେ।

## ବାଇକ୍, ଦେଶୀ ମଦ ଜବତ: ୨ କୋର୍ଟ ଚାଲାଣ

**ଶରଣକୁଳ, ୨୧।୧୧(ଦୀପକ କର)**

ଶରଣକୁଳ ପୋଲିସ ଗୁରୁବାର ସଂଧ୍ୟାରେ ପାଟ୍ରୋଲିଂ ସମୟରେ ବାଇକ୍‌ରେ ଦୁଇଜଣ ଦେଶୀମଦ ନେଇ ଯାଉଥିବା ବେଳେ ସେମାନଙ୍କ ନିକଟରୁ ବାଇକ୍ ସହ ୫୨.୫୦୦ଲିଟର ଦେଶୀ ମଦ ଜବତ କରି ୨ଜଣଙ୍କୁ ଗିରଫ ପରେ ଶୁକ୍ରବାର କୋର୍ଟ ଚାଲାଣ କରିଛି।

ପ୍ରକାଶ ଯେ, ଶରଣକୁଳ ଥାନା ଅଧିକାରୀ ସୁଜିତ କୁମାର ଦାସଙ୍କ ନିର୍ଦ୍ଦେଶରେ ଏସ୍‌ଆଇ ଭୀମସେନ ମଲ୍ଲିକ ସଦଳବଳ ଗୁରୁବାର ପାଟ୍ରୋଲିଂ ବେଳେ ଧୂଷୁମା ଦୁଆଣ୍ଟ ପୋଲ ନିକଟ ବଡ଼ଗୋରଡା ଗ୍ରାମର ନାରାୟଣ ସାହୁ (୩୬) ଓରଫ ମିଟୁ ଏବଂ ମହେଶ୍ୱର ଦୋରା (୪୫) ବାଇକ୍ ନଂ. (ଓଆର ୦୨ ବିକ୍ୟୁ ୯୬୮୭)ରେ ରବର ବ୍ଲାଡର ଓ ପ୍ଲାଷ୍ଟିକ ବୋତଲରେ ଅପମିଶ୍ରିତ ଦେଶୀମଦ ନେଉଥିବା ସନ୍ଦେହରେ ସେମାନଙ୍କୁ ଯାଞ୍ଚ କରିମଦ ପାଇଥିଲେ। ପୋଲିସ ଦେଶୀ ମଦ ବ୍ୟତୀତ ବ୍ୟବହୃତ ଗାଡି ସହ ୨ ଅଭିଯୁକ୍ତଙ୍କୁ ଥାନାକୁ ଆଣି ପଚରାଉଚୁରା କରିବାରୁ ଉଭୟ ମୁଦାଲାଙ୍କ ନିକଟରୁ ଉପଯୁକ୍ତ ତଥ୍ୟ ଓ ପ୍ରମାଣ ମିଳିବାରୁ ଶୁକ୍ରବାର ପୋଲିସ ନଂ.୨୫୨/୨୫ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି।

## ମାଳିସାହି ପିଇଓଙ୍କ ବିରୋଧରେ ବିଡିଓଙ୍କୁ ଲିଖିତ ଅଭିଯୋଗ


ଅଭିଯୋଗ ପାଇଁ ଆସିଥିବା ମାଳିସାହି ପଞ୍ଚାୟତର ସଭ୍ୟାସଭ୍ୟ ।

**ନୂଆଗାଁ, ୨୧।୧୧(ଧନେଶ୍ୱର ସାହୁ)**

ନୟାଗଡ ଜିଲା ନୂଆଗାଁ ବ୍ଲକ ମାଳିସାହି ପଞ୍ଚାୟତ ପିଇଓଙ୍କ କାର୍ଯ୍ୟକଳାପ ବିରୋଧରେ ମାଳିସାହି ସରପଞ୍ଚଙ୍କ ସମେତ ୱାର୍ଡ ସଭ୍ୟମାନେ ଶୁକ୍ରବାର ବିଡିଓଙ୍କୁ ଲିଖିତ ଅଭିଯୋଗ କରିଛନ୍ତି।

ନୂଆଗାଁ ବ୍ଲକ ମାଳିସାହି ସରପଞ୍ଚ ସମିତା ପ୍ରଧାନଙ୍କ ସମେତ ନାଏବ ସରପଞ୍ଚ କୀର୍ତ୍ତନ ପ୍ରଧାନ, କମଳା କଅଁର, ସମ୍ବାରୀ ଯାନୀ, ବୁଲା ସାହୁ, ଗଙ୍ଗାଧର ନାୟକ, ଯଶୋଦା ପାଟ୍ଟଶାଣୀ, ନାରାୟଣ ପାଟ୍ଟଶାଣୀ, ଦାଶ ବେହେରା, ରେଖା ନାହକ ଓ ମମତା ନାୟକ ପ୍ରମୁଖ ମାଳିସାହି ପଞ୍ଚାୟତରେ କାର୍ଯ୍ୟରତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଚିନ୍ମୟୀ ଯାନୀଙ୍କ କାର୍ଯ୍ୟକୁ ନେଇ ଅସନ୍ତୁଷ୍ଟ ହୋଇ ବିଡିଓ ଅମୃତ କୁମାର ରାଉଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ସେମାନେ କରିଥିବା ଅଭିଯୋଗ ମୁତାବକ ପିଇଓ ଯାନୀ ଅନ୍ତ୍ୟୋଦୟ ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା କରି ନିଜ ଇଚ୍ଛା ଅନୁସାରେ ଘର ଦେଉଛନ୍ତି। ଏପରିକି ଦୁଇ ମହଲା ଥିବା ଲୋକଙ୍କୁ ଆବାସ ଯୋଜନାରେ ସାମିଲ କରି ଘର ଦେଉଛନ୍ତି। ପଞ୍ଚାୟତରେ ହେଉଥିବା ଖର୍ଚ୍ଚ ବାବଦରେ ପଚାରିଲେ ମୁଁ ତମକୁ ହିସାବ ଦେବି ନାହିଁ, ମୋ ଉପର ଅଫିସରଙ୍କୁ ହିସାବ ଦେବି ବୋଲି କହୁଛନ୍ତି। ତେଣୁ ପଞ୍ଚାୟତର ହିସାବ ଜାଣିବା ଯଦି ସରପଞ୍ଚ କିମ୍ବା ୱାର୍ଡ ସଭ୍ୟଙ୍କର ଅଧିକାର ନାହିଁ, ତେବେ ଆମେ ପଞ୍ଚାୟତର କୌଣସି ବୈଠକକୁ ଆସିବୁ ନାହିଁ ବୋଲି ଲିଖିତ ଭାବେ ବିଡିଓଙ୍କୁ ଜଣାଇ ନ୍ୟାୟ ଭିକ୍ଷା କରିଛନ୍ତି। ଅଭିଯୋଗ ବାବଦରେ ପିଇଓ ଯାନୀଙ୍କୁ ପଚାରିବାରେ ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା। ଆବାସ ଯୋଜନା ପାଇଁ ତଦନ୍ତରେ ଯାଇଥିବା ଅଧିକାରୀଙ୍କ ରିପୋର୍ଟ ଅନୁସାରେ ହିତାଧିକାରୀ ଚୟନ କରାଯାଇଛି। ମୁଁ କେବଳ କାର୍ଯ୍ୟକାରୀ କରିଛି। ହିସାବ ପତ୍ର ବାବଦରେ ପଚାରିବାରେ ମୁଁ ପ୍ରତି ବୈଠକରେ ହିସାବ ପ୍ରଦାନ କରୁଛି ବୋଲି ପିଇଓ ଯାନୀ କହିଛନ୍ତି।

## ରଥକାଠ ଅନୁକୂଳ ପାଇଁ ଦିନଧାର୍ଯ୍ୟ

**ଗଣିଆ, ୨୧।୧୧**
**(ସନ୍ତୋଷ କୁମାର ପ୍ରଧାନ)**


ରଥ କାଠ ଅନୁକୂଳ ଲାଗି ଗଣନା କରାଯାଉଛି।

ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ରଥକାଠ ଅନୁକୂଳ ନିମନ୍ତେ ଦିନ ଧାର୍ଯ୍ୟ ହୋଇଛି। ପାଞ୍ଜି ଅନୁସାରେ ଡିସେମ୍ବର ୨୩ ଓ ୩୦ତାରିଖ ୨ଦିନ ଧାର୍ଯ୍ୟ କରାଯାଇଛି। ଶ୍ରୀମନ୍ଦିର ପ୍ରଶାସନଙ୍କ ନିଷ୍ପତି ଅନୁସାରେ ଉକ୍ତ ଦୁଇଦିନ ମଧ୍ୟରୁ ଗୋଟିଏ ଦିନକୁ ଧାର୍ଯ୍ୟ କରାଯାଇ ରଥକାଠ ଅନୁକୂଳ କରାଯିବ ପାଇଁ ସ୍ଥିର ହେବ ବୋଲି ବନାଞ୍ଚଳ ଅଧିକାରୀ ଶ୍ରୀନିବାସ ଦାଶ କହିଛନ୍ତି।

ମା’ ବଡରାଉଳ ପୀଠରେ ପ୍ରତ୍ୟେକ ବର୍ଷ ରଥଯାତ୍ରା ପାଇଁ ରଥକାଠ ଅନୁକୂଳ ହୋଇଥାଏ। ଏହି ପରିପ୍ରେକ୍ଷୀରେ ଚଳିତ ବର୍ଷ କାଠ ଅନୁକୂଳ ନିମନ୍ତେ ଦିନଧାର୍ଯ୍ୟ ପାଇଁ ନୟାଗଡ ବନଖଣ୍ଡ ଅଧିକାରୀ ଦେବାର୍ଚ୍ଚନ ବେହେରାଙ୍କ ନିର୍ଦ୍ଦେଶ କ୍ରମେ ଦଶପଲା ବନାଞ୍ଚଳ ଅଧିକାରୀ ଶ୍ରୀନିବାସ ଦାଶଙ୍କ ନେତୃତ୍ୱରେ ଅବସରପ୍ରାପ୍ତ ବନପାଳ ତଥା ଗଣକ ପ୍ରଫୁଲ୍ଲ କୁମାର ଦାଶ ଗଣିଆରେ ପହଞ୍ଚିଥିଲେ। ସେଠାରେ ରଥକାଠ ଅନୁକୂଳ ପୁରୋଧା ପ୍ରସନ୍ନ କୁମାର ଦାଶଙ୍କ ପାଖରେ ପଠାଣି ସାମନ୍ତ ପଞ୍ଜିକା ଅନୁସାରେ ରଥକାଠ ଅନୁକୂଳ ପାଇଁ ଦିନଧାର୍ଯ୍ୟ କରାଯାଇଥିଲା।

## ପୂର୍ବତନ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପରଲୋକ

**ଖଣ୍ଡପଡ଼ା, ୨୧।୧୧**
**(ଅଜୟ କୁମାର ମହାରଣା)**


ପୂର୍ଣ୍ଣଚନ୍ଦ୍ର ପ୍ରଧାନ

ଖଣ୍ଡପଡ଼ା ସହରର ବାସିନ୍ଦା ତଥା ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପ୍ରଧାନ (୮୫)ଙ୍କର ପରଲୋକ ହୋଇଯାଇଛି। ସେ ଦୀର୍ଘ ମାସଧରି ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ଥିଲେ। ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ପରିବାରବର୍ଗଙ୍କ ସୂତ୍ରରୁ ଜଣାପଡିଛି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷ କୃତ୍ୟ ସମ୍ପନ୍ନ ହୋଇଛି। ପୁଅ ଅନିକେତ ବଳିଆର ସିଂ ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ପ୍ରଧାନ ୧୯୯୨ରେ ଖଣ୍ଡପଡ଼ା ଏନ୍‌ଏସି କାର୍ଯ୍ୟାଳୟରେ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଯୋଗ ଦେଇଥିଲେ।

## ନୀଳମାଧବ ପୀଠରେ ଦେବ ଦୀପାବଳି ଉଦ୍‌ଯାପିତ

**ଖଣ୍ଡପଡା, ୨୧।୧୧**
**(ଅଜୟ କୁମାର ମହାରଣା)**


ଶ୍ରୀ ନୀଳମାଧବ ଜୀଉଙ୍କ ଦୀପାବଳି ଉଦ୍‌ଯାପନୀ ଦିବସରେ ଶ୍ରଦ୍ଧା ବେଶ

■ ବିପଦସଙ୍କୁଳ ଦୟଣାଚୋରି ବଗିଚାକୁ ବିଜେ ହେଲେ ଠାକୁର

■ ଶେଷ ମୁହୂର୍ତ୍ତରେ ଆଲୋକୀକରଣ ପରେ ଦୀପ ପ୍ରଜ୍ୱଳନ

କଣ୍ଟିଲୋ ନୀଳମାଧବ ପୀଠରେ ବୁଧବାରଠାରୁ ଆରମ୍ଭ ହୋଇଥିବା ଦେବ ଦୀପାବଳି ଉତ୍ସବ ଶୁକ୍ରବାର ପାରମ୍ପରିକ ରୀତିରେ ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବରେ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ସିଂହଦ୍ୱାର ନିକଟରେ ସମବେତ ହୋଇ ସେମାନଙ୍କ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଦୀପଦାନ କରିଥିଲେ। ଶ୍ରୀ ନୀଳମାଧବ ଜୀଉଙ୍କ ମନ୍ଦିରରେ ମାର୍ଗଶିର କୃଷ୍ଣପକ୍ଷ ଚତୁର୍ଦ୍ଦଶୀ, ଅମାବାସ୍ୟା ଓ ଶୁକ୍ଳ ପ୍ରତିପଦା ୩ ଦିନ ବ୍ୟାପୀ ପାରମ୍ପରିକ ରୀତିରେ ଦୀପଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ଏହି ଉପଲକ୍ଷେ ନୀଳମାଧବ ଜୀଉଙ୍କ ଚଳନ୍ତି ପ୍ରତିମା ମଦନମୋହନ ଜୀଉ ସନ୍ଧ୍ୟା ଧୂପ ପରେ ହାନ୍ଦୋଳାରେ ସିଂହଦ୍ୱାର ନିକଟ ଦୟଣା ଚୋରି ବଗିଚାକୁ ବିଜେ ହୋଇଥିଲେ। ପୂଜାର୍ଚ୍ଚନା ପରେ ଠାକୁରଙ୍କ ପକ୍ଷରୁ ପୂଜାରୀ ଓ ସେବାସୀମାନେ କୃଷ୍ଣଙ୍କ ମାତା ପିତା ଦେବକୀ, ବସୁଦେବ ଓ ଯଶୋଦା, ନନ୍ଦ ତଥା ଜଗତର ନାଥ ଜଗନ୍ନାଥ, ରାମ ଭାବରେ ଦଶରଥ ଓ ମା’ କୌଶଲ୍ୟାଙ୍କ ଉଦ୍ଦେଶ୍ୟରେ ଦୀପଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ପରେ ଶ୍ରୀ ଜୀଉ ମନ୍ଦିର ପ୍ରତ୍ୟାବର୍ତ୍ତନ କରିଥିଲେ।

ସମ୍ପ୍ରତି ଦୟଣାଚୋରି ବଗିଚା ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଫୁଲ, ଫଳ ଗଛ ପରିବର୍ତ୍ତେ ଲାଜକୁଳି ଲତା ଓ ବିଭିନ୍ନ ଅନାବନା ଗଛ ବୃକ୍ଷରେ ବଗିଚାଟି ଜଙ୍ଗଲରେ ପରିଣତ ହୋଇଛି। ନିକଟରେ ଥିବା ରାସ୍ତାରେ ଅନ୍ଧାର ରାତିରେ ଚଳ ପ୍ରଚଳ ହେବାକୁ ଲୋକେ ଭୟ କରୁଛନ୍ତି। ବାରମ୍ବାର ଅଭିଯୋଗ ସତ୍ତ୍ୱେ କେହି କର୍ଣ୍ଣପାତ କରୁନଥିବା ଜଣାଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ଦେବୋତ୍ତର ବିଭାଗ ପକ୍ଷରୁ ଠାକୁରଙ୍କ ବିଜେ ରାସ୍ତାକୁ ସଫା କରାଯାଉଥିବା ବେଳେ ଏବେ ସନ୍ଧ୍ୟାରେ ଏହି ପରିସରକୁ ଆଲୋକୀକରଣର ବ୍ୟବସ୍ଥା କରାଯାଉଥିବା ଦେବୋତ୍ତର ବିଭାଗ ସୁପରଭାଇଜର ବାଇଧର ରାଉତ ପ୍ରକାଶ କରିଛନ୍ତି।

ସେହିପରି ସିଧାମୂଳା ଗୋକୁଳାନନ୍ଦ ଜୀଉଙ୍କ ମନ୍ଦିରରେ ଦେବଦୀପାବଳି ଉତ୍ସବ ପାରମ୍ପରିକ ରୀତିରେ ସମ୍ପନ୍ନ ହୋଇଯାଇଛି। ଶତାଧିକ ଶ୍ରଦ୍ଧାଳୁ ପିତୃ ପୁରୁଷଙ୍କ ନିମନ୍ତେ ଆଲୋକ ପ୍ରଦାନ କରିଥିଲେ।


ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ପ୍ରଦୀପ୍ତ


@ ସିଦ୍ଧାର୍ଥ


@ ସୋନାଲି


@ ସୁରେଶ୍ୱର


@ ସୁଶୀଲ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପାକ୍ସ ସମ୍ପାଦକଙ୍କୁ ଗିରଫ କଲା ଭିଜିଲାନ୍ସ

## ଚାଷୀଙ୍କ ୪୦.୭୧ ଲକ୍ଷର ଋଣ ଟଙ୍କା ହଡ଼ପ

ଭୁବନେଶ୍ୱର/ଦେବଗଡ଼ ୨୧।୧୧
(ସତ୍ୟଜିତ ରାଉତ/ ଶଶାଙ୍କ ଶେଖର ଝାଙ୍କର)



ଗିରଫ ପାକ୍ସ କାଦୋପଡା ସମ୍ପାଦକ ସୁରେଶ ଚନ୍ଦ୍ର ସାହୁ

ଦେବଗଡ଼ ଜିଲା କାଦୋପଡା ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ)ରୁ ଚାଷୀଙ୍କ ଋଣ ପରିଶୋଧ ଟଙ୍କା ହଡ଼ପ ଘଟଣାରେ ଭିଜିଲାନ୍ସ ନିର୍ଦ୍ଦେଶାଳୟ ପକ୍ଷରୁ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସମିତିରୁ ୪୦ ଲକ୍ଷ ୭୧ ହଜାର ୬୪୪ ଟଙ୍କା ସରକାରୀ ଅର୍ଥ ଆତ୍ମସାତ୍ ଅଭିଯୋଗରେ ଭିଜିଲାନ୍ସ ପାକ୍ସ ସମ୍ପାଦକ ସୁରେଶ ଚନ୍ଦ୍ର ସାହୁଙ୍କୁ ଶୁକ୍ରବାର ଗିରଫ କରିଛି। ଏ ସମ୍ପର୍କରେ ରାଉରକେଲା ଭିଜିଲାନ୍ସ ଥାନାରେ ମାମଲା (ନଂ.୧୨/୨୦୨୫) ରୁଜୁ କରାଯାଇଛି। ଅଭିଯୁକ୍ତ ସୁରେଶଙ୍କୁ ସମ୍ବଲପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ୨୦୨୧-୨୦୨୨ ଆର୍ଥିକ ବର୍ଷରେ ସ୍ଥାନୀୟ ଚାଷୀମାନେ ଋଣ ନେଇଥିଲେ। ଉକ୍ତ ଚାଷୀମାନେ ୨୦୨୪ ମସିହାରେ ଋଣ ପରିଶୋଧ କରିଥିଲେ। ହେଲେ ସୁରେଶ ନିଜ କ୍ଷମତାର ଅପବ୍ୟବହାର କରି ସମବାୟ ସମିତିର ହିସାବ ଖାତାରେ ଚଞ୍ଚକତା କରି ଚାଷୀଙ୍କ ଟଙ୍କା ନେଇଯାଉଥିଲେ। ଅଭିଯୁକ୍ତ ସୁରେଶ ସମିତିରୁ ଋଣ ନେଇଥିବା ସ୍ଥାନୀୟ ଚାଷୀଙ୍କଠାରୁ ନଗଦ ଟଙ୍କା ଆକାରରେ ଋଣ ଫେରସ୍ତ ରାଶି ଗ୍ରହଣ କରୁଥିଲେ। ହେଲେ ସେହି ନେଣଦେଣକୁ ସମବାୟ ସମିତିର ମୂଳ ହିସାବ ଖାତା (ଡେ ବୁକ୍)ରେ ସେ ଉଲ୍ଲେଖ କରୁ ନ ଥିଲେ। ଏପରିକି ଏଥିପାଇଁ ଚାଷୀମାନଙ୍କୁ ଋଣ ଫେରସ୍ତର ରସିଦ୍ ମଧ୍ୟ ଦେଉଥିଲେ। ହେଲେ ଚାଷୀଙ୍କ ଉକ୍ତ ଟଙ୍କାକୁ ସେ ନିଜେ ଚଳୁ କରିଥିବା ଅଡିଟ୍ ବେଳେ ଜଣାପଡିଥିଲା। ଏନେଇ ଅଭିଯୋଗ ହେବା ପରେ ଭିଜିଲାନ୍ସ ଗୁପ୍ତ ଭାବରେ ତଦନ୍ତ କରୁଥିଲା। ଠକେଇ ନେଇ ପ୍ରମାଣ ପାଇବା ପରେ ଭିଜିଲାନ୍ସ ଗୁରୁବାର ମାମଲା ରୁଜୁ କରିଥିଲା। ତେବେ ସୁରେଶଙ୍କ ଏଭଳି କାରନାମା ସମବାୟ ସମିତିର ଆର୍ଥିକ ସ୍ଥିତି ଓ ସ୍ଥାନୀୟ ଚାଷୀ ସମ୍ପ୍ରଦାୟକୁ ଗଭୀର ଭାବେ ପ୍ରଭାବିତ କରିଛି ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

# ନାବାଳିକା ବଳାତ୍କାରୀଙ୍କୁ ୨୦ ବର୍ଷ ଜେଲ

ବ୍ରହ୍ମପୁର,୨୧।୧୧
(ସୁବାସ ଚନ୍ଦ୍ର ପାଢ଼ୀ)

ସ୍ୱତନ୍ତ୍ର ପୋକ୍ସୋ ଜଜ୍ ପ୍ରଣତି ପଟ୍ଟନାୟକ ଶୁକ୍ରବାର ଏକ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ କରିଛନ୍ତି। ସାକ୍ଷ୍ୟ ପ୍ରମାଣ ଆଧାରରେ ସେ ଆସିକା ଥାନା ଅଞ୍ଚଳର କ୍ରିଷ୍ଣା ନାଇକ (୨୭)ଙ୍କୁ ଦୋଷୀ ସାବ୍ୟସ୍ତକରି ୨୦ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟେ ୧୧ ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ପାଇଁ ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ପୀଡ଼ିତାଙ୍କୁ ୧୦ ଲକ୍ଷ ୫୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବାକୁ ଜିଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ଜଜ୍ ନିର୍ଦ୍ଦେଶ ଦେଇଛନ୍ତି।

୨୦୨୩ ମେ ୨୬ରେ ଗାଁରେ ଏକ ବିବାହ ଭୋଜି ଚାଲିଥିଲା। ୧୩ ବର୍ଷୀୟା ନାବାଳିକାଙ୍କ ମା' ବାପା ସେଠାକୁ ଯାଇଥିବା ବେଳେ ସେ ଘରେ ଏକାକୀ ଥିଲେ। ଏହାର ସୁଯୋଗ ନେଇ ଅଭିଯୁକ୍ତ କ୍ରିଷ୍ଣା ନାବାଳିକାଙ୍କ ଘରେ ପଶି ଭୟଭୀତ କରି ବାରମ୍ବାର ବଳାତ୍କାର କରିଥିଲେ। ଏ ବିଷୟରେ କାହାରିକୁ ଜଣାଇଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ରାତି ଭୋଜି ଖାଇସାରି ପରିବାର ଲୋକ ଘରକୁ ଫେରିବାରେ ଝିଅ କାନ୍ଦୁଥିବା ଦେଖିଥିଲେ। ଏହାପରେ ଝିଅ ଅଚେତ ହୋଇଯିବାରୁ ତାଙ୍କୁ ଆସିକା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସୁସ୍ଥ ହୋଇ ଘରକୁ ଫେରିବା ପରେ ତାଙ୍କ ବୟାନ ଅନୁଯାୟୀ ମା' ଘଟଣା ସମ୍ପର୍କରେ ଆସିକା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୩୧୪/୨୩ରେ ମାମଲା ରୁଜୁକରି ଘଟଣା ପରଠୁ ଫେରାର ଥିବା ଅଭିଯୁକ୍ତ କ୍ରିଷ୍ଣାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ମାମଲାର ବିଚାର ବେଳେ ୧୪ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସାକ୍ଷୀଙ୍କ ବୟାନ ଓ ଚାର୍ଜସିଟ ଆଧାରରେ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ମକଦ୍ଦମା ପରିଚାଳନା କରିଥିଲେ।

# ୨୦ ଦାଦନ ଶ୍ରମିକ ଉଦ୍ଧାର

## ସର୍ଦ୍ଦାର କୋର୍ଟ ଚାଲାଣ



ପୋଲିସ ଦ୍ୱାରା ଉଦ୍ଧାର ହୋଇଥିବା ଦାଦନ ଶ୍ରମିକମାନେ।

ବେଲପଡ଼ା, ୨୧।୧୧ (ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡ଼ା ପୋଲିସ ୨୦ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି। ଏହି ବେଆଇନ ଦାଦନ ଶ୍ରମିକଙ୍କୁ ଚାଲାଣରେ ସମ୍ପୃକ୍ତ ଥିବା ଭରୁଆପାଲି ଗ୍ରାମର ଦାଦନ ସର୍ଦ୍ଦାର ଦିଲ୍ଲୀପ କେତକୀଙ୍କୁ ଗିରଫ କରାଯାଇ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ଗୁରୁବାର ରାତିରେ ପାଟ୍ରୋଲିଂ କରୁଥିବା ସମୟରେ ପୋଲିସ ଟିମ୍ ଭୁଟୁଙ୍ଗପଡା ଛକଠାରୁ ବେଆଇନ ଶ୍ରମିକ ଚାଲାଣ ଖବରପାଇ ୪ ଶିଶୁଙ୍କ ସମେତ ୨୦ ଶ୍ରମିକଙ୍କୁ ଉଦ୍ଧାର କରିଥିଲା। ଉଦ୍ଧାର ଦାଦନ ଶ୍ରମିକମାନେ ହେଲେ ସୁବର୍ଣ୍ଣପୁର ଜିଲା ତରଭା ସିଙ୍ଗବାହାଲି ଗାଁର ମଣ୍ଟୁ କୁମୁରିଆ, ମିଲୁ ତମଲିଆ, ବଲାଙ୍ଗୀର ତୁଷୁରା ଥାନା ଜାମୁଟ ଗାଁର ଲକ୍ଷଣ ଚିନ୍ଦା, ସନ୍ତୋଷିନୀ ଚିନ୍ଦା, ନୀଳାଞ୍ଚଳ ତାମଲିଆ, ବନବାସ ତାମଲିଆ, କଳ୍ପନା ତାମଲିଆ, ଫକୀର ବାରିକ, ମମତା ବାରିକ ଓ ଗୁଡଭେଲା ଅଞ୍ଚଳର ଡୋଲା କୁମୁରିଆ, ପ୍ରସନ୍ନ କୁମୁରିଆ, ନୀଳ କୁମୁରିଆ, ଲକ୍ଷ୍ମୀ ସମରଥ, ବନତା ତମଲିଆ, ହେମ ଚିନ୍ଦା, ଟିକେମଣି କୁମୁରିଆ। ଏମାନଙ୍କୁ ସମ୍ପୃକ୍ତ ସର୍ଦ୍ଦାର ଦିଲ୍ଲୀପ ତେଲଙ୍ଗାନା ରାଜ୍ୟର ସିକନ୍ଦରାବାଦକୁ କଣ୍ଟାବାଞ୍ଜିରୁ ଟ୍ରେନ୍ ଯୋଗେ ଚାଲାଣ କରିବାର ଥିଲା। ପୋଲିସକୁ ଦାନନ ସମ୍ପର୍କିତ କୌଣସି କାଗଜପତ୍ର ଦେଖାଇ ନ ପାରିବାରୁ ସର୍ଦ୍ଦାର ଓ ଦାଦନ ଶ୍ରମିକଙ୍କୁ ଥାନାକୁ ଆଣିଥିଲେ। ଥାନାରେ ଏକ ମାମଲା (ନଂ. ୩୪୨/୨୦୨୫) ରୁଜୁ କରାଯାଇଛି। ଶ୍ରମିକମାନଙ୍କୁ ନିଜ ଗାଁକୁ ପଠାଇ ଦିଆଯାଇଥିବା ପୋଲିସ ସୂଚନା ଦେଇଛି।

# ମା'ଙ୍କ ବେକ କାଟି ହତ୍ୟା

ସୁନାବେଡ଼ା/ସେମିଳିଗୁଡ଼ା,୨୧।୧୧
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

କୋରାପୁଟ ଜିଲା ସେମିଳିଗୁଡ଼ା ଥାନା ଅଧୀନ ଉପରସାହିରେ ଜଣେ ମହିଳାଙ୍କ ବେକ କାଟି ତାଙ୍କ ପୁଅ ହତ୍ୟା କରିଥିବା ନେଇ ଅଭିଯୋଗ ହୋଇଛି। ମୃତ ମହିଳା ହେଲେ ଭାନୁ ଖରା। ପୋଲିସ ମୃତକଙ୍କ ପୁଅ ବଳରାମ ଖରାଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ପୋଲିସ ସୂଚନା ମୁତାବକ ଗୁରୁବାର ବିଳମ୍ବିତ ରାତିରେ ଭାନୁ ଓ ବଳରାମଙ୍କ ମଧ୍ୟରେ କୌଣସି କାରଣରୁ କଥା କଟାକଟି ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ବଳରାମ ଏକ ଧାରୁଆ ଅସ୍ତ୍ରରେ ଭାନୁଙ୍କ ବେକ କାଟି ଦେଇଥିଲେ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିବା ନେଇ ଭାନୁଙ୍କ ଭଣଜା ରାମଚନ୍ଦ୍ର ଖରା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ସେମିଳିଗୁଡ଼ା ଥାନାଧିକାରୀ ଅନିତା କୁଜୁର ପୋଲିସ ଓ କୋରାପୁଟ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଏନେଇ ପୋଲିସ କେସ୍ ନଂ. ୧୪୭/୨୫ରେ ଏକ ହତ୍ୟା ମାମଲା ରୁଜୁ କରିଛି। ଭାନୁଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ପଠାଯାଇଛି।

# ଏସ୍ଏସ୍ବି ଯବାନ ଗିରଫ

## ଅବସରପ୍ରାପ୍ତ ପୋଲିସ କର୍ମଚାରୀଙ୍କୁ ୨୦ଲକ୍ଷ ଠକେଇ

- ପୂର୍ବ ସରକାରରେ 'ସିଏମ୍ଓ'ରେ ଡ୍ୟୁଟି କରୁଥିଲେ
- ଠକେଇ ଜାଲରେ ଫସିଛନ୍ତି ଅନେକେ, ବଢ଼ିପାରେ ଅଭିଯୋଗ

ଭୁବନେଶ୍ୱର,୨୧।୧୧
(ସତ୍ୟଜିତ ରାଉତ)



ଗିରଫ ଏସ୍ଏସ୍ବି ଯବାନ ସଚିତ୍ର ସେନାପତି

ଜଣେ ଅବସରପ୍ରାପ୍ତ ପୋଲିସ କର୍ମଚାରୀଙ୍କୁ ଜମି ଦେବା ଆଳରେ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ଘଟଣାରେ ଶହୀଦନଗର ଥାନା ପୋଲିସ ଶୁକ୍ରବାର କମିଶନରେଟ୍ ପୋଲିସର ସ୍ପେଶାଲ ସିକ୍ୟୁରିଟି ବାଟାଲିୟନ୍ (ଏସ୍ଏସ୍ବି)ର ଜଣେ ଯବାନଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ କଟକ ୪୨ ମୌଜା ଅଞ୍ଚଳ ବେଣ୍ଟକାର ଥାନା ଅଧୀନ ଧୂଳେଶ୍ୱର ଗ୍ରାମର ସଚିତ୍ର ସେନାପତି ଓରଫ ମିଟୁ (୪୨)। ତାଙ୍କଠାରୁ ଠକେଇ ସମ୍ବନ୍ଧୀୟ ଦସ୍ତାବିଜ୍ ଜବତ ହୋଇଛି। କୋର୍ଟଚାଲାଣ ପରେ ସଚିତ୍ରଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ସଚିତ୍ର ଏଭଳି ଅନେକ ଲୋକଙ୍କୁ ଠକେଇ କରିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଆଗକୁ ସଚିତ୍ରଙ୍କ ବିରୋଧରେ ଅଭିଯୋଗ ସଂଖ୍ୟା ବଢ଼ିପାରେ ବୋଲି ପୋଲିସ ଆଶଙ୍କା କରୁଛି। ପୋଲିସ ସୂଚନା ଅନୁଯାୟୀ, ଅଭିଯୋଗକାରୀ ଅବସରପ୍ରାପ୍ତ ପୋଲିସ କର୍ମଚାରୀ ସୁରଥ ଚନ୍ଦ୍ର ବାହୁବଳେନ୍ଦ୍ରଙ୍କୁ ସଚିତ୍ର ଠକେଇ ଜାଲରେ ଫସାଇଥିଲେ। ସଚିତ୍ର ପୂର୍ବ ସରକାରରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ (ସିଏମ୍ଓ)ରେ ଡ୍ୟୁଟି କରୁଥିଲେ। ୨୦୨୨ ନଭେମ୍ବରରେ ସୁରଥଙ୍କୁ ସଚିତ୍ର ତ୍ରିଶୂଳିଆ ଅଞ୍ଚଳରେ ପ୍ଲଟ୍ କିଣାଇ ଦେବେ ବୋଲି କହି ମିଛ ପ୍ରତିଶ୍ରୁତି ଦେଇ ୨୦ ଲକ୍ଷ ଟଙ୍କା ନେଇଥିଲେ। ସୁରଥ ତାଙ୍କ ସଞ୍ଚୟ ଏବଂ ବ୍ୟକ୍ତିଗତ ଋଣରୁ ଟଙ୍କା ବ୍ୟବସ୍ଥା କରି ଦୁଇଟି କିସ୍ତିରେ ସୁଚିତ୍ରଙ୍କୁ ନଗଦ ଆକାରରେ ଟଙ୍କା ଦେଇଥିଲେ। ତେବେ ଟଙ୍କା ପାଇବା ପରେ ସୁଚିତ୍ର ଧରାଛୁଆଁ ଦେଉ ନ ଥିଲେ। ଏନେଇ ଠକେଇର ଶିକାର ହୋଇଥିବା ଜାଣି ସୁରଥ ବେଣ୍ଟକାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ହସ୍ତକ୍ଷେପ ପରେ ସଚିତ୍ର ଟଙ୍କା ଫେରାଇବେ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ଏପରିକି ଏନେଇ ବେଣ୍ଟକାର ଥାନାରେ ୩ଟି ଷ୍ଟେଶନ ଡାଏରୀ ମଧ୍ୟ ଏଣ୍ଟ୍ରି କରାଯାଇଥିଲା। ଟଙ୍କା ଫେରସ୍ତ କରିବା ପାଇଁ ସଚିତ୍ର ୧୦ ଲକ୍ଷ ଟଙ୍କାର ଦୁଇଟି ଏସ୍ବିଆଇ ଚେକ୍ ଦେଇଥିଲେ। ହେଲେ ହେଲେ ଉକ୍ତ ଆକାଉଣ୍ଟଗୁଡିକରେ ପର୍ଯ୍ୟାପ୍ତ ଟଙ୍କା ନ ଥିବା ଜଣାପଡିଥିଲା। ପରବର୍ତ୍ତୀ ସମୟରେ ଏନେଇ ସୁରଥ ଶହୀଦନଗର ଥାନାରେ ଏତଲା ଦେଇଥିଲେ। ଶହୀଦନଗର ପୋଲିସ ନଭେମ୍ବର ୧୧ରେ ମାମଲା (ନଂ.୫୩୯/୨୦୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତେବେ ସଚିତ୍ର ସିଏମ୍ଓ ଅଫିସରେ ଡ୍ୟୁଟି କରୁଥିବାରୁ ଲୋକମାନେ ଭୟରେ ତାଙ୍କ ବିରୋଧରେ ଅଭିଯୋଗ କରୁ ନ ଥିଲେ ବୋଲି ଜଣାପଡିଛି। ସଚିତ୍ର ୨ ବର୍ଷ ଧରି ଡ୍ୟୁଟି ଯାଉ ନ ଥିଲେ। ତେଣୁ ତାଙ୍କୁ କିଛିମାସ ତଳେ ପୋଲିସ ବିଭାଗ ପକ୍ଷରୁ ନିଲମ୍ବନ କରାଯାଇଛି। ସଚିତ୍ରଙ୍କ ଠକେଇ ଇତିହାସ ସମ୍ପର୍କରେ ଅଧିକ ଯାଞ୍ଚ ଚାଲିଥିବା ଜୋନ୍-୫ ଏସିପି ବିଶ୍ୱରଞ୍ଜନ ସେନାପତି କହିଛନ୍ତି।

# Business

# ଜୟଆଲୁକ୍କାସ୍ର 'ବ୍ରିଲିଆନ୍ସ ଡାଏମଣ୍ଡ ଜୁଏଲେରି ଶୋ'




ଭୁବନେଶ୍ୱର,୨୧।୧୧(ଅନୁରାଧା ମହାରଣା)

ବିଶ୍ୱସ୍ତରୀୟ ଜୁଏଲେରି ବ୍ରାଣ୍ଡ ଜୟଆଲୁକ୍କାସ୍ ପକ୍ଷରୁ ଭୁବନେଶ୍ୱର ଜନପଥସ୍ଥିତ ଆଇକନିକ୍ ଶୋ'ରୁମ୍‌ରେ 'ବ୍ରିଲିଆନ୍ସ ଡାଏମଣ୍ଡ ଜୁଏଲେରି ଶୋ'ର ଶୁକ୍ରବାର ଆରମ୍ଭ କରାଯାଇଛି। ଇଣ୍ଡଲଜର ପ୍ରତିଷ୍ଠାତା ସୁକୃତି ପଟ୍ଟନାୟକ, ଅଭିନେତ୍ରୀ ଦେବଯାନୀ ଦେଘୁରିଆ, କୁକିଜ୍ ସ୍ୱାଇଁ, ଜୟଆଲୁକ୍କାସ୍ର ରିଟେଲ୍ ହେଡ୍ ରାଜେଶ କ୍ରିଷ୍ଣନନ୍ ଓ ମାର୍କେଟିଂ ହେଡ୍ ଅନିଶ୍ ଭାର୍ଗିସ୍ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଏହି ବହୁ ପ୍ରତୀକ୍ଷିତ ପ୍ରଦର୍ଶନୀ ଅଳଙ୍କାରର କାରୁକାର୍ଯ୍ୟ, ସୌନ୍ଦର୍ଯ୍ୟ ଓ ନବୀନତାର ଏକ ଅବିସ୍ମରଣୀୟ ଉତ୍ସବ ହେବ ବୋଲି ଷ୍ଟୋର ପକ୍ଷରୁ କୁହାଯାଇଛି। ଏହି ପ୍ରଦର୍ଶନୀରେ ବିବାହ ପାଇଁ ଭାରି ସେଟ୍‌ରୁ ଆରମ୍ଭକରି ନିତିଦିନିଆ ବ୍ୟବହାରଯୋଗ୍ୟ ଅଳଙ୍କାର ଉପଲବ୍ଧ ରହିଛି। ପ୍ରତ୍ୟେକ ଡିଜାଇନ ପାରମ୍ପରିକ ଐତିହ୍ୟକୁ ଆଧୁନିକ ସ୍ପର୍ଶ ଦେଇ ତିଆରି ହୋଇଛି । ଏହି ସମସ୍ତ ମାଷ୍ଟରପିସ୍ ଡିଜାଇନଗୁଡ଼ିକ କେବଳ ପ୍ରଦର୍ଶନୀ ସମୟରେ ହିଁ ଉପଲବ୍ଧ ରହିବ। ଜୟଆଲୁକ୍କାସ୍ ଗ୍ରୁପ୍‌ର ଅଧ୍ୟକ୍ଷ ଡା. ଜୟ ଆଲୁକ୍କାସ୍ କହିଛନ୍ତି, ବ୍ରିଲିଆନ୍ସ ଡାଏମଣ୍ଡ ଭୁବନେଶ୍ୱର ଆମର ଯାତ୍ରାରେ ବିଶେଷ ସ୍ଥାନ ବହନ କରିଛି। ଉତ୍ସବ ଋତୁରେ ଆୟୋଜିତ ଏହି ପ୍ରଦର୍ଶନୀରେ ଗ୍ରାହକମାନଙ୍କୁ ସୌନ୍ଦର୍ଯ୍ୟ, ବ୍ୟକ୍ତିତ୍ୱ ଓ ଉତ୍କୃଷ୍ଟ କାରୁକାର୍ଯ୍ୟର ଅନନ୍ୟ ଡିଜାଇନ ଦେଖିବାକୁ ମିଳିବ । ଏହି ଅବସରକୁ ଆହୁରି ଚମକଦାର କରିବା ପାଇଁ ପ୍ରଦର୍ଶନୀ ଅବଧିରେ ୧ ଲକ୍ଷ ଟଙ୍କା ବା ତା'ଠାରୁ ଅଧିକ ମୂଲ୍ୟର ହୀରା ଅଳଙ୍କାର କିଣିଲେ ଗ୍ରାହକମାନଙ୍କୁ ମାଗଣାରେ ଏକ ସୁନା କଏନ ଉପହାର ମିଳିବ। ବ୍ରିଲିଆନ୍ସ ଡାଏମଣ୍ଡ ଜୁଏଲେରି ଶୋ' କେବଳ ଭୁବନେଶ୍ୱରର ଜୟଆଲୁକ୍କାସ୍ ଶୋ'ରୁମ୍‌ରେ ଡିସେମ୍ବର ୭ ପର୍ଯ୍ୟନ୍ତ ଚାଲିବ ।

# ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ମେଗା ଏମ୍ଏସ୍ଏମ୍ଇ କାର୍ଯ୍ୟକ୍ରମ

ସମ୍ବଲପୁର,୨୧।୧୧(ବି.ଶଙ୍କର)

ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ସମ୍ବଲପୁର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ମେଗା ଏମ୍ଏସ୍ଏମ୍ଇ ଋଣ ଆଉଟ ରିଚ୍ କାର୍ଯ୍ୟକ୍ରମ ସୁନ୍ଦରଗଡଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଞ୍ଚଳର ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡିକୁ ଆର୍ଥିକ ସହାୟତା ପ୍ରଦାନ କରିବା ଉକ୍ତ କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଥିଲା । ବ୍ୟାଙ୍କର ସମ୍ବଲପୁର ଅଞ୍ଚଳ ଆଞ୍ଚଳିକ ମୁଖ୍ୟ ଦିବ୍ୟେନ୍ଦୁ କୁମାର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସ୍ଥାନୀୟ ଉଦ୍ୟୋଗଗୁଡିକର ଅଭିବୃଦ୍ଧି ପାଇଁ ଋଣ ପ୍ରବାହ ଉପରେ ଗୁରୁତ୍ୱାରୋପ କରି ବ୍ୟାଙ୍କର ବିଭିନ୍ନ ଏମ୍ଏସ୍ଏମ୍ଇ ଯୋଜନା ଉପରେ ମୁଖ୍ୟ ଅତିଥି ଆଲୋକପାତ କରିଥିଲେ। ସମ୍ବଲପୁର କ୍ଷେତ୍ରୀୟ କାର୍ଯ୍ୟାଳୟ ମୁଖ୍ୟ ପ୍ରବନ୍ଧକ ସବ୍ୟସାଚୀ ମିଶ୍ର ଅଂଶଗ୍ରହଣ କରିଥିବା ଉଦ୍ୟୋଗୀମାନଙ୍କ ସହ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାୟ ୧୫୦ଜଣ ହିତାଧିକାରୀ ଅଂଶଗ୍ରହଣ କରିଥିଲେ ।

# ଓଡ଼ିଶାରେ ଗ୍ୟାଲାକ୍ସି ହେଲ୍‌ଥ ଇନ୍‌ସ୍ୟୁରାନ୍ସର ଆଞ୍ଚଳିକ କାର୍ଯ୍ୟାଳୟ

ଭୁବନେଶ୍ୱର,୨୧।୧୧(ଅନୁରାଧା ମହାରଣା)




ହେଲ୍‌ଥ ଇନ୍‌ସ୍ୟୁରାନ୍ସ କମ୍ପାନୀ ଗ୍ୟାଲାକ୍ସି ହେଲ୍‌ଥ ଇନ୍‌ସ୍ୟୁରାନ୍ସ ଓଡ଼ିଶା ଆଞ୍ଚଳିକ କାର୍ଯ୍ୟାଳୟର ଶୁଭାରମ୍ଭ କରିଛି। ଏହି କାର୍ଯ୍ୟକ୍ରମରେ ଆପୋଲୋ ହସ୍ପିଟାଲର ଚିଫ୍ ଅପରେଟିଂ ଅଫିସର୍ ତଥା ଡିଏମ୍ଏସ୍ ଡା. ଆଲୋକ ଶ୍ରୀବାସ୍ତବ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ପୂର୍ବ ଭାରତରେ ନିଜ ଉପସ୍ଥିତିକୁ ସୁଦୃଢ଼ କରିବା ଏବଂ ସମସ୍ତଙ୍କ ପାଇଁ ସୁଲଭ ଏବଂ ସମାବେଶୀ ସ୍ୱାସ୍ଥ୍ୟ ବୀମା ସମାଧାନ କମ୍ପାନୀର ଉଦ୍ଦେଶ୍ୟ ଥିବା ଗ୍ୟାଲାକ୍ସି ହେଲ୍‌ଥ ଇନ୍‌ସ୍ୟୁରାନ୍ସର ଏମ୍‌ଡି ତଥା ସିଇଓ ଜି. ଶ୍ରୀନିବାସନ କହିଛନ୍ତି। ଚିଫ୍ ମାର୍କେଟିଂ ଅଫିସର ଏସ୍ ଗୁରୁ ପ୍ରକାଶ କହିଛନ୍ତି, ବଢ଼ୁଥିବା ସ୍ୱାସ୍ଥ୍ୟ ଚିକିତ୍ସାର ଆବଶ୍ୟକତା ଏବଂ ବୀମା ଧାରକ ମଧ୍ୟରେ ଥିବା ବ୍ୟାପକ ଅନ୍ତର ଏହା ସୂଚାଇଥାଏ ଯେ ରାଜ୍ୟରେ ଅଧିକ ସମାବେଶୀ ଏବଂ ସୁଲଭ କଭରେଜ୍ ନିହାତି ଆବଶ୍ୟକ। ଗ୍ୟାଲାକ୍ସି ହେଲ୍‌ଥ ଇନ୍‌ସ୍ୟୁରାନ୍ସ ଅନୌପଚାରିକ କ୍ଷେତ୍ରର କର୍ମୀ, ନିମ୍ନମଧ୍ୟବିତ୍ତ ବର୍ଗର ପରିବାର ଏବଂ ଗ୍ରାମାଞ୍ଚଳର ଲୋକଙ୍କ ପାଇଁ ଗୁଣାତ୍ମକ ସ୍ୱାସ୍ଥ୍ୟ ସୁରକ୍ଷା ସୁଲଭ କରାଇବାକୁ ଉଦ୍ୟମ କରୁଛି। ପୂର୍ବ ଭାରତର ବିକାଶର ଅଂଶ ଭାବେ ଗ୍ୟାଲାକ୍ସି ବିତ୍ତୀୟ ବର୍ଷ ୨୬ ମଧ୍ୟରେ ଓଡ଼ିଶାରେ ୧୦୦୦ରୁ ଅଧିକ ଏଜେଣ୍ଟ ଯୋଡ଼ିବାର ଯୋଜନା ରଖିଥିବା ଚିଫ୍ ଅଣ୍ଡର ରାଇଟିଂ ଅଫିସର୍ ଆର୍. ମାର୍ଗବନ୍ଧୁ କହିଛନ୍ତି। ଉପେକ୍ଷିତ ଅଞ୍ଚଳରେ ବୀମା ସଚେତନତା ଏବଂ ପ୍ରାପ୍ତି ବଢ଼ାଇବା ପାଇଁ ବିତରଣ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ଡିଜିଟାଲ ପ୍ଲାଟ୍‌ଫର୍ମକୁ ବ୍ୟବହାର କରିବାରେ କମ୍ପାନୀ ଗୁରୁତ୍ୱ ଦେବ ବୋଲି ଷ୍ଟେଟ୍ ହେଡ୍ ପିସି ତ୍ରିପାଠୀ କହିଛନ୍ତି। ସେ କହିଛନ୍ତି, ଓଡ଼ିଶା ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ ବିକଶିତ ମାର୍କେଟ, ଯେଉଁଠାରେ ବିଶ୍ୱସନୀୟ ସ୍ୱାସ୍ଥ୍ୟ ବୀମା ପ୍ରତି ଚାହିଦା ଦିନକୁ ଦିନ ବଢ଼ୁଛି। ଭୁବନେଶ୍ୱରରେ ଆମର ଉପସ୍ଥିତି ସହ ଆମେ ସ୍ୱାସ୍ଥ୍ୟ ସୁରକ୍ଷାକୁ ସହଜ, ସୁଲଭ ଏବଂ ସମାବେଶୀ କରିବାକୁ ଲକ୍ଷ୍ୟ ରଖିଛୁ। ସୂଚନାଥାଉକି, ଗ୍ୟାଲାକ୍ସି ହେଲ୍‌ଥ ଇନ୍‌ସ୍ୟୁରାନ୍ସ ଆଇଆର୍‌ଡିଏଆଇଠାରୁ ୨୦୨୪ ମାର୍ଚ୍ଚରେ ଲାଇସେନ୍ସ ପାଇଥିଲା। ପ୍ରଥମ ବର୍ଷରେ କମ୍ପାନୀ ୧୪,୦୦୦ ରୁ ଅଧିକ ଏଜେଣ୍ଟ ବିକଶିତ କରିଛି ଏବଂ ସମଗ୍ର ଭାରତରେ ୨.୫ ଲକ୍ଷଠାରୁ ଅଧିକ ଲୋକଙ୍କୁ ବୀମା ସୁରକ୍ଷା ଦେଇଛି।

# ଆମଷ୍ଟ୍ରାଡ୍‌ର ନୂତନ ଉନ୍ମୋଚିତ




ଭୁବନେଶ୍ୱର,୨୧।୧୧(ଅନୁରାଧା ମହାରଣା)

ଆମଷ୍ଟ୍ରାଡ୍ କଞ୍ଜ୍ୟୁମର ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଏହାର ବ୍ୟାପକ ରେଞ୍ଜର ଉତ୍ପାଦର ଉନ୍ମୋଚନ କରାଯାଇଛି। ଶୁକ୍ରବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ଉନ୍ମୋଚନ କାର୍ଯ୍ୟକ୍ରମରେ କମ୍ପାନୀର ମୁଖ୍ୟ ପରାମର୍ଶଦାତା ନିପୁଣ ସିଂଘଲ ଯୋଗଦେଇ ଉତ୍ପାଦଗୁଡ଼ିକ ସମ୍ପର୍କରେ ବିସ୍ତୃତ ସୂଚନା ଦେବାସହ ଓଡ଼ିଶାର ବ୍ୟବସାୟ ବିସ୍ତାର ନେଇ ରହିଥିବା ଯୋଜନା ସମ୍ପର୍କରେ କହିଥିଲେ। କମ୍ପାନୀ ସୁଲଭ ମୂଲ୍ୟରେ ଲଗ୍‌ଜରୀ ଉତ୍ପାଦ ଗ୍ରାହକଙ୍କ ନିକଟରେ ପହଞ୍ଚାଇବା ହିଁ କମ୍ପାନୀର ବିଶେଷତ୍ୱ ବୋଲି କହିଥିଲେ। ବର୍ତ୍ତମାନ ରାଜ୍ୟର ୩୦ ଜିଲାରେ ଶତାଧିକ ଡିଲର ରହିଥିବାବେଳେ ଆଗକୁ ଡିଲରସିପ୍ ବୃଦ୍ଧି କରାଯିବ ବୋଲି ସେ କହିଥିଲେ। ୬ବର୍ଷର ଯାତ୍ରା ମଧ୍ୟରେ ଓଡ଼ିଶାରେ ଆମଷ୍ଟ୍ରାଡ ଲୋକପ୍ରିୟତା ହାସଲ କରିଥିବା ଆମଷ୍ଟ୍ରାଡ୍ (ଅପରରେଶନ) ମୁଖ୍ୟ ଧୀରଜ ସାରସ୍ୱତ କହିଛନ୍ତି। ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ସୁପର ହେଭି ଡ୍ୟୁଟି ଏୟାର କଣ୍ଡିଶନର, ଟେଲିଭିଜନ ଲାଇନ୍‌ଅପ୍ ମିନି କ୍ୟୁଏଲଇଡ୍, ଗେମିଂ ଟିଭି, କ୍ୟୁଏଲଇଡି ଶୁଭାରମ୍ଭ କରାଯାଇଛି। କାର୍ଯ୍ୟକ୍ରମରେ ଓଡ଼ିଶାରୁ ଗୌତମ ନାୟକ, ବିଭୂତି ବେଜ୍ ଏବଂ ଅରବିନ୍ଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଛାତ୍ରୀଛାତ୍ରଙ୍କୁ ପ୍ରେରଣା ଦେଉଛି ଏଏମ୍ଏନ୍ଏସ୍ ଇଣ୍ଡିଆ

ଭୁବନେଶ୍ୱର,୨୧।୧୧(ଅନୁରାଧା ମହାରଣା)

ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ ଇଣ୍ଡିଆ (ଏଏମ୍ଏନ୍ଏସ୍ ଇଣ୍ଡିଆ) କମ୍ପାନୀ କର୍ମଚାରୀମାନଙ୍କ ଦ୍ୱାରା ଏକ ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୦୦୦ରୁ ଅଧିକ ପିଲା ସାମିଲ ହୋଇ ଶିକ୍ଷଣ, ସୃଜନଶୀଳତା ଓ ସାଂସ୍କୃତିକ ବାର୍ତ୍ତା ଆଦାନ ପ୍ରଦାନ କରିଛନ୍ତି। ପାରାଦୀପରେ ନିମିଧିସ୍ଥିତ ଶ୍ରୀ ଲୋକନାଥ ଶିକ୍ଷାଶ୍ରମରେ ୫୪ ଜଣ ପିଲା ଓ କର୍ମଚାରୀଙ୍କ ସହ କେକ୍ କାଟି ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଏହାପରେ ପିଲା ଓ କର୍ମଚାରୀମାନେ ମିଶି ନୋଟବୁକ୍ ତିଆରି କାର୍ଯ୍ୟକ୍ରମରେ ଭାଗ ନେଇ ସୃଜନଶୀଳତା ଓ ଟିମ୍‌ୱର୍କର ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏଏମ୍ଏନ୍ଏସ୍ ଇଣ୍ଡିଆର ପାରାଦୀପ ପେଲେଟ ପ୍ଲାଣ୍ଟ ମୁଖ୍ୟ ଚନ୍ଦ୍ର ହରିପ୍ରସାଦ, ଓଡ଼ିଶା ଫାଇନାନ୍ସ ଓ ଆକାଉଣ୍ଟସ ମୁଖ୍ୟ ସଞ୍ଜୀବ ସିଂହ, ଏଏମ୍ଏନ୍ଏସ୍ ପୋର୍ଟସ ଫାଇନାନ୍ସ ମୁଖ୍ୟ ପ୍ରଶାନ୍ତ ବେହେରା ଏବଂ ଶ୍ରୀ ଲୋକନାଥ ଶିକ୍ଷାଶ୍ରମର ସଚିବ ପ୍ରଦୀପ୍ତ କୁମାର ଭୂୟାଁ ଉପସ୍ଥିତ ଥିଲେ। ଠାକୁରାଣୀ ଖଣିରେ ଛାତ୍ରୀଛାତ୍ରଙ୍କ ପାଇଁ ବିଜ୍ଞାନ ମଡେଲ କାର୍ଯ୍ୟକ୍ରମ କରାଯାଇଥିଲା। ମ୍ୟାଗ୍ନେଟିକ ଲେଭିଟେସନ, ପବନଚକି, ନିୟୁଟନଙ୍କ ରଙ୍ଗ ଡିସ୍କ, ଇଲେକ୍ଟ୍ରୋମ୍ୟାଗ୍ନେଟ ଆଦି ୮୨ଟି ବ୍ୟବହାରିକ ମଡେଲ ତିଆରି କରାଯାଇ ନିକଟସ୍ଥ ବିଦ୍ୟାଳୟମାନଙ୍କୁ ବଣ୍ଟନ କରାଯାଇଛି। ଏହା ଦ୍ୱାରା ପିଲାମାନେ ବିଜ୍ଞାନକୁ ବ୍ୟବହାରିକ ଭାବେ ବୁଝି ସମସ୍ୟା ସମାଧାନ ଓ ସମାଲୋଚନା କ୍ଷମତା ବଢ଼ାଇପାରିବେ। ଠାକୁରାଣୀ ଖଣି ମ୍ୟାନେଜର ଇନ୍ଦ୍ରକାନ୍ତ ସାହୁ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହା ବ୍ୟତୀତ ପାରାଦୀପ ଓ ବଡ଼ବିଲ କାର୍ଯ୍ୟାଳୟରେ ଏଚଆର୍ ଟିମ ଦ୍ୱାରା ଚିତ୍ରାଙ୍କନ, ନୃତ୍ୟ, ସଙ୍ଗୀତ ପ୍ରତିଯୋଗିତା ସହ ମଜାଦାର ଖେଳର ଆୟୋଜନ କରାଯାଇଥିଲା।




# ଟିଏସ୍‌ଡିପିଏଲ୍ କଳିଙ୍ଗନଗରକୁ ସୁରକ୍ଷା ଉତ୍କର୍ଷ ପୁରସ୍କାର




ଭୁବନେଶ୍ୱର,୨୧।୧୧(ଅନୁରାଧା ମହାରଣା)

ଟାଟା ଷ୍ଟିଲ ଡାଉନ ଷ୍ଟ୍ରିମ ପ୍ରଡକ୍ଟସ୍ ଲିମିଟେଡ୍(ଟିଏସ୍‌ଡିପିଏଲ), କଳିଙ୍ଗନଗରକୁ ୨୦୨୪-୨୫ ବର୍ଷ ପାଇଁ କଳିଙ୍ଗ ସୁରକ୍ଷା ଉତ୍କର୍ଷ ପୁରସ୍କାରର ପ୍ଲାଟିନମ୍ ବର୍ଗରେ ପୁରସ୍କୃତ କରାଯାଇଛି। ଏହି ସମ୍ମାନ ଓଡ଼ିଶା ସରକାରଙ୍କ କାରଖାନା ଓ ବଏଲର୍ ନିର୍ଦ୍ଦେଶାଳୟ ଅଧୀନରେ ଥିବା ଇନ୍‌ଷ୍ଟିଚ୍ୟୁଟ୍ ଅଫ କ୍ୱାଲିଟି ଆଣ୍ଡ ଏନ୍‌ଭାଇରନମେଣ୍ଟ ମ୍ୟାନେଜମେଣ୍ଟ ସର୍ଭିସେସ୍ (ଆଇକ୍ୟୁଇଏମ୍ଏସ୍)ଙ୍କ ଦ୍ୱାରା ପ୍ରଦାନ କରାଯାଇଛି। ଚଳିତ ବର୍ଷ ଏଥି ନିମନ୍ତେ ଭାରତର ୧୦୦ରୁ ଅଧିକ କମ୍ପାନୀ ଅଂଶଗ୍ରହଣ କରିଥିଲେ। ଚଳିତ ମାସ ଭୁବନେଶ୍ୱରରେ ଅନୁଷ୍ଠିତ ଏକ ସମାରୋହରେ ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ଏବଂ ଯାଜପୁର ଏମ୍‌ପି ଡ. ଆର.ଏନ୍. ବେହେରା ଏହି ସମ୍ମାନ ପ୍ରଦାନ କରିଥିଲେ। ଟିଏସ୍‌ଡିପିଏଲ୍, କଳିଙ୍ଗନଗର ପ୍ଲାଣ୍ଟର ମୁଖ୍ୟ ରାଜେଶ ଚୌଧୁରୀ, ଟିନ୍ ପ୍ଲେଟ୍ ଏବଂ ମେଟାଲିକ୍ସ ବିଭାଗର ମୁଖ୍ୟ ଅଗମ କୁମାର ଏହି ପୁରସ୍କାର ଗ୍ରହଣ କରିଥିଲେ। ଏହି ଅବସରରେ ଚୌଧୁରୀ କହିଥିଲେ, ପ୍ଲାଣ୍ଟରେ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଆମେ ଡିଜିଟାଲାଇଜେଶନ୍, ଅଟୋମେଶନ୍, କ୍ୟାମେରା ମାଧ୍ୟମରେ ଉନ୍ନତ ନିରୀକ୍ଷଣ, ସୁରକ୍ଷା ବାଡ଼, ପ୍ରତିକାରମୂଳକ ରକ୍ଷଣାବେକ୍ଷଣ ପ୍ରଣାଳୀ ଏବଂ ଆଚରଣଗତ ପରିବର୍ତ୍ତନ କାର୍ଯ୍ୟକ୍ରମ କରିଥାଏ।

# ହ୍ୟୁମାନ ସାଗରଙ୍କ ମୃତ୍ୟୁ ପଛରେ ଷଡ଼ଯନ୍ତ୍ର

## କୋଶଳବାଦୀ ସଙ୍ଗଠନ ଆଣିଲା ଗୁରୁତର ଅଭିଯୋଗ

■ ୨ ମ୍ୟାନେଜରଙ୍କ ବିରୋଧରେ ତଦନ୍ତ ଦାବି

■ ହ୍ୟୁମାନ ମା'ଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନର ପ୍ରତିବାଦ କଲେ

ବଲାଙ୍ଗୀର,୨୧।୧୧
(ବୀରେନ୍ଦ୍ର କୁମାର ଝାଙ୍କର)



ହ୍ୟୁମାନ ସାଗରଙ୍କ ମୃତ୍ୟୁର ତଦନ୍ତ ଦାବି ନେଇ କୋଶଳବାଦୀ ସଙ୍ଗଠନ ପକ୍ଷରୁ ବଲାଙ୍ଗୀର ଟାଉନ୍ ଥାନାରେ ଅଭିଯୋଗପତ୍ର ଦିଆଯାଉଛି।

କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ମୃତ୍ୟୁ ବିବାଦ ଥମିବାର ନାଁ ନେଉନାହିଁ। ଶୁକ୍ରବାର ବଲାଙ୍ଗୀର ଟାଉନ୍ ଥାନାରେ ବିଭିନ୍ନ କୋଶଳବାଦୀ ସଙ୍ଗଠନ ଗୁରୁତର ଅଭିଯୋଗ ଆଣି ହ୍ୟୁମାନ ସାଗରଙ୍କ ମୃତ୍ୟୁ ପଛରେ ବିରାଟ ଷଡ଼ଯନ୍ତ୍ର ରହିଛି ଏବଂ ଏହାର ତଦନ୍ତ ଜରୁରୀ ବୋଲି ଦାବି କରିଛନ୍ତି। ଥାନାକୁ ଯାଇ ବିଭିନ୍ନ ସଙ୍ଗଠନର ପ୍ରତିନିଧିମାନେ ହ୍ୟୁମାନ ସାଗରଙ୍କ ୨ ମ୍ୟାନେଜର ଦିନେଶ ବେହେରା ଏବଂ ପ୍ରଶାନ୍ତ ବେହେରାଙ୍କ ବିରୋଧରେ ଅଭିଯୋଗ କରିଥିଲେ। ହ୍ୟୁମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ନ ଥିବା ସମୟରେ ମଧ୍ୟ ଷ୍ଟେଜ୍ ଶୋ' କରିବାକୁ ତାଙ୍କୁ ବାଧ୍ୟ କରାଯାଉଥିଲା। ଅସୁସ୍ଥ ହ୍ୟୁମାନଙ୍କୁ ଜୋରଜବରଦସ୍ତ ଷ୍ଟେଜ୍‌କୁ ନେଇ ପ୍ରୋଗ୍ରାମକରି ତାଙ୍କ ଜୀବନକୁ ବିପଦକୁ ଠେଲିଦେଇଥିବା ସେମାନେ ଅଭିଯୋଗ କରିଛନ୍ତି। ଏପରିକି ହ୍ୟୁମାନଙ୍କ ମା'ଙ୍କୁ ମ୍ୟାନେଜର ଦିନେଶ ଯେଉଁଭଳି ଦୁର୍ବ୍ୟବହାର ପ୍ରଦର୍ଶନ କରିଛନ୍ତି, ତାକୁ ମଧ୍ୟ କଡ଼ା ଭାଷାରେ ସମାଲୋଚନାକରି ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଅସୁସ୍ଥ ହ୍ୟୁମାନଙ୍କୁ ନିଜର ଆର୍ଥିକ ଲାଭ ପାଇଁ ବ୍ୟବହାର କରାଯାଉଥିବା ଏବଂ ତାଙ୍କର ଅର୍ଥ ସଂକ୍ରାନ୍ତୀୟ ନେଣଦେଣକୁ ମଧ୍ୟ ସେହି ୨ମ୍ୟାନେଜର ପରିଚାଳନା କରୁଥିବା ଅଭିଯୋଗ ଆଣି ଏହାର ତଦନ୍ତ ଦାବି କରିଛନ୍ତି। ବିଭିନ୍ନ ସଙ୍ଗଠନର ପ୍ରତିନିଧିମାନେ ଗଣମାଧ୍ୟମରେ କହିଛନ୍ତି, ହ୍ୟୁମାନ କୋଶଳାଞ୍ଚଳର କଳାକାର ହୋଇଥିବାରୁ ଏବଂ ଖୁବ୍ କମ୍ ଦିନରେ ପ୍ରସିଦ୍ଧି ଲାଭ କରିଥିବାରୁ ତାଙ୍କ ବିରୋଧରେ ଏଭଳି ଷଡ଼ଯନ୍ତ୍ର ହୋଇଥିବା ସନ୍ଦେହ କରାଯାଉଛି। ଏହି ଷଡ଼ଯନ୍ତ୍ରରେ ଯେଉଁମାନେ ସାମିଲ ଅଛନ୍ତି, ସେମାନଙ୍କ ସବିଶେଷ ତଦନ୍ତକରି ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଶୁକ୍ରବାର କୋଶଳବାଦୀ ସଙ୍ଗଠନର ସିପୁନ୍ ଖମାରୀ, ବିନୋଦ କୁମାର କାଲସାଏ, ବିକାଶ ସା, ଗୋବିନ୍ଦ ଶତପଥୀ ଓ ଅନ୍ୟମାନେ ଟାଉନ୍ ଥାନାକୁ ଯାଇ ଆଇଆଇସି ଅବନୀ କୁମାର ସାହୁଙ୍କୁ ଅଭିଯୋଗପତ୍ର ଦେଇଥିଲେ। ଏହାର ଉଚିତ ତଦନ୍ତ କରା ନ ଗଲେ ବଡ଼ଧରଣର ଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

## ରାଜ୍ୟରେ ୧୩୦୦, ଖୋର୍ଦ୍ଧା ଜିଲାରେ ୨୮୫ ବେଆଇନ ବିଦ୍ୟାଳୟ

ଭୁବନେଶ୍ୱର,୨୧।୧୧
(ସୁଚିସ୍ମିତା ସାହୁ)

■ ଓଏଚ୍ଆର୍‌ସିରେ ମାମଲା: ତଥ୍ୟ ରଖିଲେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ

■ ଶିକ୍ଷା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିବେଦନ କଲା ଜାତୀୟ ଅଭିଭାବକ ମହାସଂଘ

ରାଜ୍ୟରେ ୧୩୦୦ରୁ ଅଧିକ ବିଦ୍ୟାଳୟ ବେଆଇନ ଭାବେ ଚାଲୁଛି। କେବଳ ଖୋର୍ଦ୍ଧା ଜିଲାରେ ସର୍ବାଧିକ ୨୮୫ ବିଦ୍ୟାଳୟ ବିନା ସ୍ୱୀକୃତିରେ ଚାଲୁଛି। ଏନେଇ ନ୍ୟାଶନାଲ ପ୍ୟାରେଣ୍ଟ ଫେଡେରେଶନ ପକ୍ଷରୁ ରାଜ୍ୟ ମାନବାଧିକାର ଆୟୋଗ(ଓଏଚ୍ଆର୍‌ସି)ଙ୍କ ନିକଟରେ ହୋଇଥିବା ମାମଲାର ଶୁଣାଣିବେଳେ ଏଭଳି ତଥ୍ୟ ରଖିଛନ୍ତି ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ। ଏହାକୁ ନେଇ ମହାସଂଘ ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି। ମହାସଂଘ ସଭାପତି ଭୁମୀହାନ ବେବର୍ତ୍ତା ପଟ୍ଟନାୟକ କହିଛନ୍ତି, ଖୋଦ୍ ଶିକ୍ଷା ବିଭାଗର ଅଧିକାରୀଙ୍କ ଭିତିରି ପ୍ରୋତ୍ସାହନରେ ଏସବୁ ବେଆଇନ ସ୍କୁଲ ଗଢ଼ି ଉଠୁଛି। ଏଥିଯୋଗୁ ରାଜ୍ୟ ସରକାର କୋଟି କୋଟି ଟଙ୍କା ରାଜସ୍ୱ ହରାଉଥିବାବେଳେ ଜିଲା ଶିକ୍ଷା ଅଧିକାରୀମାନେ ବିପୁଳ ଫାଇଦା ନେଉଛନ୍ତି। ଫଳରେ ଏସବୁ ବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧକାର ଭିତରକୁ ଠେଲି ହୋଇଯାଉଛି।

ଶିକ୍ଷା ଅଧିକାର ଆଇନ ୨୦୦୯ ଅନୁଚ୍ଛେଦ ୧୮ ଅନୁଯାୟୀ, କୌଣସି ବ୍ୟକ୍ତି ବିଶେଷ ଏବଂ ଅନୁଷ୍ଠାନ ବେସରକାରୀ ବିଦ୍ୟାଳୟ ଖୋଲିବାକୁ ହେଲେ ସରକାରଙ୍କ ତରଫରୁ ପ୍ରଥମେ ଅନୁମତି ଏବଂ ପରବର୍ତ୍ତୀ ଅବସ୍ଥାରେ ସ୍ୱୀକୃତି ନେବାକୁ ବାଧ୍ୟ। ଯଦି ଏହାକୁ ଅବମାନନା କରି କୌଣସି ବିଦ୍ୟାଳୟ ଚାଲୁଥିବା ସରକାରଙ୍କ ଦୃଷ୍ଟିଗୋଚର ହୁଏ, ତା'ହେଲେ ୧ ଲକ୍ଷ ଟଙ୍କା ଜରିମାନା ଏବଂ ପରବର୍ତ୍ତୀ ଅବସ୍ଥାରେ ଦୈନିକ ୧୦ ହଜାର ଟଙ୍କା ଲେଖାଏଁ ଜରିମାନା ଆଦାୟର ପ୍ରାବଧାନ ରହିଛି। ଏନେଇ ଜିଲା ଶିକ୍ଷାଧିକାରୀମାନେ ରୁଲ୍-୧୪ ଅନୁଯାୟୀ ସ୍ୱୀକୃତି ପ୍ରତ୍ୟାହାର ପାଇଁ ପଦକ୍ଷେପ ନେଇପାରିବେ। ହେଲେ ୨୦୧୮ରୁ ପ୍ରତ୍ୟେକ ବର୍ଷ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ତରଫରୁ ଜିଲା ଶିକ୍ଷାଧିକାରୀମାନଙ୍କୁ କାର୍ଯ୍ୟାନୁଷ୍ଠାନ ନେବାକୁ ଚିଠି କରାଯାଉଥିଲେ ହେଁ ସେମାନେ ଚୁପ୍ ବସିଛନ୍ତି। ମାନବାଧିକାର ଆୟୋଗଙ୍କ ଶୁଣାଣି ସମୟରେ ଏ ସମ୍ପର୍କିତ ସମସ୍ତ ତଥ୍ୟ କମିଶନରଙ୍କୁ ପ୍ରଦାନ କରାଯାଇଛି। ଏହି ବେଆଇନ ବିଦ୍ୟାଳୟ ଏବଂ ଏହାକୁ ପ୍ରୋତ୍ସାହନ ଦେଉଥିବା ଶିକ୍ଷା ଅଧିକାରୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ସହ ରାଜସ୍ୱ ହାନି ହୋଇଥିବା ଅର୍ଥ ସଂପୃକ୍ତ ଅଧିକାରୀଙ୍କ ଠାରୁ ଆଦାୟ କରିବା ନିମନ୍ତେ ନିର୍ଦ୍ଦେଶ ଦେବାକୁ ଆବେଦନ କରାଯାଇଥିବା ମହାସଂଘ ସଭାପତି ପଟ୍ଟନାୟକ କହିଛନ୍ତି।

## ମାଓବାଦୀ ଖଞ୍ଜିଥିବା ଲ୍ୟାଣ୍ଡମାଇନ ନିଷ୍କ୍ରିୟକଲେ ଯବାନ

ମାଲକାନଗିରି,୨୧।୧୧
(ସୁଚିତ୍ରା ଦାସ)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲାରେ ଯବାନଙ୍କୁ ଟାର୍ଗେଟକରି ମାଓବାଦୀମାନେ ଖଞ୍ଜିଥିବା ୨୦ କେ.ଜି.ର ଲ୍ୟାଣ୍ଡମାଇନ ଉଦ୍ଧାର କରାଯାଇଛି। ପରେ ବୋମା ନିଷ୍କ୍ରିୟକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଲ୍ୟାଣ୍ଡମାଇନକୁ ନିଷ୍କ୍ରିୟ କରିଥିଲେ।

ଭୈରମଗଡ଼ ଥାନା ଅଞ୍ଚଳର ଚେହକା ଓ ଉସପାରୀ ଜଙ୍ଗଲରେ ସିଆରପିଏଫ୍ ଓ ଡିଆର୍‌ଜି ଯବାନ କୋମ୍ବିଂ ଅପରେଶନ କରୁଥିଲେ। ତେବେ ରାସ୍ତାରେ ଏକ ବିଦ୍ୟୁତ୍ ତାର ପଡ଼ିଥିବା ଯବାନମାନେ ଦେଖି ଅତି ସତର୍କତାର ସହ ତାର ଲମ୍ବିଥିବା ସ୍ଥାନକୁ ଯାଇଥିଲେ। ସେଠାରେ ମାଓବାଦୀମାନେ ଏକ ଲ୍ୟାଣ୍ଡମାଇନ ଖଞ୍ଜିଥିବା ଯବାନମାନେ ଦେଖି ତୁରନ୍ତ ବୋମା ନିଷ୍କ୍ରିୟକାରୀ ଦଳକୁ ଘଟଣାସ୍ଥଳକୁ ଡାକିଥିଲେ। ବୋମା ନିଷ୍କ୍ରିୟକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ବୋମାକୁ ଅତି ସତର୍କତାର ସହ ବିସ୍ଫୋରଣ କରିଥିଲେ। ବୋମା ବିସ୍ଫୋରଣର ଶବ୍ଦ ଏତେ ଭୟଙ୍କର ଥିଲା ଯେ, ଏହା ୩ କିଲୋମିଟର ପର୍ଯ୍ୟନ୍ତ ଶୁଭିଥିଲା। ଏକ ବଡ଼ ଅଘଟଣରୁ ଯବାନମାନେ ବର୍ତ୍ତିଯାଇଥିବା କୁହାଯାଇଛି। ତେବେ ଏହି ଅଞ୍ଚଳକୁ ଯବାନମାନେ ଘେରିବା ସହ ସର୍ଚ୍ଚ ଅପରେଶନକୁ ଜୋର୍‌ଦାର କରିଥିଲେ।

## ବଢ଼ିଲା ପ୍ରାକ୍ ମାଟ୍ରିକ ଛାତ୍ରବୃତ୍ତି

ଭୁବନେଶ୍ୱର,୨୧।୧୧(ରବିନାରାୟଣ ଜେନା)

### ଛାତ୍ରୀଙ୍କୁ ୧୭ହଜାର, ଛାତ୍ରଙ୍କୁ ୧୬ହଜାର

ରାଜ୍ୟରେ ଅନୁସୂଚିତ ଜାତି, ଜନଜାତି ଓ ପଛୁଆ ବର୍ଗର ଛାତ୍ରୀଛାତ୍ରଙ୍କ ଉନ୍ନତି ପାଇଁ ସରକାର ଶୁକ୍ରବାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି। ଲୋକସେବାଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନା ଅନ୍ତର୍ଗତ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବର୍ଗର ଛାତ୍ରୀଛାତ୍ରମାନଙ୍କ ପାଇଁ ପ୍ରାକ୍-ମାଟ୍ରିକ ଛାତ୍ରବୃତ୍ତି ଏବଂ ମାଟ୍ରିକ ପରବର୍ତ୍ତୀ ଛାତ୍ରବୃତ୍ତି ହାର ବୃଦ୍ଧି କରାଯାଇଛି। ଏ ସଂକ୍ରାନ୍ତରେ ମୁଖ୍ୟଶାସନ ସଚିବ ମନୋଜ ଆହୁଜା କହିଛନ୍ତି, ରାଜ୍ୟରେ ଖାଦ୍ୟ ସାମଗ୍ରୀ ଏବଂ ଦୈନିକ ବ୍ୟବହାର କରାଯାଉଥିବା ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ୍ ବୃଦ୍ଧିକୁ ଲକ୍ଷ୍ୟକରି ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ନିଷ୍ପତ୍ତି ଅନୁଯାୟୀ, ଛାତ୍ରମାନଙ୍କ ପାଇଁ ଏହି ରାଶି ୧୦,୫୦୦ରୁ ୧୬ହଜାରକୁ ବୃଦ୍ଧି କରାଯାଇଥିବାବେଳେ ଛାତ୍ରୀମାନଙ୍କ କ୍ଷେତ୍ରରେ ୧୧ହଜାରରୁ ୧୭,୦୦୦ ଟଙ୍କା(ସର୍ବାଧିକ ୧୦ ମାସ ପାଇଁ) ବୃଦ୍ଧି କରାଯାଇଛି। ଏହି ଛାତ୍ରବୃତ୍ତି ଶିଶୁବାଟିକାଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଅନ୍ତେବାସୀ ଛାତ୍ରୀଛାତ୍ରମାନଙ୍କୁ ମିଳିବ।

ମାତ୍ର ଅନ୍ୱେଷା ଛାତ୍ରାବାସରେ ଅଧ୍ୟୟନରତ ଛାତ୍ରୀଛାତ୍ରମାନେ ପ୍ରାକ୍- ମାଟ୍ରିକ ଛାତ୍ରବୃତ୍ତି ବାବଦକୁ ବାର୍ଷିକ ୧୧,୦୦୦ ଟଙ୍କା ପରିବର୍ତ୍ତେ ୧୭,୦୦୦ ଟଙ୍କା ପାଇବେ। ସେହିପରି ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ଓ ମାଧ୍ୟମିକ ଶିକ୍ଷାରେ ଅଧ୍ୟୟନରତ ଏକାଦଶ ଏବଂ ଦ୍ୱାଦଶ ଶ୍ରେଣୀର ଅନ୍ତେବାସୀ ଛାତ୍ରୀଛାତ୍ରମାନଙ୍କ ପାଇଁ ପ୍ରଦାନ କରାଯାଉଥିବା ମେସ୍ ପରିଚାଳନା ଖର୍ଚ୍ଚ ଯଥା ମାଟ୍ରିକ ପରବର୍ତ୍ତୀ ଛାତ୍ରବୃତ୍ତି ହାରକୁ ମଧ୍ୟ ବୃଦ୍ଧି କରାଯାଇଛି। ଏହି ଯୋଜନା ମାଧ୍ୟମରେ ପ୍ରତି ଛାତ୍ର ବାର୍ଷିକ ୧୧ହଜାରରୁ ୧୬,୦୦୦ ଟଙ୍କା ପାଇବାକୁ ରହିଥିବାବେଳେ ଛାତ୍ରୀମାନେ ୧୭,୦୦୦ ଟଙ୍କା ବାର୍ଷିକ(୧୦ମାସ ପାଇଁ) ପାଇବେ। ଏହି ଛାତ୍ରବୃତ୍ତି ସଂଶୋଧନ ଦ୍ୱାରା ବିଦ୍ୟାଳୟରେ ଅଧ୍ୟୟନରତ ଅନୁସୂଚିତ ଜନଜାତି ବର୍ଗର ଅନ୍ତେବାସୀ ଛାତ୍ରୀଛାତ୍ରମାନେ ଉନ୍ନତମାନର ଓ ପୁଷ୍ଟିକର ଖାଦ୍ୟ ପାଇପାରିବେ। ଏହି ବର୍ଦ୍ଧିତ ଛାତ୍ରବୃତ୍ତି ୨୦୨୫-୨୬ ଶିକ୍ଷାବର୍ଷର ଡିସେମ୍ବର ମାସ ପହିଲାଠାରୁ ଲାଗୁ କରାଯିବ ବୋଲି ମୁଖ୍ୟଶାସନ ସଚିବ କହିଛନ୍ତି।

## ୬ କାଉନସିଲରଙ୍କ ସଭ୍ୟପଦ ରଦ୍ଦ

### ଦଳବଦଳ ଅଭିଯୋଗ

ସୋର,୨୧।୧୧(ଜନ୍ମେଜୟ ମିଶ୍ର)

ସୋର ପୌରପାଳିକାର ୬ଜଣ କାଉନସିଲର ଭାଜପାରୁ ଜିତି ବିଜେଡିରେ ଯୋଗଦାନ କରିଥିବାରୁ ରାଜ୍ୟ ନିର୍ବାଚନ କମିଶନର ସେମାନଙ୍କର ସଭ୍ୟପଦକୁ ରଦ୍ଦ କରିଛନ୍ତି। ସେମାନେ ହେଲେ ରଞ୍ଜନ ଦାସ, ସସ୍ମିତା ଦାସ, ପବିତ୍ର ସେଠୀ, ତନୟରାଣୀ ମହାପାତ୍ର, ଉର୍ମିଳା ରାଉତ ଓ ରିନାରାଣୀ ସେଠୀ।

୨୦୨୪ ସାଧାରଣ ନିର୍ବାଚନ ସମୟରେ ଏହି ୬ କାଉନସିଲର ଭାଜପା ଦଳ ଛାଡିବିଜେଡିରେ ମିଶିବା ସହ ବିଜେଡି ବିଧାୟକଙ୍କୁ ସମର୍ଥନ କରିଥିଲେ। ଏନେଇ ଭାଜପା ନେତା ନଳିନୀକାନ୍ତ ମହାପାତ୍ର ଜୁନ ୩ରେ ନିର୍ବାଚନ କମିଶନଙ୍କଠାରେ ଦ୍ୱାରସ୍ଥ ହୋଇଥିଲେ। ଦୀର୍ଘ ୧୭ମାସ ପରେ ୨୧ ତାରିଖରେ ରାଜ୍ୟ ନିର୍ବାଚନ କମିଶନ ଭାରପ୍ରାପ୍ତ ପୌରାଧ୍ୟକ୍ଷଙ୍କ ସମେତ ୬ଜଣ କାଉନସିଲରଙ୍କ ସଭ୍ୟପଦକୁ ରଦ୍ଦ କରିଛନ୍ତି। ବାଲେଶ୍ୱର ଜିଲା ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ନଳିନୀକାନ୍ତ ମହାପାତ୍ରଙ୍କ ଦ୍ୱାରା ୩ ଜୁନ, ୨୦୨୪ରେ ଏସଇସି, ଓଡିଶା ସମ୍ମୁଖରେ ଏକ ଅଭିଯୋଗ ଆବେଦନ ଦାଖଲ କରାଯାଇଥିଲା। ୨୦୨୨ରେ ସୋର ପୌରପାଳିକାରେ ଅନୁଷ୍ଠିତ ସାଧାରଣ ନିର୍ବାଚନରେ ଭାଜପା ଦଳୀୟ ଟିକେଟ ଓ ଦଳୀୟ ଚିହ୍ନରେ ସୋର ପୌରପାଳିକାର ୬ ଜଣ କାଉନସିଲରଙ୍କୁ ଅଯୋଗ୍ୟ ଘୋଷଣା କରାଯିବା ପ୍ରସଙ୍ଗରେ ଓଡ଼ିଶା ପୌରପାଳିକା ଆଇନ, ୧୯୫୦ର ଧାରା-୪୬କ ଅନୁଯାୟୀ ସୋର ଏନଏସିର ୟୁନିଟ ଏବଂ ପୂର୍ବତନ ଅଧ୍ୟକ୍ଷ ଯଥା ୱାର୍ଡ ନମ୍ବର ୧ର କାଉନସିଲର ଉର୍ମିଳା ରାଉତ, ୱାର୍ଡନମ୍ବର ୨ର କାଉନସିଲର ରୀନାରାଣୀ ସେଠୀ, ୱାର୍ଡନମ୍ବର ୩ର କାଉନସିଲର ସସ୍ମିତା ଦାସ, ୱାର୍ଡନମ୍ବର ୮ର କାଉନସିଲର ପବିତ୍ର ସେଠୀ, ୱାର୍ଡ ନମ୍ବର ୯ର କାଉନସିଲର ରଞ୍ଜନ କୁମାର ଦାସ ଏବଂ ୱାର୍ଡ ନମ୍ବର ୧୪ର କାଉନସିଲର ତନୟା ରାଣୀ ମହାପାତ୍ର ୧୯।୫।୨୦୨୪ରେ ବିଜୁ ଜନତା ଦଳରେ ଯୋଗଦାନ କରିଥିଲେ। ସୋରୋ ପୌରପାଳିକାରେ ୧୯ଟି ୱାର୍ଡ ରହିଛି। ଗତ ୨୪।୩।୨୦୨୨ରେ ସୋର ପୌରପାଳିକାରେ ଅନୁଷ୍ଠିତ ପୌର ନିର୍ବାଚନରେ ଭାରତୀୟ ଜନତା ପାର୍ଟିରୁ ୧୨ଜଣ କାଉନସିଲର ନିର୍ବାଚିତ ହୋଇଥିଲେ। ବିଜେଡିରୁ ୪ ଜଣ କାଉନସିଲର ଓ କଂଗ୍ରେସ ରୁ ୩ ଜଣ କାଉନସିଲର ନିର୍ବାଚିତ ହୋଇଥିଲେ।

**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BARIPADA**
E_Mail ID: serwcbaripada@gmail.com,
Ph.No-06792-261343/261344, Gangraj, Baripada
Office Order No.5198/ Dt.12.11.25

No.O-1536: In pursuance to e_Procurement Notice No- 5158/ Weir on Bridge Works, Dt.11.11.2025 & online tender N.C.B. No-398 of the Chief Construction Engineer, Rural Works Circle, Baripada is here by cancelled due to unavoidable technical reason.

Sd./- Er.A.K. Nayak
Chief Construction Engineer
R.W.Circle, Baripada
OIPR-

**obcc** No.CAD-2835
ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ
(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନର ଏକ ଉଦ୍ୟୋଗ)
**ODISHA BRIDGE & CONSTRUCTION CORPORATION LIMITED**
(A Government of Odisha Undertaking under Works Department)
No. 9836 Date:19.11.25
File: SMT-2086 NOTICE INVITING TENDER

| | | |
|---|---|---|
| 1. | Name of Work | Supply, Installation, testing & commissioning of HVAC in the buildings and LED Glow sign board on the top of the annex buildings in 200-seater Farmers' Hostel (Krushaka Bhawan) at OUAT, Bhubaneswar |
| 2. | Bid Identification No. of the Tender Document | 33/Tender/OBCC/2025-26 |
| 3. | Date of availability in e-procurement portal | From 27.11.2025 |
| 4. | Last Date & Time of receipt of online bid | 18.12.2025 till 4.30 P.M. |
| 5. | Date of Opening of online technical bid | 18.12.2025 at 5.00 P.M. |
| 6. | Period of Completion | 6 (Six) Months |
| 7. | Class of Contractor/Agency | Manufacturer or Authorized Supplier |

8. Further details can be seen from the e-Procurement portal https://www.tendersodisha.gov.in.
9. OBCC has the right to accept or reject the Notice/RFP/Proposal without assigning any reasons thereof.
OIPR- Sd./- Chief General Manager-II

**ODISHA CONSTRUCTION CORPORATION LIMITED BHUBANESWAR, ODISHA**
PIN-751012, Tel.No. (0674) 2562020,
e-Mail: theoccltd@odishaconstruction.com
GSTIN- 21AAACO2571K2ZM
E-Procurement Notice No.53/OCCL/2025-26 (on-line)
Bid Identification No.OCCL-EOI/AO/03/2025-26
**Expression of Interest (EoI)**
No.CAD-2383: Online Expression of Interest (EoI) is invited from the registered recruitment agencies of Central/State Govt. to take up the recruitment process of Fitter, Welder & Draughtsman (Mechanical) on behalf of OCCL. For details please visit the website https://www.tendersodisha.gov.in. The detail EOI documents will be available in said website from dt.21.11.2025, 03.30 P.M. to dt.05.12.2025 upto 5.30 P.M. & EOI received online will be opened on 06.12.2025 at 12.00 Noon onwards. The undersigned reserves the right to accept/reject any/ all application (s) without assigning any reasons thereof.
OIPR- Sd./- MANAGING DIRECTOR

GOVERNMENT OF ODISHA
**OFFICE OF THE ADDITIONAL CHIEF ENGINEER, PUBLIC HEALTH CIRCLE, BERHAMPUR**
E-Mail ID : acephcbam@gmail.com
NATIONAL COMPETITIVE BIDDING THROUGH e-Procurement
No.C-1506 Invitation For Bids (IFB)

| Sl. No. | Name of Work | Bid Identification Nio. | Estimated Cost (Rs. in Lakhs) | Period of Completion | Availability of Bid Document for Online Bidding From | To | Name & Address of Officer inviting Bid |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | "Construction of ESR for Zone-1 with laying of clear water distribution pipes and other ancillary works in accordance with SWAP-III projects of Purusottampur NAC" under State Plan | Identification No. ACEPHCBAM 12/2025-26 Dt.14.11.2025 | 247.65 | 9 (Nine) Calendar Months | 11.00 Hrs. of 21.11.2025 | 17.30 Hrs. of 08.12.2025 | Additional Chief Engineer, P.H. Circle Berhampur |

The technical bid shall be opened on dt.10.12.2025 at 12.30 P.M.
Further details can be seen from the e-Procurement portal http://tendersodisha.gov.in
OIPR- Sd./- Chief Engineer (PH)

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର, ଓଡ଼ିଶା
ODISHA UNIVERSITY OF AGRICULTURE & TECHNOLOGY
BHUBANESWAR - 751003, ODISHA
2025
Website: www.ouat.ac.in, E-Mail: registrarouat@gmail.com, Ph:0674-2397424, Fax:0674-2397424
No.E-II-II-05/2025/ 20030/ UAT, Dated 19th November, 2025
INDICATIVE ADVERTISEMENT
**No.KK-280: The previous advertisement No.E-II-II-05/2025-18161/UAT, Dt.18.10.2025 in this regard, for recruitment of Asst. Professor and its equivalent in different disciplines of teaching/ research establishment under OUAT which was kept in abeyance vide Notice No.18221/UAT, Dated 18.10.2025 has been cancelled vide Office Order No.20014/UAT, dated 19.11.2025. Thus, the applications received in response to this advertisement No.18161/UAT, dtd.18.10.2025 shall not be entertained.**
On cancellation of above notifications, fresh applications are invited from the eligible candidates in the prescribed format for recruitment of personnels in the cadre of Assistant Professor and its equivalent in the following subjects, lying vacant in Teaching/ Research Establishment of OUAT.

| | |
|---|---|
| (A) | **Agricultural Science** |
| | Agronomy-04, Plant Breeding & Genetics-09, Plant Physiology-02, Fruit Science & Horticulture Technology-02, Vegetable Science-03, Nematology-02, Plant Pathology-04, Soil Science & Agril. Chemistry-06, Agril. Extension Education-02, Post Harvest Management-01, Agl. Economics-03, Agril. Statics-01, Agril. Biotechnology-02 & Agro Forestry-02 Total-43 |
| (B) | **Agril. Engineering & Technology** |
| | Soil & Water Conservation Engineering (SWCE)-1, Farm Machinery & Power (FMP) -1 Total-02 |
| (C) | **Community Science** |
| | Apparel & Textile Science-03, Extension Education and Communication Management-04, Human Development & Family Studies-02, Resource Management & Consumer Science-02, Food and Nutrition-01 Total-12 |

The detailed advertisement with information sheet containing number of vacancies, reservation of posts in different category, prescribed application form, application fee & mode of payment, qualification, experience, scale of pay, age and other required conditions in respect of the vacancies as well as general information and instructions to the candidate can be downloaded from University website: ouat.ac.in.
Last date of receipt of application: 20.12.2025 upto 5.00 P.M.
By Order of the Vice-Chancellor
Sd./- REGISTRAR
OIPR-

**NOTIFIED AREA COUNCIL, DIGAPAHANDI**
GANJAM, ODISHA, PIN-761012
Phone:06814-295053, E-mail: dgp_nac@yahoo.com
Letter No.2853/DIGNAC Date:18.11.2025
QUOTATION CALL NOTICE
No.C-1517: The Executive Officer, NAC Digapahandi, Ganjam invites sealed quotation in prescribed form from the reputed agencies/firms/dealers/ individuals for "Upgradation and development of open spaces under Digapahandi NAC for the FY 2025-26".

| Sl. No. | Name and Nature of Work | Cost of Tender Paper | EMD Cost |
|---|---|---|---|
| 1 | Upgradation and development of open spaces under Digapahandi NAC for the FY 2025-26 | Rs.10,000/- (by Cash at Counter) | 1% of the Rate Quoted (Through BD/DD in favour of Executive Officer, NAC Digapahandi |

The quotationers are essentially required to furnish self-attested copies of the **PAN CARD, GST Registration Certificate** and **IT Returns**, alongwith copies of **previous work experience** or **work completion certificates** etc., as per the terms and conditions of the Tender Schedule.
Important Dates
1. **Start date for sale of quotation paper** : 19.11.2025, 10.00 AM onwards (during office hours, except Govt.Holidays)
2. **Last date for sale of quotation paper** : 10.12.2025 upto 05.30 PM (except Govt. Holidays)
3. **Last date for receipt of quotation paper** : 11.12.2025 upto 05.30 PM (Through **Speed Post/ Drop Box**)
4. **Date of Opening of sealed quotations** : 13.12.2025 at 11.00 AM by the Chairperson, Tender Committee/ Undersigned in **NAC, Digapahandi.**
OIPR- Sd./- Executive Officer
NAC, Digapahandi, Ganjam

**ODISHA CONSTRUCTION CORPORATION LTD.**
(A Govt. of Odisha Undertaking)
CENTRAL WORKSHOP, RASULGARH, BHUBANESWAR-751010 (ODISHA)
Tel-0674:2580107, Email:smppmcws@gmail.com, (GSTIN- 21AAACO2571K2ZM)
Tender Call Notice No.OCC/CWS/PROC/KIP-17(V-II)/60/2025-26 dtd.20.11.2025
No.CAD-2393: Type of Work: **Supply of labour for assembly of fabricated Hoist bridge of 130T rope drum hoist of Kanupur Irrigation Project at Kanupur site.** Total No.of Work: 01 (One). Period of Supply: 1 (One) Month.

| Procurement Officer | Tender Call Notice No. | Cost of Tender document (including GST) | Sale of Tender document | Submission of Tender document (as per TCN) |
|---|---|---|---|---|
| Senior Manager (Mech.), OCC Ltd. Central Workshop, Rasulgarh, Bhubaneswar | OCC/ CWS/ PROC/ KIP-17 (V-II) /60/ 2025-26, dtd.20.11.2025 | Rs.4720/- (Non-Refundable) | 20.11.2025 10.00 AM to 01.12.2025 1.00 PM | 20.11.2025 10.00 AM to 01.12.2025 3.30 PM |

Date of Opening of the Tender : 01.12.2025 at 4.00 P.M.
Further details can be seen from the website **(www.odishaconstruction.com)**
**Amendment/ Corrigendum/ Cancellation, if any shall be posted on-line only (OCCL website).**
OIPR- Sd./- Senior Manager (Mech.)-I, OCC Ltd., Bhubaneswar

ପୌର ପରିଷଦ, ହିଞ୍ଜିଳିକାଟୁ
HINJILICUT MUNICIPAL COUNCIL
ହିଞ୍ଜିଳିକାଟୁ, ଜିଲ୍ଲା: ଗଞ୍ଜାମ, ପିନ୍ - ୭୬୧୧୦୨, ଦୂରଭାଷ: ୦୬୮୧୧-୨୮୦୦୨୫, ଟୋଲ୍ ଫ୍ରି: ୧୮୦୦୧୨୩୦୦୪୫୬୭
At: Hinjilicut, Dist.: Ganjam, PIN - 761102, Contact: 06811-280025, Toll Free No.: 1800 123 004 567
